RNI Regd no: ODIODI/2013/49749 ■ Postal Regd. No: CK/N/19/2025-27 ■ Website: www.swadhikar.in ■ E-mail: swadhikar.news@gmail.com

ସାଧାରଣ ଜନତାର ସ୍ୱର

# ସ୍ୱାଧିକାର

Swadhikar

VOLUME-14 • ISSUE 35 • KENDRAPARA • WEDNESDAY, 06 MAY 2026 • PAGE-8 • ₹ 3.00 ODIA DAILY ବର୍ଷ-୧୪ • ସଂଖ୍ୟା-୩୫ • କେନ୍ଦ୍ରାପଡ଼ା • ମଇ ୦୬, ୨୦୨୬ • ବୁଧବାର • ପୃଷ୍ଠା-୦୮ • ମୂଲ୍ୟ-ଟ୩.୦୦

## କେନ୍ଦୁଝରରେ କଙ୍କାଳର ଚିତ୍କାର

ଓଡ଼ିଶା ଭୂଖଣ୍ଡର କେନ୍ଦୁଝରକୁ ସ୍ୱର୍ଣ୍ଣଗର୍ଭା କୁହାଯାଏ। ଯେଉଁ କେନ୍ଦୁଝରର ଖଣି ପଇସାକୁ ନେଇ ଓଡ଼ିଶାର ରାଜନୀତି ଆଜି ସମୃଦ୍ଧ, ସେହି କେନ୍ଦୁଝରର କଙ୍କାଳ ଆଜି ଆର୍ତ୍ତ ଚିତ୍କାର କରୁଛି। ଖଣି ଗର୍ଭା କେନ୍ଦୁଝରରେ ଯେଉଁ ମହାପୁରୁଷମାନେ ଜନ୍ମ ଗ୍ରହଣ କରିଛନ୍ତି ବା କେନ୍ଦୁଝରକୁ ନିଜର କର୍ମଭୂମି ବୋଲି ଭାବିଛନ୍ତି ସେମାନେ ଯେତିକି କୁବେର ପାଲଟିଛନ୍ତି, କେନ୍ଦୁଝରରେ ବସବାସ କରୁଥିବା ନିରୀହ ଆଦିବାସୀ ଆଜି ତା'ଠାରୁ ଅଧିକ ଗରିବରୁ ଗରିବ ହୋଇ ଚାଲିଛନ୍ତି। ଏହି ଜିଲ୍ଲାର ଖଣି ଖାଦାନରେ ଶ୍ରମଦାନ କରି ଖଣି ମାଲିକ, ଖଣି କମ୍ପାନୀ ଓ ରାଜ୍ୟ ସରକାରଙ୍କୁ ହଜାର ହଜାର କୋଟି ଟଙ୍କାର ମୁନାଫା ଦେଉଥିବାବେଳେ ସେହି ନିରୀହ ଆଦିବାସୀ ଶ୍ରମିକମାନେ ଆଜି କଙ୍କାଳ ଧରି ବୁଲୁଛନ୍ତି। ସେମାନଙ୍କର ଶିକ୍ଷା ଦୀକ୍ଷା ବୋଲି କିଛି ନାହିଁ। ପଥର ଖୋଳି ଖୋଳି ସେମାନେ ସେମାନଙ୍କର ରକ୍ତକୁ ପାଣି କରି କେବଳ କଙ୍କାଳ ହୋଇ ବୁଲୁଛନ୍ତି। ଆଜି ପର୍ଯ୍ୟନ୍ତ ସେମାନଙ୍କର ଆର୍ଥିକ ମାନଦଣ୍ଡ ସବୁଠାରୁ ନିମ୍ନରେ ରହିଛି। ଅଥଚ ସେମାନଙ୍କ ପରିଶ୍ରମ, ତ୍ୟାଗ ଓ ଭିଟାମାଟି ହରାଇବା ସାଙ୍ଗକୁ ଖଣି କମ୍ପାନୀ ଓ ଖଣି ମାଲିକ ଏବଂ ବଡ ବଡ ଖଣି ଦଲାଲଙ୍କ ଦ୍ୱାରା କ୍ରମାଗତ ଭାବେ ଶୋଷିତ ହୋଇ ଚାଲିଛନ୍ତି। ମୁଣ୍ଡ ଗୁଞ୍ଜିବାକୁ ସେମାନଙ୍କ ପାଖରେ ଛାତ ଟିଏ ନାହିଁ କିମ୍ବା ଦୁଇ ଓଳି ପେଟ ପୁରାଇ ଖାଇବାକୁ ଦାନା ନାହିଁ।

ଭାତ ହାଣ୍ଡିରୁ ଗୋଟିଏ ଚାଉଳ ଚିପିଲା ଭଳି ନିକଟରେ ଜିତୁ ମୁଣ୍ଡା ଘଟଣା ଏହାର ଗୋଟିଏ ମାତ୍ର ଉଦାହରଣ। କେନ୍ଦୁଝର ଜିଲ୍ଲାରେ ଏଭଳି କେତେ ଯେ ଜିତୁ ମୁଣ୍ଡା ଭଳି ଲୋକ ଅଛନ୍ତି ତାର କିଛି ହିସାବ ନାହିଁ। ପ୍ରଶାସନ, ମନ୍ତ୍ରୀ କିମ୍ବା ଜିଲ୍ଲା ଦାୟିତ୍ୱରେ ଥିବା ବାବୁମାନଙ୍କର ନଜର କେବେ ଏହିଭଳି ଜିତୁ ମୁଣ୍ଡା ମାନଙ୍କ ଉପରେ ପଡିପାରେନା। କାରଣ ସେଠି କେତେ ଖଣିଜ ସମ୍ପଦ ଲୁଟ କରିପାରିବ, କିଏ କେତେ ହଜାର କୋଟିର ମାଲିକ ହୋଇପାରିବ, ଆଉ କିଏ କେତେ ଆଟାଚି କାହାକୁ ଦେଇପାରିବ ସେହି ପ୍ରତିଦ୍ୱନ୍ଦିତା ଭିତରେ ଜିତୁ ମୁଣ୍ଡା ଭଳି ଅନେକ ଏମିତି ଅଣଦେଖା ହୋଇ ଦୃଷ୍ଟି ଉହାଡ଼ରେ ରହି ଅକାଳରେ ବିଭିନ୍ନ ରୋଗବ୍ୟାଧିରେ ଚାଲିଯାଉଛନ୍ତି ସେଥିପ୍ରତି କାହାର ନିଘା ନାହିଁ। ଯେମିତି ଜିତୁ ମଣ୍ଡାର ଭଉଣୀ ବିଚରା ଅର୍ଥାଭାବ ଓ ବିନା ଚିକିତ୍ସାରେ ପ୍ରାଣ ହରାଇଲେ ସେମିତି କେତେ କାହାର ଜୀବନ ଚାଲିଯାଉଛି ତାର ହିସାବ କେହି ରଖେ ନାହିଁ।

ବର୍ତ୍ତମାନ କେନ୍ଦୁଝର ଜିଲ୍ଲାକୁ ଏକ ଅପୂର୍ବ ସୁଯୋଗ ଆସିଛି। ଏହି ଆଦିବାସୀ ବହୁଳ ସମସ୍ୟା ଜର୍ଜରିତ ଜିଲ୍ଲାର ଜଣେ ୫୨ ବର୍ଷର ଯୁବକ ଓଡ଼ିଶା ଇତିହାସରେ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହୋଇଛନ୍ତି। ସେ ନିକଟରେ କେନ୍ଦୁଝରରେ ଏକ ସମାବେଶରେ ଘୋଷଣା କରିଥିଲେ ଯେ, ସେ କେନ୍ଦୁଝରକୁ ସୁନାର କେନ୍ଦୁଝର କରିବେ ବୋଲି। ଏହି ଘୋଷଣା କରିବାର ମାସ ଗୋଟିଏ ଯାଇନି, ଜିତୁ ମୁଣ୍ଡା ଭଳି ଜଣେ ନିରୀହ ଅଶିକ୍ଷିତ, ଗରିବ, ମଳିମୁଣ୍ଡିଆ ଶ୍ରମିକ ନିଜ ରକ୍ତ ମାଂସ ଦେଇ ଖଣି ଖାଦାନରେ ଖଟି ଖଟି ବ୍ୟାଙ୍କରୁ ମୃତ ଭଉଣୀର ଟଙ୍କା ଉଠାଇବା ପାଇଁ ଯାଇ ବ୍ୟାଙ୍କ, ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ଯେପରି ଲାଞ୍ଛିତ, ଅପମାନିତ ହେଲେ ତାହା ସବୁ ସୀମା ସରହଦକୁ ଟପିଗଲା। ସମସ୍ତଙ୍କ ପାଖରେ ମାନବିକତା ଯେମିତି ତା' ପାଇଁ ମରିଯାଇଥିଲା।

ସାମାନ୍ୟତମ ସମ୍ବେଦନଶୀଳତା, ଅନୁକମ୍ପା କିମ୍ବା ମାନବିକତା ହରାଇଥିବା ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ଦ୍ୱାରା ଜିତୁ ମଣ୍ଡା ଯେପରି ଲାଞ୍ଛିତ ହେଲେ ତାହା

**ଅକ୍ଷୟ କୁମାର ପତି**

ବିରଳ। ମୁଖ୍ୟମନ୍ତ୍ରୀ ଯଦି ପ୍ରଶାସନକୁ ଜିତୁ ମୁଣ୍ଡା ଘଟଣାରେ କଡ଼ା ବାର୍ତ୍ତା ନ ଦିଅନ୍ତି ତେବେ ତାଙ୍କର ସୁନାର କେନ୍ଦୁଝର ସ୍ୱପ୍ନ ସାକାର ହେବ ବୋଲି ବିଶ୍ୱାସ କରିହେବତ? କାରଣ ଏକା ଜିତୁ ମୁଣ୍ଡା ନୁହେଁ କେନ୍ଦୁଝରରେ ଏମିତି ଜିତୁ ଭଳି ବହୁ ନିରୀହ ଆଦିବାସୀ ଆଜି ବି ଶିଳ୍ପପତି, ଖଣି ମାଲିକ, ସରକାର ଓ କମ୍ପାନୀ ଦ୍ୱାରା ଶୋଷିତ ହୋଇ ଅକାଳରେ ମୃତ୍ୟୁବରଣ କରୁଛନ୍ତି। ସେମାନଙ୍କର ଆର୍ତ୍ତ ଚିତ୍କାର କେବେ କୌଣସି ସରକାର ପାଖରେ ଆଜି ଯାଏଁ ପହଞ୍ଚି ପାରିନାହିଁ। ପ୍ରଶାସନ ଓ ରାଜନୀତିକୁ ସେହି ଆଟାଚି କାହିଁ କେଉଁ କାଳରୁ ପ୍ରଭାବିତ କରି ଆସିଛି। ଆଜି ବି କେନ୍ଦୁଝରର ଛାତିକୁ ଚିରିବିଦାରି ତାର ରକ୍ତ ପିଇବାକୁ ସମସ୍ତେ ବ୍ୟସ୍ତ। ଯେତେବେଳେ ଖଣି ରାକ୍ଷସମାନେ ଏଥିପାଇଁ ପ୍ରତିଦ୍ୱନ୍ଦ୍ୱିତା କରି ନିଜର ପତିଆରା ବୃଦ୍ଧି କରିବାକୁ ବ୍ୟସ୍ତ ସେତେବେଳେ ଶହ ଶହ ଜିତୁ ମୁଣ୍ଡାଙ୍କର ସ୍ୱର ସରକାର ପାଖରେ ପହଞ୍ଚିବ କେମିତି?

ଆଉ ଏକ ଘଟଣା ସାମନାକୁ ଆସିଛି। ଖଣି ସମୃଦ୍ଧ ଏହି ଧନୀ ଜିଲ୍ଲାର ଝୁମ୍ପୁରା ବ୍ଲକ୍ ଚଉଠିଆ ପଞ୍ଚାୟତ ମଧୁପୁର ଗାଁର ରମାମଣି ମହାନ୍ତ । ୧୫ ବର୍ଷ ତଳେ ସ୍ୱାମୀ ବଳରାମଙ୍କୁ ହରାଇଥିଲେ । ୫ ବର୍ଷ ତଳେ ସବୁ ସମ୍ବଳ ବିକାଭାଙ୍ଗି ୩ ଝିଅଙ୍କୁ ବାହାଦେଲେ । ୪ ବର୍ଷ ତଳେ ବର୍ଷା ପବନରେ ମାଟିରେ ମିଶିଗଲା ଝାଟିମାଟି ଘର । ସେବେଠୁ ବ୍ଲକ୍ ତରଫରୁ ମିଳିଥିବା ୪-୫ ଫୁଟ୍ ଓସାରର ପାଇଖାନା ଘରେ ଦିନ କାଟୁଛନ୍ତି ରମାମଣି । ଆବାସ ଯୋଜନାରେ ଘର ଖଣ୍ଡେ ପାଇଁ ବହୁବାର ପଞ୍ଚାୟତରୁ ବ୍ଲକ୍ ଯାଏଁ ଦୌଡ଼ିଛନ୍ତି ରମାମଣି । ହେଲେ ସବୁ ବୃଥା । ୫ କେଜି ରାସନ୍ ଚାଉଳ ବ୍ୟତୀତ ବିଧବା ଭତ୍ତା ବି ମିଳିନି । ଏ ନେଇ ଝୁମ୍ପୁରା ବିଡିଓଙ୍କୁ ପଚାରିବାରୁ ସେ ଏ ସଂପର୍କରେ ଅବଗତ ନଥିବା କହିଛନ୍ତି । ଏଥିସହ ଶୀଘ୍ର ଘର ଓ ଭତ୍ତା ଦିଆଯିବ ବୋଲି ଭରସା ଦେଇଛନ୍ତି ରମାମଣିଙ୍କ ଭାଗ୍ୟ କେବେ ବଦଳୁଛି, ଦୁର୍ଦ୍ଦଶାର ଅନ୍ତ କେବେ ଘଟୁଛି, ଏବେ ତାକୁ ହିଁ ଅପେକ୍ଷା।

ଏବେ ହୁଏତ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲାର ହୋଇଥିବାରୁ ସେ ଏଭଳି କାର୍ଯ୍ୟକୁ ପ୍ରଶ୍ରୟ ଦେବେ ନାହିଁ। କାରଣ ସେ କେନ୍ଦୁଝରର ରାଜନୀତି ଭଲ ଭାବେ ବୁଝିଛନ୍ତି। ତାଙ୍କ ଆଖିରେ ଅନ୍ଧ ପୁଟୁଳି ବାନ୍ଧିବା ସହଜ ନୁହେଁ। କେନ୍ଦୁଝର ଜିଲ୍ଲାକୁ ସୁନାର କେନ୍ଦୁଝର କରିବାକୁ ସେ ଯେଉଁ ସ୍ୱପ୍ନ ଦେଖିଛନ୍ତି ତାକୁ ସାକାର କରିବା ପାଇଁ ହେଲେ ତାଙ୍କୁ ଅଧିକ କଠୋର ହେବା ଆବଶ୍ୟକ। ନିରୀହ ଆଦିବାସୀ ଶ୍ରମିକମାନେ ଯେଉଁ ପରି ଭାବେ ଶୋଷିତ ଓ ନିଷ୍ପେସିତ ହେଉଛନ୍ତି ତା' ଉପରେ ରୋକ୍ ଲଗାଇବା ଦରକାର। ପ୍ରଥମେ ସେମାନଙ୍କର ଅବସ୍ଥାର ଉନ୍ନତି ହେଲେ ଯାଇ ଜିଲ୍ଲା ସୁନାର ଜିଲ୍ଲା ହେବ। ଶିଳ୍ପପତି, ଖଣି ମାଲିକ, ମଧ୍ୟସ୍ଥି ଓ କିଛି ରାଜନେତା - ଖଣି ମାଲିକ ଦଲାଲଙ୍କୁ ସାବାଡ କରିବା ପାଇଁ ଯୁବ ମୁଖ୍ୟମନ୍ତ୍ରୀ ମୋହନ ବାବୁ ଉଦ୍ୟମ ନ କଲେ ଜିଲ୍ଲାର ପରିବର୍ତ୍ତନ ହୋଇପାରିବ ନାହିଁ। ଯେହେତୁ ସେ ଆଦିବାସୀ ସଂପ୍ରଦାୟରୁ ଆସିଛନ୍ତି, ସେ ଭଲ ଭାବେ ସେମାନଙ୍କର ଦୁଃଖ ବୁଝିଛନ୍ତି। ସେମାନଙ୍କର ସ୍ୱାଭିମାନ ଜାଣିଛନ୍ତି। ସେମାନେ ଗରିବ ଖାଇବାକୁ ନ ପାଇଲେ ମଧ ଚୋରି କରିବେନି କିମ୍ବା କାହାକୁ ଧୋକ୍କା ଦେବେ ନାହିଁ । ଏକଥା ମୋହନ ବାବୁ ଯେପରି ଭୁଲି ନ ଯାଆନ୍ତି । ନ ହେଲେ ଯୁଗ ଯୁଗ ପାଇଁ ଏଭଳି କଙ୍କାଳର ଚିତ୍କାର ଶୁଣିବାକୁ ପଡ଼ିବ।

### ଅହମ୍ମଦାବାଦରେ ମୁଖ୍ୟମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀ

# ପୂର୍ବାଞ୍ଚଳ ଅଭିବୃଦ୍ଧିର ଅଭିଯାନ ଆରମ୍ଭ

ଅହମ୍ମଦାବାଦ(ଗୁଜରାଟ),୫।୫(ସ୍ୱାଧିକାର ନ୍ୟୁଜ): "ଗୁଜରାଟ ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି। ବର୍ତ୍ତମାନ ଭାରତ ର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ। ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି । ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକ ମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ।" ଆଜି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼, ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତା ଦେଇଛନ୍ତି । 'ପୂର୍ବୋଦୟ' ପରିକଳ୍ପନାରେ ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି। ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ





ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ । ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆମେ ଗୁଜରାଟକୁ ଏକ ସ୍ପଷ୍ଟ ସନ୍ଦେଶ ନେଇ ଆସିଛୁ । ଭାରତର ଶିଳ୍ପ ଅଭିବୃଦ୍ଧିର ପରବର୍ତ୍ତୀ ଅଧ୍ୟାୟ ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ। ଆମେ ଶିଳ୍ପଜଗତକୁ ଓଡ଼ିଶାରେ ନିବେଶ କରିବାକୁ ଆମନ୍ତ୍ରିତ କରୁଛୁ, ଏବଂ ମିଳିତ ଅଭିବୃଦ୍ଧି ମାଧ୍ୟମରେ ଦେଶର ସମୃଦ୍ଧିରେ ଯୋଗଦାନ ରଖିବାକୁ ଅନୁରୋଧ କରୁଛୁ ।"

ଏହି ପ୍ରତିନିଧି ମଣ୍ଡଳୀରେ ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ

- ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶିତ କଲେ ମୁଖ୍ୟମନ୍ତ୍ରୀ
- ଭାରତର ପୂର୍ବାଞ୍ଚଳକୁ ସମୃଦ୍ଧ କରିବ ଓଡ଼ିଶା
- ପ୍ରଥମ ଦିନରେ ୨୬ 'ୱାନ୍-ଟୁ-ୱାନ୍' ବୈଠକ

ଶାସନ ସଚିବ ହେମନ୍ତ ଶର୍ମା ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ରୋଡ୍-ଶୋ ଅବସରରେ ବସ୍ତ୍ର ଓ ବୟନ ଶିଳ୍ପ ସମେତ ବିଭିନ୍ନ କ୍ଷେତ୍ର ଭିତ୍ତିକ ଆଲୋଚନା ଏବଂ ଉଦ୍ୟୋଗପତିଙ୍କ ସହ ସିଧାସଳଖ (ପୃ-୭)

## ୭ରେ ଶପଥ ନେବେ ବିଜୟ

ନୂଆଦିଲ୍ଲୀ, ୫।୫(ଏଜେନ୍ସି): ଟିଭିକେ (ତାମିଲଗା ଭେଟ୍ରି କାଝାଗମ) ମୁଖ୍ୟ ଏବଂ ଅଭିନେତାରୁ ରାଜନେତା ବନିଥିବା ଥାଲାପତି ବିଜୟ ଆସନ୍ତା ମେ ୭ ତାରିଖରେ ତାମିଲନାଡୁର ନୂଆ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ।



### କଂଗ୍ରେସ ସହ ମେଣ୍ଟ ସମ୍ଭାବନା

ଚେନ୍ନାଇର ଜବାହରଲାଲ ନେହରୁ ଇଣ୍ଡୋର୍ ଷ୍ଟାଡିୟମ୍‌ରେ ଶପଥ ଗ୍ରହଣ ଉତ୍ସବ ହେବ ଏବଂ ଆସନ୍ତାକାଲି ବିଜୟ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ଭେଟି ସରକାର ଗଠନ ପାଇଁ ଦାବି କରିବେ ବୋଲି ଜଣାପଡ଼ିଛି।

ତାମିଲନାଡୁ ନିର୍ବାଚନରେ ବିଜୟଙ୍କ ଦଳ ୧୦୮ ଆସନରେ ବିଜୟୀ ହୋଇ ସର୍ବବୃହତ୍ ଦଳ ଭାବେ ଉଭା ହୋଇଥିଲେ ମଧ୍ୟ ସରକାର ଗଠନ ପାଇଁ ଆବଶ୍ୟକ ସଂଖ୍ୟାଠାରୁ ଏହା ପଛରେ ରହିଛି। ସରକାର ଗଠନ ପାଇଁ (ପୃ-୭)

## ଦିଦିଙ୍କ ଜିଦ୍ : ଇସ୍ତଫା ଦେବିନି

କୋଲକାତା୫।୫((ଏଜେନ୍ସି): ପଶ୍ଚିମବଙ୍ଗରେ ଲଗାତାର ୩ ପାଳି କ୍ଷମତାରେ ରହିବା ପରେ ଗତକାଲି ବିଜେପିଠାରୁ ନିର୍ବାଚନ ହାରିଥିବା ତୃଣମୂଳ କଂଗ୍ରେସ ମୁଖ୍ୟ ଏବଂ ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିଦେଇଛନ୍ତି। ଏକ ସାମ୍ବାଦିକ ସମ୍ମିଳନୀରେ ଉଦ୍‌ବୋଧନ ଦେଇ ମମତା କହିଛନ୍ତି, ମୁଁ ନିର୍ବାଚନ ହାରିନାହିଁ, ତେଣୁ ମୁଁ ରାଜଭବନ ଯିବିନାହିଁ। ମୋର ଇସ୍ତଫା ଦେବାର ପ୍ରଶ୍ନ ଉଠୁନି। ମମତା ଦାବି କରିଛନ୍ତି ଯେ, ନିର୍ବାଚନ ନିରପେକ୍ଷ ଭାବେ ପରିଚାଳନା କରାଯାଇନି। ନିର୍ବାଚନକୁ ବଳପୂର୍ବକ କବ୍‌ଜା କରିବା ପାଇଁ ବିଜେପି ଅନୁଚିତ ହସ୍ତକ୍ଷେପ କରିଛି ଏବଂ କେନ୍ଦ୍ରୀୟ ବାହିନୀ ବ୍ୟବହାର କରିଛି।




ମମତା ଦୃଢ଼ୋକ୍ତି ବାଢ଼ିଛନ୍ତି ଯେ, ତାଙ୍କ ଦଳ ଫଳାଫଳକୁ ଚ୍ୟାଲେଞ୍ଜ କରିବ ଏବଂ ଏହାର ରାଜନେତିକ ଲଇ ଜାରି ରଖିବ। ସେ କହିଛନ୍ତି, ଆମେ ଜନାଦେଶ ଦ୍ୱାରା ହାରିନାହୁଁ ବରଂ ଷଡଯନ୍ତ୍ର ଦ୍ୱାରା ହାରିଛୁ। ଆମେ ବାଘ ପରି ଲଢ଼ୁ ଏବଂ ପୁଣିଥରେ ଫେରିବୁ। ସେ କହିଛନ୍ତି, ତାଙ୍କ ଦଳର ଲଇ କେବଳ ବିଜେପି ସହ ନୁହେଁ ବରଂ ନିର୍ବାଚନ କମିସନ ବାସ୍ତବ ପ୍ରତିଦ୍ୱନ୍ଦ୍ୱୀ। ମମତା କହିଛନ୍ତି, ଆମେ ଇସି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବୁ। ଆମେ ଲଢ଼ିବୁ। କିନ୍ତୁ ରଣନୀତି ଏବେ ଗୁପ୍ତ ରହିବ। ଏ ସମ୍ପର୍କରେ ଏବେ କିଛି କୁହାଯିବନି।

ସେ କହିଛନ୍ତି, ଆମେ ସମଗ୍ର ବ୍ୟବସ୍ଥା ବିରୋଧରେ ଲଢ଼ୁଛୁ। ପ୍ରଧାନମନ୍ତ୍ରୀ ଓ ଗୃହମନ୍ତ୍ରୀ ମଧ୍ୟ ସମ୍ପୃକ୍ତ। ସେମାନେ ୯୦ ଲକ୍ଷ ନାଁ ଭୋଟର ତାଲିକାରୁ କାଟି ଦେଇଥିଲେ। ଆମେ କୋର୍ଟକୁ ଯିବା ପରେ ତାଲିକାରେ ପୁଣି ୩୨ ଲକ୍ଷ ନାଁ ଯୋଡିହେଲା। ଏହା ଅତ୍ୟନ୍ତ ଦୁଃଖଦାୟକ ଯେ, ମୁଖ୍ୟ ନିର୍ବାଚନ କମିସନର ଲୋକଙ୍କ ଗଣତାନ୍ତ୍ରିକ ଅଧିକାର ଲୁଟ୍ କରିବା ପାଇଁ ଏବଂ ଇଭିଏମ୍ ଲୁଟ୍ କରିବା ପାଇଁ ଚଳିତ ନିର୍ବାଚନର ଭିଲିଆନ୍ ପାଲଟିଥିଲେ। ଇଭିଏମ୍‌ରେ ଭୋଟ୍ ଦେବା ପରେ ୮୦-୯୦ ପ୍ରତିଶତ ଚାର୍ଜ ରହିଲା କିପରି ନିର୍ବାଚନର ୨ ଦିନ ପୂର୍ବରୁ ସେମାନେ ଆମ ଲୋକଙ୍କୁ ଗିରଫ କଲେ। ସେମାନେ ସବୁଠି ଚଡ କଲେ। ସେମାନେ ସମସ୍ତ ଆଇପିଏସ୍ ଓ ଆଇଏଏସ୍ ଅଫିସରଙ୍କୁ ବଦଳି କଲେ। ଏହା ବିଜେପି ଓ ନିର୍ବାଚନ କମିସନ ମଧ୍ୟରେ ଏକ ବେଟିଂ ଥିଲା। ଆମେ ସମସ୍ତ ବ୍ୟବସ୍ଥା ବିରୋଧରେ ଲଢ଼ୁଛୁ। ସେମାନେ ଅତି ଖରାପ ଖେଳ ଖେଳିଛନ୍ତି। ମୋ ଜୀବନରେ ମୁଁ ଏମିତି ନିର୍ବାଚନ (ପୃ-୭)

## ଶୁଣୁନି ଇସ୍କନ

ପୁରୀ,୫।୫(ସ୍ୱାଧିକାରନ୍ୟୁଜ): ୨୦୨୬ ମସିହା ଅର୍ଥାତ୍ ଚଳିତ ବର୍ଷ ଆହୁରି ୬୧ ଜାଗାରେ ତିଥି ବିହୀନ ବା ଅଦିନିଆ ରଥଯାତ୍ରା କରିବକୁ ପ୍ରସ୍ତୁତି କରିଛି ଇସ୍କନ। ୟୁଏସ୍‌ଏ ଓ କାନାଡାର ୨୮ଟି ସ୍ଥାନରେ, ୟୁକେ ଏବଂ ୟୁରୋପର ୨୮ଟି, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡର ୨ଟି ଏବଂ ଆଫ୍ରିକା, ଏସିଆ ଓ ରୁଷିଆର ଗୋଟିଏ ଲେଖାଏଁ ସ୍ଥାନରେ ଅଦିନିଆ ରଥଯାତ୍ରା କରିବ ଇସ୍କନ । ଅଦିନିଆ ରଥଯାତ୍ରାକୁ କଡା ବିରୋଧ ସତ୍ତ୍ୱେ ୨୦୨୫ରୁ

### ୬୧ ସ୍ଥାନରେ ଅଦିନିଆ ରଥଯାତ୍ରା ପ୍ରସ୍ତୁତି



ଏଯାବତ୍ ବିଦେଶରେ ୨୯ ସ୍ଥାନରେ ଅଦିନିଆ ରଥଯାତ୍ରା କରିସାରିଛି ଇସ୍କନ । ସେହିପରି ୨ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା ମଧ୍ୟ କରିଛି । ଆଗକୁ ଆହୁରି ୮ଟି ଅଦିନିଆ ସ୍ନାନ ପୂର୍ଣ୍ଣିମା କରିବାକୁ ପ୍ରସ୍ତୁତି କରିଛି । ଅଦିନରେ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କ୍ଷତିକାରଣ ହେବା ସହ ଏନେଇ ଶାସ୍ତ୍ରୀୟ ନିର୍ଦ୍ଦେଶ ନଥିବା ବାରମ୍ବାର ଶ୍ରୀମନ୍ଦିର ପ୍ରଶାସନ ଓ ପଣ୍ଡିତମାନେ ମତ ଦେଉଛନ୍ତି । ଗଜପତି ମଧ୍ୟ ଏନେଇ ଇସ୍କନକୁ ଚିଠି କରି (ପୃ-୭)

## ଜୁନ୍ ୧ରୁ ରାୟଗଡ଼ା ନୂଆ ରେଳ ଡିଭିଜନ

ଭୁବନେଶ୍ୱର,୫।୫(ସ୍ୱାଧିକାରନ୍ୟୁଜ): ରାୟଗଡ଼ାରେ ନୂଆ ରେଳ ଡିଭିଜନ । ଜୁନ ୧ରୁ କାର୍ଯ୍ୟକାରୀ ହେବ ରାୟଗଡା ଡିଭିଜନ । ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗେଜେଟ୍




ନୋଟିଫିକେସନ ଜାରି ହୋଇଛି । ଏହା ଓଡ଼ିଶାର ରେଳ ସଂଯୋଗ, ପରିବହନ ସୁବିଧା ଓ ଆର୍ଥିକ ଉନ୍ନତିକୁ ବୃଦ୍ଧି କରିବ।

ଏହା ଛଡ଼ା, ଦକ୍ଷିଣ ତଟ ରେଳୱେ ମଧ୍ୟ ନୂତନ ଭାବେ ଆରମ୍ଭ ହେବ । ପୂର୍ବ ତଟ ରେଳବାଇ ଓ ଦକ୍ଷିଣ କେନ୍ଦ୍ର ରେଳ ତଟରୁ କିଛି ଅଂଚଳକୁ ନେଇ ଦକ୍ଷିଣ ତଟ ରେଳ କରାଯାଇଛି। ଏହି ନୂତନ ତଟ କାର୍ଯ୍ୟାଳୟ ବିଶାଖାପାଟଣାରେ କରାଯାଇଛି । ଏହା ମଧ୍ୟ ଜୁନ ୧ରୁ କାର୍ଯ୍ୟକାରୀ ହେବା ନେଇ ଗେଜେଟ୍

### ଆନୁଷ୍ଠାନିକ ବିଜ୍ଞପ୍ତି ପ୍ରକାଶ

ନୋଟିଫିକେସନ ଜାରି ହୋଇଛି। ୱାଲଟିଅର୍ ଡିଭିଜନକୁ ଦୁଇ ଭାଗ କରାଯାଇଛି । ଗୋଟିଏ ଭାଗ ରାୟଗଡ଼ା ଡିଭିଜନ ଯାହା ପୂର୍ବ ତଟ ରେଳ ଅଧୀନରେ ରହିବ। ଆନ୍ୟ ଭାଗ ଦକ୍ଷିଣ ତଟ ବିଶାଖାପାଟଣା ଅଧୀନରେ ରହିଛି।

ପୂର୍ବତଟ ରେଳୱେ ସିପିଆରଓ ଦୀପକ ରାଉତ କହିଛନ୍ତି ଯେ, ଖୋର୍ଦ୍ଧା ରୋଡ ଡିଭିଜନରେ ଥିବା ପଲାସା (ପୃ-୭)

### ୯ରେ ପଶ୍ଚିମବଙ୍ଗରେ ନୂଆ ସରକାର

## ସିଏମ୍ ବାଛିବେ ଶାହ-ମୋହନ

**ନୂଆଦିଲ୍ଲୀ,୫।୫(ସ୍ୱାଧିକାରନ୍ୟୁଜ):** ପଶ୍ଚିମବଙ୍ଗ ଏବଂ ଆସାମ ବିଧାନସଭା ନିର୍ବାଚନରେ ବିଜେପିର ବହୁମତ ପରେ ସରକାର ଗଠନ ପ୍ରକ୍ରିୟା ଜୋରଦାର ହୋଇଛି। ବିଧାୟକ ଦଳର ନେତା ଚୟନ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ପଶ୍ଚିମବଙ୍ଗ ପାଇଁ ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି। ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସହ-ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଛି। ଦୁଇ ନେତା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଚୟନ ଏବଂ ସରକାର ଗଠନ ପ୍ରକ୍ରିୟାର ତଦାରଖ କରିବେ ।ଆସାମ ପାଇଁ କେନ୍ଦ୍ର ମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ଜେପି ନଡ୍ଡାଙ୍କୁ ଆସାମ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେ ଆସାମ ବିଧାୟକ ଦଳର ନେତା ନିର୍ବାଚନ ପ୍ରକ୍ରିୟା ପରିଚାଳନା କରିବେ ।ହରିୟାଣା ମୁଖ୍ୟମନ୍ତ୍ରୀ ନାୟବ ସିଂ ସୈନୀଙ୍କୁ ଆସାମ ପାଇଁ ସହ-ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ମିଳିଛି।



ପଶ୍ଚିମବଙ୍ଗର ୨୯୪ଟି ଆସନ ମଧ୍ୟରୁ ବିଜେପି ୨୦୭ଟି ଆସନ ଜିତି ଏକ ଐତିହାସିକ ବିଜୟ ହାସଲ କରିଛି ।ପଶ୍ଚିମବଙ୍ଗରେ ନୂଆ ବିଜେପି ସରକାର ଆସନ୍ତା ମେ ୯ ତାରିଖରେ ଶପଥ ଗ୍ରହଣ କରିବେ। ଏହି ପର୍ଯ୍ୟବେକ୍ଷକମାନେ ନବ ନିର୍ବାଚିତ ବିଧାୟକମାନଙ୍କ ସହ ଆଲୋଚନା କରି ମୁଖ୍ୟମନ୍ତ୍ରୀଙ୍କ ନାମ ଚୂଡ଼ାନ୍ତ କରିବେ। ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ଏହି (ପୃ-୭)

## କେନ୍ଦ୍ର କ୍ୟାବିନେଟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

ନୂଆଦିଲ୍ଲୀ, ୫।୫(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟରେ ଆଜି ଗୁରୁତ୍ୱ ନିଷ୍ପତ୍ତି ନିଆଯାଇଛି।

ଆଜି ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬କୁ ସଂସଦରେ ଆଗତ କରିବା ପ୍ରସ୍ତାବକୁ ମଞ୍ଜୁରି ଦେଇଛନ୍ତି, ଯାହା ଦ୍ୱାରା ସୁପ୍ରିମକୋର୍ଟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ, ୧୯୫୬ରେ ସଂଶୋଧନ କରାଯାଇ ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ଟି ବୃଦ୍ଧି କରାଯାଇ ବର୍ତ୍ତମାନର ୩୩ରୁ ୩୭କୁ (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) କରାଯାଇପାରିବ। ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ବିଲ୍, ୨୦୨୬ ରେ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ୪ ବୃଦ୍ଧି ପାଇ ଅର୍ଥାତ୍ ୩୩ ରୁ ୩୭ କୁ ବୃଦ୍ଧି କରିବାର ବ୍ୟବସ୍ଥା ରହିଛି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ)। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି

- ବଢ଼ିବ ସୁପ୍ରିମକୋର୍ଟର ବିଚାରପତିଙ୍କ ସଂଖ୍ୟା
- ଆଖୁର କ୍ୱିଣ୍ଟାଲ ପିଛା ଉଚିତ୍ ମୂଲ୍ୟ ୩୬୫ ଟଙ୍କା
- କପା ଉତ୍ପାଦନ ମିଶନକୁ ଅନୁମୋଦନ
- ଜରୁରୀକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ଯୋଜନାକୁ ମଞ୍ଜୁରୀ

ହେବା ଦ୍ୱାରା ସୁପ୍ରିମକୋର୍ଟ ଅଧିକ ଦକ୍ଷତାର ସହ କାର୍ଯ୍ୟ କରିପାରିବେ ଏବଂ ତ୍ୱରିତ ନ୍ୟାୟ ସୁନିଶ୍ଚିତ କରିପାରିବେ। ବିଚାରପତି ଏବଂ ସହାୟକ କର୍ମଚାରୀଙ୍କ ଦରମା ଏବଂ ଅନ୍ୟାନ୍ୟ ସୁବିଧା ଉପରେ ଖର୍ଚ୍ଚ ଭାରତର ସଞ୍ଚିତ ପାଣ୍ଠିରୁ ପୂରଣ କରାଯିବ। ଭାରତୀୟ ସମ୍ବିଧାନର ଧାରା ୧୨୪ (୧) ରେ କୁହାଯାଇଛି ଯେ, "ଭାରତର ଜଣେ ପ୍ରଧାନ ବିଚାରପତିଙ୍କୁ ନେଇ ଏକ ସର୍ବୋଚ୍ଚ ନ୍ୟାୟାଳୟ ଗଠିତ ହେବ ଏବଂ ସଂସଦରେ ଯେ ପର୍ଯ୍ୟନ୍ତ ଆଇନ ଦ୍ୱାରା ଅଧିକ ସଂଖ୍ୟା ନିର୍ଦ୍ଧାରଣ ନକରିଛନ୍ତି, ସାତ ଜଣରୁ ଅଧିକ ଅନ୍ୟ ବିଚାରପତି ହୋଇପାରିବେ ନାହିଁ ।" ଭାରତର ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ବୃଦ୍ଧି କରିବା ପାଇଁ ୧୯୫୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ଅଧିନିୟମ ୧୯୫୬ ମାଧ୍ୟମରେ ଏକ ଅଧିନିୟମ ପ୍ରଣୟନ କରାଯାଇଥିଲା। ଏହି ଆଇନର ଧାରା ୨ ଅନୁଯାୟୀ ସର୍ବାଧିକ ୧୦ ଜଣ ବିଚାରପତି (ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ) ରହିବେ ।ଭାରତର ସର୍ବୋଚ୍ଚ (ପୃ-୭)

## ସ୍ପଞ୍ଜ ଆଇରନ କାରଖାନାରେ ଅଘଟଣ, ୩ ମୃତ

ଅନୁଗୋଳ,୫।୫(ସ୍ୱାଧିକାରନ୍ୟୁଜ): ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳରେ ଥିବା ମେଟାଲିକ ସ୍ପଞ୍ଜ ଆଇରନ ପ୍ଲାଣ୍ଟରେ ବଡ଼ ଧରଣର ଦୁର୍ଘଟଣା ହୋଇଛି । ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ଖବର ଅନୁସାରେ, ଗତ ବିଳମ୍ବିତ ରାତିରେ ଡିଆରଆଇ ୟୁନିଟରେ ମେଣ୍ଟେନାନ୍ସ କାମ ଚାଲିଥିବା ସମୟରେ ଶ୍ରମିକମାନେ ଗୁରୁତର ଭାବେ ପ୍ରଭାବିତ ହୋଇଥିଲେ । ଘଟଣା ସମୟରେ ସେଠାରେ କାମ କରୁଥିବା ଶ୍ରୀଧର ବୋଗେନ (୩୭), ମଣ୍ଟୁ କୁମାର (୩୨) ଓ ମଙ୍ଗଳ ମାଝି (୪୦) ଗ୍ୟାସର ପ୍ରଭାବରେ



ଅସୁସ୍ଥ ହୋଇପଡ଼ିଥିଲେ। ସେମାନଙ୍କୁ ତୁରନ୍ତ ପ୍ରଥମେ ସ୍ଥାନୀୟ ଚିକିତ୍ସାଳୟକୁ ଏବଂ ପରେ କଟକକୁ ସ୍ଥାନାନ୍ତର କରାଯାଉଥିବା ବେଳେ ହିନ୍ଦୋଳ ନିକଟରେ ସମସ୍ତଙ୍କ ମୃତ୍ୟୁ ଘଟିଥିଲା ବୋଲି ସୂଚନା ମିଳିଛି। ମୃତକମାନଙ୍କ ମଧ୍ୟରୁ ଦୁଇଜଣ ସୁନ୍ଦରଗଡ ଜିଲା ଟାଙ୍ଗରପାଲି ବ୍ଲକ ତିନିଗୁଡା ଗାଁର ହେଉଥିବାବେଳେ (ପୃ-୭)

# ମିଠା ବାଣ୍ଟିଲେ ଲଳିତ

**ରାଜନଗର, ୫ ।୫ (ସ୍ୱାଧିକାର ନ୍ୟୁଜ) :** ତିନି ରାଜ୍ୟରେ ବିଜେପିର ବିପୁଳ ବିଜୟ ପରେ କେନ୍ଦ୍ରାପଡା ଜିଲ୍ଲା ସମେତ ରାଜନଗରର ବିଜେପି କର୍ମୀଙ୍କ ମନୋବଳ ଦୃଢ ସହ ଆନନ୍ଦରେ ଉତ୍ସାହିତ ହେଇପଡିଛନ୍ତି ନେତା ଓ କର୍ମୀ । ଆଜି ରାଜନଗର ନିର୍ବାଚନ ମଣ୍ଡଳୀର ବିଜେପି ବିଧାନ ସଭା ନେତା ଲଳିତ ବେହେରାଙ୍କ ନେତୃତ୍ୱରେ ଶତାଧିକ କର୍ମକର୍ତ୍ତା ଗୋପାଳପୁରୁ ବିଜେପି କାର୍ଯ୍ୟାଳୟରେ ଉତ୍ସାହିତ ହୋଇ ଶୋଭା ଯାତ୍ରାରେ ବଜାର ପରିକ୍ରମା କରି ବାଣ ଫୁଟାଇ ମିଠା ବାଣ୍ଟି ଖୁଆ ଖୋଇ ହୋଇ ବିଜୟ ଉତ୍ସବ ପାଳନ କରିଥିଲେ । ବିଜେପି ବିଧାୟକ ପ୍ରାର୍ଥୀ ଲଳିତ ବେହେରା ସମସ୍ତଙ୍କୁ ଖୁସି ମନାଇ ମିଠା ବାଣ୍ଟିଥିଲେ । ରାଜନଗର ବିଜେପିର ଦୃଢ ସଂଗଠକ ତଥା ୩୦ ନମ୍ବର ଜୋନର ମଣ୍ଡଳ ସଭାପତି ନିମାଇଁ ଚରଣ ରାଉତଙ୍କ ସହଯୋଗରେ ବିଜୟ ଉତ୍ସବ ପାଳନ ହୋଇଥିଲା । ଏଥିରେ ଜୋନ୍ ସ୍ତରୀୟ ବହୁ ନେତା ଯୋଗ ଦେଇଥିଲେ ।



# ବିଜେପିର ବିଜୟ ଉତ୍ସବ

**ଡେରାବିଶ, ୫ ।୫ (ସ୍ୱାଧିକାର ନ୍ୟୁଜ) :** ପାଟକୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକ ମୁଖ୍ୟ ବ୍ୟବସାୟ ସ୍ଥଳ ଚାନ୍ଦୋଳ ଫାଣ୍ଡି ଛକ ସ୍ଥିତ ବିଜେପି କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ଚାନ୍ଦୋଳ ମଣ୍ଡଳ ପକ୍ଷରୁ ବିଜୟ ଉତ୍ସବ ପାଳିତ ହୋଇଯାଇଛି । ଗତ ବିଧାନସଭା ନିର୍ବାଚନରେ ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀରେ ବିଜେପିର ବିଜୟ ପାଇଁ ମଣ୍ଡଳ ଦଳୀୟ କର୍ମୀଙ୍କ



ପକ୍ଷରୁ ଏହି ବିଜୟ ଉତ୍ସବ ପାଳନ କରାଯାଇଥିଲା । ମଣ୍ଡଳ ଅଧିନସ୍ଥ ଚାନ୍ଦୋଳ, ଦାନପୁର, ମୁକୁନ୍ଦପୁର, ଖମୋଳ, ରତାଦିଆ ଖଣ୍ଡସାହି, ବସୁପୁର, ଜଅରାବାରିମୂଳ, ହରିଅଙ୍କ ଓ ଇନ୍ଦାକୋ ପଞ୍ଚାୟତର ଶକ୍ତିକେନ୍ଦ୍ର ପ୍ରମୁଖ ଓ ବୁଥ ସଭାପତିଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗଦେଇ ବିଜୟ ଉତ୍ସବ ପାଳନ କରିଥିଲେ । ବିଶେଷ କରି ଆସାମରେ ପ୍ରଭାରୀ ଥିବା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କ ସାଂଗଠନିକ ଦକ୍ଷତାରେ ଆସାମରେ ବିପୁଳ ଭୋଟରେ ବିଶ୍ୱ ଶର୍ମାଙ୍କ ସରକାର କ୍ଷମତାକୁ ଫେରିବା ସମ୍ଭବପର ହୋଇପାରିଛି । ଏଥି ସହିତ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱ ସହିତ ପାଟକୁରା ନିର୍ବାଚନ ମଣ୍ଡଳୀ ନେତା ତେଜେଶ୍ୱର ପରିଡାଙ୍କ ସାଂଗଠନିକ ଦକ୍ଷତା ଯୋଗୁଁ ପଶ୍ଚିମବଙ୍ଗରେ କଳଙ୍କିତ ଶାସନକୁ ମୂଳୋତ୍ପାଟନ କରି ବିଜେପି ସରକାର ଆସିବା ସମ୍ଭବପର ହୋଇପାରିଛି । ଏହି ଅବସରରେ ଶୀର୍ଷ ନେତୃତ୍ୱ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ, ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ କୃତଜ୍ଞତା ପ୍ରଦାନ ପୂର୍ବକ ଉତ୍ସବ ପାଳନ କରାଯାଇଥିଲା । ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ଜୟ ଧ୍ୱନି ନାରା ଦେଇ ବଜାର ପରିକ୍ରମା କରିବା ସହିତ ମିଷ୍ଟାନ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଜିତେନ୍ଦ୍ର ପଣ୍ଡା, ଦୀପ୍ତିକାନ୍ତ ସାହୁ, କଳ୍ପତରୁ ଶତପଥୀ, ମଦନମୋହନ ସାହୁ, ଶରତ ବେହେରା, ଶରତ ମଳିକ, ସାରସ ସାମନ୍ତରାୟ, ପ୍ରଶାନ୍ତ ଭୂୟାଁ ଓ ବିଶ୍ୱ କେତନ ନାୟକ ପ୍ରମୁଖ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଜେପି ମନାଇଲା ବିଜୟ

**ପଟ୍ଟାମୁଣ୍ଡାଇ, ୫ ।୫ (ସ୍ୱାଧିକାର ନ୍ୟୁଜ) :** ବହୁ ଚର୍ଚ୍ଚିତ ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି । ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ବରିଷ୍ଠ କାଉନସିଲର ବିଦ୍ୟାଧର ସେଠୀଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ପୁରୁଣା କେନାଲ ପୋଲ ଛକଠାରେ ବିଜୟ ଉତ୍ସବ



ପାଳନ କରାଯାଇଛି । ଏଥିରେ ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ନଗର ସଭାପତି ପଦ୍ମନାଭ ପଣ୍ଡା, ବିଶ୍ୱରଂଜନ ପାତ୍ର, ଉପେନ୍ଦ୍ର ନାୟକ, ଶଶିକାନ୍ତ ସ୍ୱାଇଁ, ଆଡଭୋକେଟ୍ ସଞ୍ଜୟ ସାହୁ, ସୁଧାଂଶୁ ଶେଖର ଜେନାଙ୍କ ସମେତ ରବୀନ୍ଦ୍ର ପାତ୍ର, ଚନ୍ଦନ ପାତ୍ର, ରବୀନ୍ଦ୍ର ବିଶ୍ୱାଳ, ଅଭୟ ପାତ୍ର, ସମର ସାହୁ, ସମୀର ପାତ୍ର, କ୍ଷୀରୋଦ ପାତ୍ର, ପକ୍ଷରେଶ୍ୱର୍ ପାତ୍ର, କାଉନସିଲର ପ୍ରତିନିଧି ହୃଷିକେଶ ମଲିକ, ବିମଳ ରଞ୍ଜନ ତ୍ରିପାଠୀ, ଶୈଳେନ୍ଦ୍ର ପାତ୍ର, ସନ୍ତୋଷ ସ୍ୱାଇଁ, ବିଦ୍ୟାଧର ମଲିକ, ପୂର୍ବତନ ମହିଳା ମୋର୍ଚ୍ଚା ସଭାପତି ରଶ୍ମିତା ସାହୁ, ତୁଳସୀ ବିଶ୍ୱାଳ, ମମତା ସେଠୀ ପ୍ରମୁଖ ବିଜେପିର ବହୁ ପୁରାତନ କାର୍ଯ୍ୟକର୍ତ୍ତା, ୱାର୍ଡ ସଭାପତି, ବହୁ କର୍ମୀ ଓ ମହିଳା କର୍ମୀ ଯୋଗଦେଇ ବାଣ ଫୁଟାଇ ବିଜୟ ଉତ୍ସବ ପାଳିବା ସହିତ ଝାଲମୁଢ଼ି ଓ ମିଠା ବାଣ୍ଟି ଥିଲେ ।

# ୮ଶହ ଲିଟର ମଦ ଜବତ : ୮ କୋର୍ଟ ଚାଲଣ

**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡା ଜିଲ୍ଲାରେ ଦୈନିକ ଚୋରା ମଦ ଓ ବ୍ରାଉନ୍ସୁଗାର ବ୍ୟବସାୟୀଙ୍କୁ ଜିଲ୍ଲା ଅବକାରୀ ବିଭାଗ ଗିରଫ କରି କୋର୍ଟ ଚାଲାଣ କରୁଛି । ହେଲେ ୮ ଦିନ ଭିତରେ ଏମାନେ କୋର୍ଟରୁ ଜାମିନ୍‌ରେ ଆସି ସେହି ବ୍ୟବସାୟରେ ଲିପ୍ତ ରହି ହଜାର ହଜାର ଟଙ୍କା ରୋଜଗାର କରୁଛନ୍ତି । ମୋତେ ଯେତେ ମାଠିବୁ ମାଠ୍ ମୁଁ ସେଇ ଦରପଡା କାଠ । ଜିଲ୍ଲାପାଳ ରଘୁରାମ୍ ଆର୍ ଆୟାରଙ୍କ ନିର୍ଦ୍ଦେଶରେ ଅବକାରୀ ଅଧିକ୍ଷକ ବିପ୍ରଚରଣ



ମଣ୍ଡଳଙ୍କ ନେତୃତ୍ୱରେ ମଙ୍ଗଳବାର ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାରେ ବିଭିନ୍ନ ସ୍ଥାନରେ ଚଢାଉ କରି ପ୍ରାୟ ୮ଶହ ଲିଟର ଚୋରା ମଦ ଜବତ କରିବା ସହ ୮ ଜଣ ଚୋରା ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏମାନେ ହେଲେ ସନାତନ ଦାସ, ଅକ୍ଷୟ ମଲିକ, ସଂଜୟ ପରିଡା, ରଜତ ରାଉତ, ତାରା ଖିଲର, ସୁକ୍ରୁ ରାଉତ, ଗଗନ ରାଉତ, ମାନସ ମଣ୍ଡଳଙ୍କ ନିକଟରୁ ଦେଶୀ ବିଦେଶୀ ରନ୍ଧା ମଦ ଗୁଡ ପୋଚ ଇତ୍ୟାଦି ଜବତ କରି କୋର୍ଟ ଚାଲାଣ କରାଯାଇଛି । ଏହି ଚଢାଉ ସମୟରେ ଅବକାରୀ ଉପନିରୀକ୍ଷକ ମିସ୍ ରତ୍ନପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ବିଜେଡି ରାଜ୍ୟ ସଂପାଦକ ହେଲେ କାଳୀ ପ୍ରସାଦ ମିଶ୍ର



**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡା ପୌରାଂଚଳର ୨ ନଂ ୱାର୍ଡର କାଉନସିଲର କାଳୀ ପ୍ରସାଦ ମିଶ୍ରଙ୍କୁ ବିଜେଡି ରାଜ୍ୟ ସଂପାଦକ ଭାବେ ନିଯୁକ୍ତ କରାଯାଇଛି । ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଶ୍ରୀ ମିଶ୍ରଙ୍କୁ ଏହି ଦାୟିତ୍ୱ ପ୍ରଦା କରାଯାଇଛି । ଶ୍ରୀ ମିଶ୍ର କେନ୍ଦ୍ରାପଡା ପୌରସଂସ୍ଥାର ଜଣେ କାଉନିସଲର ଭାବେ କାର୍ଯ୍ୟ କରୁଥିବା ବେଳେ ଲୋକପ୍ରିୟ ହୋଇ ପାରିଛନ୍ତି । ତାଙ୍କର ଏହି ନିଯୁକ୍ତିରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସମେତ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଗଣେଶ୍ୱର ବେହେରା, ଧ୍ରୁବ ସାହୁ ଓ ପ୍ରତାପ କେଶରୀ ଦେବ ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି । ତାଙ୍କର ଏହି ନିଯୁକ୍ତିରେ ସମର୍ଥକ ଓ ଶୁଭେଚ୍ଛୁ ମହଲରେ ଆନନ୍ଦ ଖେଳି ଯାଇଥିବା ବେଳେ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

# ରବି ଜେନାଙ୍କ ୮୧ତମ ଜନ୍ମ ଜୟନ୍ତୀ

**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କନିକା ମାଟିର ମଣିଷ, ଚରମ ଗାନ୍ଧିବାଦୀ, ସର୍ବୋଦୟ ବିଚାର ବାଦର ସନ୍ଥ ମଣିଷ ତରାସ ଗାଁ ର ସ୍ୱର୍ଗତ ରବିନାରାୟଣ ଜେନାଙ୍କ ଆଜି ୮୧ ତମ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ଆଜି ମରି ଯାଉଥିବା ମଣିଷପଣିଆକୁ ଜାଗ୍ରତ କରିବାକୁ ଆହ୍ୱାନ ଆସିଛି । ପ୍ରଚଣ୍ଡ ମାନବବାଦର ଏହି ବୈଚାରିକ ଚେତନାପୁଷ୍ଟ ମଣିଷର ତ୍ୟାଗକୁ ମନେ ପକାଇ ଆଜିର ସମାଜରେ ବସ୍ତୁବାଦ ପରିହାର କରିବାକୁ ଜନ୍ମଜୟନ୍ତୀରେ ମତ ପ୍ରକାଶ ପାଇଛି । ରବି ଭାଇଙ୍କ ହାତଗଢା ଅନୁଷ୍ଠାନ ତରାସ ନୋଡାଲ ହାଇସ୍କୁଲ ପରିସରରେ ସାମାଜିକ କର୍ମୀ ଶଶିକାନ୍ତ ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଜୟନ୍ତୀରେ ରବି ଭାଇଙ୍କ ତମାମ ଜୀବନଚର୍ଯ୍ୟାର ଅନୁଶୀଳନ



କରି ବକ୍ତା ଭାବେ ଶିକ୍ଷକ ନେତା କାଳିପ୍ରସାଦ ନାୟକ, କୃତିବାସ ଜେନା, ଗୋପୀନାଥ ବିଶ୍ୱାଳ, ମୁରଲୀଧର ନାୟକ, ନୃସିଂହ ଚରଣ ବେହେରା, ସାମ୍ବାଦିକ ସୁକାନ୍ତ ଦାଶ, ଶରତ କୁମାର ରାଉତ, ବିଭୁତି ଭୂଷଣ ନାୟକ, ଦିଲ୍ଲୀପ ରାଉତ, ଶିବ ପ୍ରସାଦ ମଲ୍ଲିକ, ଶଶୀଭୂଷଣ ଦାସ, ରାଜନାରାୟଣ ଜେନା ପ୍ରମୁଖ ମତ ଦେଇଥିଲେ । ରବି ଭାଇଙ୍କ ତ୍ୟାଗମୟ ଜୀବନକୁ ଅନୁଶୀଳନ କରିବା ଲକ୍ଷ୍ୟ ନେଇ ଚଳିତ ମାଟ୍ରିକ ପରୀକ୍ଷାରେ ବ୍ଲକର ସର୍ବାଧିକ ନମ୍ବର ରଖିଥିବା ଆର ଏନ ହାଇସ୍କୁଲର ପ୍ରିୟାଂଶୁ ପଲାଇ, ଜୟନଗର ହାଇସ୍କୁଲର ପ୍ରଭୁଦତ୍ତ ରାଉତ ଓ ବରାଡିଆ ହାଇସ୍କୁଲର ଶୁଚିସ୍ମିତା ଦାସଙ୍କ ସହ ତରାସ ହାଇସ୍କୁଲ ଟପ୍ପର ପ୍ରଜ୍ଞା ନାୟକ, ନବୋଦୟ ଟପ୍ପର ମନସ୍ୱିନୀ ନାୟକ, ରୟାଲ ପବ୍ଲିକ ସ୍କୁଲ ଟପ୍ପର ସମୃଦ୍ଧି ବାରିକ, ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲ ଟପ୍ପର ସ୍ୱୟଂପ୍ରତ୍ୟୁଷଙ୍କୁ ଉପଢୌକନ, ମାନପତ୍ର ଓ ଗଛ ଚାରା ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ରବି ଭାଇଙ୍କ ସାମାଜିକ ବିଚାରବୋଧକୁ ଉଦଜୀବିତ କରିବା ପାଇଁ ରବି ଜେନା ବିଚାର ମଞ୍ଚ ନାମରେ ଏକ ସଂଗଠନ ରୂପରେଖ ନେଇ ବିବିଧ କାର୍ଯ୍ୟକ୍ରମ କରିବାକୁ ସ୍ଥିର କରାଯାଇଛି । ତରାସ ନେତାଜୀ କ୍ଲବର ସଭାପତି ବନଜ ବାରିକ, ଉପଦେଷ୍ଟା ଭରତ ବାରିକ, ଶୁଭ୍ରଜିତ ବିଶ୍ୱାଳ, ଦେବଜ୍ୟୋତି ଜେନା, ଝରଣା ବଳ, ସୁଶାନ୍ତ ନାୟକ, ସଞ୍ଜୟ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ଜନ୍ମଜୟନ୍ତୀରେ ତାଙ୍କ ବିଚାରବାଦର ବହୁ ଅନୁଗାମୀ ଏଥିରେ ଯୋଗ ଦେଇଥିଲେ ।

# ଦୋକାନ ଓ ଘରୁ ଡକାୟତି

**ପଟ୍ଟାମୁଣ୍ଡାଇ, ୫ ।୫ (ସ୍ୱାଧିକାର ନ୍ୟୁଜ) :** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚୁନଡିଅ ଠାରେ ଥିବା ଏକ ସାନିଟାରୀ ଦୋକାନ ଓ ଦୋକାନ ସଂଲଗ୍ନ ପଛ ପଟରେ ଥିବା ବାସଭବନରୁ ସୋମବାର ଭୋରୁ ଡକାୟତି ହୋଇଥିବା ନେଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦିଆଯାଇଛି । ସମସ୍ତ ଡକାୟତ ମୁଖା ପିନ୍ଧିଥିବା ବେଳେ ହାତରେ ମରଣା ସ୍ତ୍ର ଧରିଥିଲେ । ସେମାନେ ଘରର ସମସ୍ତ ଆସାବା ପତ୍ର ଫୋପାଡି ମରଣାସ୍ତ୍ର ଦେଖାଇ ସୁନା ରୁପା ଟଙ୍କା ମୋବାଇଲ ଆଦି ଲୁଟି ନେଇ ଥିବା ନେଇ ବ୍ୟବସାୟଙ୍କ ପୁଅ ମୁକେଶ କୁମାର ରାୟ ଥାନାରେ ଅଭିଯୋଗ କରିଛନ୍ତି । ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ ବ୍ୟବସାୟୀ ଗୌତମ ରାୟଙ୍କ ଚୁନଡିହ ଠାରେ ଏକ ସାନିଟାରୀ ଦୋକାନ ଥିବାବେଳେ ଦୋକାନ ସଂଲଗ୍ନ ପଛ ପଟରେ ବାସ ଭବନ ରହିଛି ଓରବିବାର ରାତି ପ୍ରାୟ ୪ଟା ବେଳେ ୫ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ମାରଣାସ୍ତ୍ର ସହିତ ଦୋକାନ ଭିତରେ ପଶିଥିଲେ । ଦୋକାନ ଘରେ ଥିବା ବ୍ୟବସାୟୀ ଗୌତମ ରାୟଙ୍କୁ ମାରଣାସ୍ତ୍ର ଦେଖାଇ ସେ ପନ୍ଧିଥିବା ୮ ଭରିର ସୁନା ଚେନ ସହିତ ଦୁଇ ଭରିର ଏକ ମୁଦିକୁ ବଳପୂର୍ବକ ଲୁଟି ନେଇଥିଲେ । ଏହା ପରେ ତାଙ୍କୁ ନିସ୍ତୁକ ମାଡ ମାରି ତାଙ୍କ ମୋବାଇଲ ନେଇଯିବା ସହିତ ତାଙ୍କୁ ଏକ ଘରେ ବନ୍ଦ କରି ଦେଇଥିଲେ । ପରେ ପରେ ଦୋକାନ ସଂଲଗ୍ନ ବାସଭବନରେ ପସି ପରିବାର ଲୋକଙ୍କୁ ମାରଣାସ୍ତ୍ର ଦ୍ୱାରା ଭୟଭୀତ କରି ଗଡ଼ରେଜ ଭାଙ୍ଗି ସମସ୍ତ ସୁନା ଅଳଙ୍କାର ଓ ନଗଦ ଟଙ୍କା ଲୁଟି ନେଇଥିଲେ । ପରିବାର ସଦସ୍ୟଙ୍କ ହାତଗୋଡ ବାନ୍ଧି ବାହାର ପଟୁ ବନ୍ଦ କରି ଚାଲି ଯାଇଥିଲେ ବୋଲି ମୁକେଶ ଆଦର୍ଶ ଥାନାରେ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି ।



# ରାସ୍ତା ମଝିରେ ପିଲର୍

## ଗ୍ରାମବାସୀଙ୍କ ଯାତାୟାତ ବନ୍ଦ ଅଭିଯୋଗ

**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡା କୁସୁନପୁର ଗ୍ରାମର ଗ୍ରାମବାସୀମାନେ ଉପଜିଲ୍ଲାପାଳଙ୍କୁ ଭେଟି ସେହି ଗ୍ରାମର ଜଣେ ପ୍ରଭାବଶାଳୀ ବ୍ୟକ୍ତି ରାସ୍ତା ମଝିରେ ପିଲର ଖୋଳିବାରୁ ଗ୍ରାମବାସୀମାନେ ଯାତାୟତ କରିପାରୁନଥିବା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗରୁ ପ୍ରକାଶ ଯେ ରାସ୍ତାକୁ ମାଡି ପିଲର କରୁଥିବା ଏବଂ ମାଟି ପକାଇ ସମ୍ପୂର୍ଣ୍ଣ ରାସ୍ତାକୁ ବନ୍ଦ କରିଥିବାରୁ ଯାତାୟତରେ ଅସୁବିଧା ହେବା ସହ ଜରୁରୀକାଳୀନ ଗାଡି, ଆମ୍ବୁଲାନ୍ସ, ଦମକଳ, ସ୍କୁଲବସ୍ ଇତ୍ୟାଦି ଗାଁ ଭିତରକୁ ପ୍ରବେଶ କରିପାରୁନାହିଁ । ଦୀର୍ଘଦିନ ହେଲା ରାସ୍ତା ବନ୍ଦ ଥିବାରୁ ସ୍କୁଲକୁ ପିଲା ଯାତାୟତ କରିପାରୁନାହାଁନ୍ତି । ଏ ବିଷୟରେ ଗ୍ରାମବାସୀ ପୂର୍ବରୁ ତହସିଲଦାର ଓ ଜିଲ୍ଲାପାଳଙ୍କୁ ଜଣାଇଥିଲେ ମଧ ଉପଜିଲ୍ଲାପାଳଙ୍କ କୋର୍ଟରେ ମାମଲା ଚାଲୁଥିବାରୁ ଗ୍ରାମବାସୀଙ୍କୁ କୌଣସି ସୁଫଳ ନମିଳିବାରୁ ଗ୍ରାମର ଶତାଧିକ ମହିଳା ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କୁ ଭେଟି ତୁରନ୍ତ ସରକାରୀ ଜାଗାରେ ହୋଇଥିବା ପିଲର୍‌କୁ ଭାଙ୍ଗି ଗ୍ରାମବାସୀଙ୍କୁ ଯାତାୟତରେ ସହଯୋଗ କରିବା ପାଇଁ ଦାବି କରିଛନ୍ତି । ଏହି ଦାବିପତ୍ର ସମୟରେ ଅର୍ଚ୍ଚନା ନାୟକ, ଲକ୍ଷ୍ମୀପ୍ରିୟା ନାୟକ, ମମତା ନାୟକ, ଅଞ୍ଜନା ନାୟକ, ସଂଯୁକ୍ତା ନାୟକ, ଗୀତା ନାୟକ, ଜୟନ୍ତୀ ନାୟକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମର ମହିଳା ଉପସ୍ଥିତ ଥିଲେ ।

# ହାଇସ୍କୁଲ୍‌ରେ ସମ୍ବର୍ଦ୍ଧନା ସଭା



**ଆଳି, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡ଼ା ଜିଲ୍ଲା ଆଳିର ଅଗ୍ରଣୀ ଶିକ୍ଷାନୁଷ୍ଠାନ ପିଏମ ଶ୍ରୀ ଶରତ କୁମାର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଫଳ ମାଟ୍ରିକ ଛାତ୍ରଛାତ୍ରୀଙ୍କ ପାଇଁ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରମୋଦ କୁମାର ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ, ମୁଖ୍ୟ ଅତିଥି ଭାବେ ଆଳିର ବିଶିଷ୍ଟ ସମାଜସେବୀ ତଥା ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ଦାଶ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ସହିତ କେନ୍ଦ୍ରାପଡ଼ା ଜିଲ୍ଲାରେ ହାଇସ୍କୁଲ ପରିକ୍ଷା ଛାତ୍ରଛାତ୍ରୀମାନଙ୍କ ଦୁର୍ବଳ ପ୍ରଦର୍ଶନ ପାଇଁ ଶିକ୍ଷା ବ୍ୟବସ୍ଥାକୁ ଦାୟୀ କରିବା ସହିତ ଛାତ୍ରଛାତ୍ରୀ ମାନଙ୍କୁ ଲକ୍ଷ୍ୟ, ଉଦ୍ଦେଶ୍ୟ ବିହିନ ପାଠପଢ଼ା ଓ ମୋବାଇଲ ଛାଡ଼ି ମନ, ମୁନ ଓ ଚୈତନ୍ୟ ଲଗାଇ ପାଠ ପଢ଼ିବା ପାଇଁ ପରାମର୍ଶ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ ଆଳିର ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ଅନ୍ତର୍ଯ୍ୟାମୀ ମଲିକ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଅଧ୍ୟାବସାୟ ସଫଳତାର ଚାବିକାଠି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ପାଇଁ ସର୍ବୋଚ୍ଚ ନମ୍ବର ରଖି ଗର୍ବ ଗୌରବ ଆଣିଥିବା ଛାତ୍ରଛାତ୍ରୀ ଆଶିଷ କୁମାର ସାହୁ, ଅଭିଜିତ ସାହୁ, ଅମିୟ ରଞ୍ଜନ ଧଳ ଏବଂ ସୁଶ୍ରୀ ସ୍ମିତପ୍ରଜ୍ଞା ରାଉତଙ୍କୁ ଟ୍ରଫି, ମାନପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବପ୍ରସାଦ ସାହୁ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ, ବିଦ୍ୟାଳୟର ଶିକ୍ଷକ ବନମାଳୀ ପାଣି ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଶିକ୍ଷକ ରବିନ୍ଦ୍ର ବାରିକ, ପ୍ରକାଶ ନାୟକ, ଦଶରଥ ମଲିକ, ରିତେଶ କୁମାର ବେହେରା, ଅର୍ଜିତ ବିଶ୍ୱାଳ, ବିଭୁତି ଭୂଷଣ ରାଉତ, ସତ୍ୟବ୍ରତ ପାତ୍ର, ଉତ୍କଳ ପ୍ରଧାନ ଏବଂ ଶିକ୍ଷୟିତ୍ରୀ ରିତାଞ୍ଜଳି ପଣ୍ଡା, ସସ୍ମିତା ସାହୁ, ମଧୁସ୍ମିତା ସେଠୀ, ସିମି ନନ୍ଦ, ଯମୁନା ପା, ତୁଳସୀ ଦାସ ଏବଂ ସହକର୍ମୀ ଦେବାଶିଷ ସିଂହ ଉକ୍ତ ସଭା କାର୍ଯ୍ୟକୁ ପରିଚାଳନାରେ ସହଯୋଗ କରିଥିଲେ । ଚଳିତ ଶିକ୍ଷା ବର୍ଷର ସମସ୍ତ ଦଶମ ଶ୍ରେଣୀର ଛାତ୍ର ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀ ମାନେ ଆସନ୍ତା ହାଇସ୍କୁଲ ପରିକ୍ଷାରେ ବିଦ୍ୟାଳୟର ସମ୍ମାନ ରକ୍ଷା ନିମନ୍ତେ ପାଠପଢ଼ାରେ ବିଭିନ୍ନ କୌଶଳ ଆପଣେଇବା ପାଇଁ ପରାମର୍ଶ ଦେଇଥିଲେ ।

# ବୈଜୟନ୍ତ ପଣ୍ଡାଙ୍କୁ ଅଭିନନ୍ଦନ

**ପଟ୍ଟାମୁଣ୍ଡାଇ, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ର ସରକାର ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମର୍ଯ୍ୟାଦାଜନକ ଲୋକସଭା ପବ୍ଲିକ ଅଣ୍ଡରଟେକିଙ୍ଗ କମିଟି ଅଧକ୍ଷ ଭାବେ ମନୋନୀତ କରିଥିବାରୁ ପଟ୍ଟାମୁଣ୍ଡାଇ ଅଂଚଳର ବିଜେପି କର୍ମୀ ମହଲରେ ଆନନ୍ଦ ପ୍ରକାଶ ପାଇଛି । ଏଥି ପାଇଁ ସାଂସଦ ଶ୍ରୀପଣ୍ଡାଙ୍କୁ ପୂର୍ବତନ ବ୍ଲକ ଉପାଧକ୍ଷ ସୁଶାନ୍ତ ଦାସ ଜିଲ୍ଲା ବିଜେପି ଉପସଭାପତି ଆଡ଼ଭୋକେଟ ଭାରତ ଭୂଷଣ ଦାସ ( ବାବୁ ), ନରସିଂହପୁର ସରପଞ୍ଚ ଦୀପ୍ତିମୟୀ ପରିଡା ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ମିଟୁ ମନୋଜ ନାୟକ ଆଡ଼ଭୋକେଟ ପ୍ରମୋଦ ସାହୁ ଯୁବନେତା ସୁଶୀଲ ପରିଡା, ପରେଶ ସାହୁ ଆଡ଼ଭୋକେଟ ଶିଶିର କୁମାର ମଲିକ, ଗିରିଜା ଶଙ୍କର ସାମଲ ପ୍ରମୁଖ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିଛନ୍ତି ।

# ସୁଶାନ୍ତ ପାଣିଙ୍କୁ ସ୍ମୃତି ସମ୍ମାନ

**ପଟ୍ଟାମୁଣ୍ଡାଇ, ୫ ।୫ (ସ୍ୱାଧିକାର ନ୍ୟୁଜ) :** ଉତ୍କଳୀୟ ଗୀତ-ବାଦ୍ୟ-ନୃତ୍ୟ-ନାଟ୍ୟ-ଚିତ୍ରାଦି ପଞ୍ଚକଳାର ମହାର୍ଘ୍ୟ ଶିକ୍ଷାଦାନ, ଉନ୍ନତ କଳାଶିଳ୍ପୀ ନିର୍ମାଣ ଓ ସାଂସ୍କୃତିକ ପ୍ରଚାର-ପ୍ରସାର କ୍ଷେତ୍ରରେ ଜୀବନବ୍ୟାପୀ ଉଲ୍ଲେଖନୀୟ ଅବଦାନ ପାଇଁ ପଟ୍ଟାମୁଣ୍ଡାଇ ଅଂଚଳର ଅନନ୍ୟ ପଞ୍ଚକଳା ପ୍ରତିଷ୍ଠାନ ଗଡମେକର୍ ପ୍ରତିଷ୍ଠାତା-ନିର୍ଦ୍ଦେଶକ ଗୀତିକବି ତଥା ଗୁରୁଶ୍ରୀ ସୁଶାନ୍ତ କୁମାର ପାଣିଙ୍କୁ ମର୍ଯ୍ୟାଦାଜନକ 'ଶ୍ରୁତି ସମ୍ମାନ - ୨୦୨୬' ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ୨୧ତମ ଶ୍ରୁତି ସମାରୋହରେ ବିଶ୍ୱବିଦିତ ଓଡ଼ିଶୀ ନୃତ୍ୟ ପଟ୍ଟୟସୀ ପଦ୍ମଶ୍ରୀ ଅରୁଣା ମହାନ୍ତି ଓ ଡଃ. ସୁଜାତା ମହାପାତ୍ର, ତାଳବାଦ୍ୟ ଗୁରୁ ପଣ୍ଡିତ ଧନେଶ୍ୱର ସ୍ୱାଇଁ, ଆକାଶବାଣୀ ଗୀତିକାର ପୀତାମ୍ବର ମିଶ୍ର, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼. ବିଜୟ କୁମାର ଜେନା ଓ ଶ୍ରୁତି ସମ୍ପାଦିକା ସୁକଣ୍ଠ ଶିଳ୍ପୀ ହରପ୍ରିୟା ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଗୁରୁଶ୍ରୀ ପାଣିଙ୍କୁ ଏହି ମର୍ଯ୍ୟାଦାଜନକ ଶ୍ରୁତି ସମ୍ମାନ ପ୍ରଦାନ କରିଥିଲେ ଓ ଏଥି ପୂର୍ବରୁ ଗୁରୁ ଶ୍ରୀପାଣି ଉଭୟ ହରିୟାନା ତଥା ଓଡ଼ିଶା ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି ।



# ଜୟହିନ୍ଦ୍ ହାଇସ୍କୁଲ୍‌ରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ପଟ୍ଟାମୁଣ୍ଡାଇ, ୫ ।୫ (ସ୍ୱାଧିକାର ନ୍ୟୁଜ) :** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦାଣ୍ଡିସାହି ପିଏମଶ୍ରୀ ଜୟହିନ୍ଦ ହାଇସ୍କୁଲର ଛାତ୍ରଛାତ୍ରୀମାନେ ଚଳିତ ମାଟ୍ରିକ ପରୀକ୍ଷା ରେ ବିଶେଷ ସଫଳତା ହାସଲ କରିଛନ୍ତି ଓ ଏହି ଉପଲକ୍ଷେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା ଓ ଜୟ ହିନ୍ଦ ହାଇସ୍କୁଲର ଛାତ୍ରୀ ଅଭିପ୍ସା ରାଉତ ଚଳିତ ମାଟ୍ରିକ ପରୀକ୍ଷା ରେ ୫୪୦ ନମ୍ବର ରଖି ଏ୧ ଗ୍ରେଡ଼ ହାସଲ କରି ଏହି ଶିକ୍ଷାନୁଷ୍ଠାନ ଓ ସମଗ୍ର ଧୋୟାଞ୍ଚଳର ଗୌରବ ବୃଦ୍ଧି କରିଛନ୍ତିଓ ଏଥି ସହିତ ପ୍ରଦ୍ୟୁତ ପଲାଇ ୫୦୧ ନମ୍ବର ରଖି ଏ୨, ସ୍ୱୟଂ ସଂପୂର୍ଣ୍ଣ ଦାସ ୪୮୩ ଏ୨ ଏବଂ ଶୁଭଶ୍ରୀ ମଲିକ ୪୮୦ ଏ ୨ ଗ୍ରେଡ଼ ପାଇଛନ୍ତି ଓ ପ୍ରଧାନ ଶିକ୍ଷକ ଭାସ୍କର ବେହେରାଙ୍କ ପୌରହିତ୍ୟ ରେ ଆୟୋଜିତ ସମ୍ବର୍ଦ୍ଧନା ସଭା ରେ ସମସ୍ତ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଆର୍ଥିକ ପୁରସ୍କାର ଓ ଉପହାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା ଓଏହି କାର୍ଯ୍ୟକ୍ରମରେ ହାଇସ୍କୁଲର ବିଜୟ ଲକ୍ଷ୍ମୀ ଦାଶ ନିଶିକାନ୍ତ ନାୟକ ରବୀନ୍ଦ୍ର କୁମାର ନନ୍ଦୀ ହରପ୍ରିୟା କର ବିଶ୍ୱକଲ୍ୟାଣୀ ଓଝା ଶୁଭ ଲକ୍ଷ୍ମୀ ଜେନା ଉମାଶଙ୍କର ସାହୁ ପ୍ରଭାତ କୁମାର ଆଚାର୍ଯ୍ୟ ଜ୍ୟୋତି ସାଗର ସାହୁ କାମିନୀ ପାତ୍ର କୁବେର କୁମାର ନାୟକ ଦେବ ପ୍ରସାଦ ସ୍ୱାଇଁ ପ୍ରମୁଖ ସମସ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ଓ ଅଭିଭାବକ ଯୋଗ ଦେଇଥିଲେ ।

# ଖେଳ ପଡ଼ିଆ କାମ କରିବାକୁ ଦାବି



**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡା ଜିଲ୍ଲା ଗରଦପୁର ବ୍ଲକ ଅନ୍ତର୍ଗତ ବଙ୍ଗାଳପୁର ପଂଚାୟତ ହୁରାସାହି ଗ୍ରାମରେ ଥିବା ହୁରାସାହି ହାଇସ୍କୁଲର ଖେଳ ପଡିଆର କାମ ସମ୍ପୂର୍ଣ୍ଣ କରିବାକୁ ହୁରାସାହି ଦୁର୍ଗାପୂଜା କମିଟିର ସଦସ୍ୟମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ହାଇସ୍କୁଲ୍ ପଡିଆ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏବଂ ବିଭିନ୍ନ ଶାରିରୀକ ପରୀକ୍ଷା, କ୍ରୀଡା ଓ ନିଯୁକ୍ତି ପ୍ରସ୍ତୁତି କରୁଥିବା ଯୁବକମାନଙ୍କ ପାଇଁ ଏହା ଗୋଟିଏ ଖେଳ ପଡିଆ ଅଛି । ଖେଳ ପଡିଆଟି ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି ହୋଇଥିବାରୁ ଛାତ୍ରଛାତ୍ରୀମାନେ ଖେଳକୁଦ କରିପାରୁନାହାଁନ୍ତି । ଏହାକୁ ମରାମତି କରିବା ପାଇଁ ସ୍ଥାନୀୟ ଗ୍ରାମବାସୀମାନେ ନିଜ ଚେଷ୍ଟାରେ ସମତଳ କରିବା ପାଇଁ ବାଲି ମାଟି ପକାଇଥିଲେ । ମାତ୍ର ଅଧିକ ବାଲି ମାଟି ପକାଇବା ପାଇଁ ଆବଶ୍ୟକ ଥିବାରୁ ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ସହଯୋଗ କାମନା କରି ୮ଦିନ ଭିତରେ ଅନୁମତି ପ୍ରଦାନ କଲେ ଗ୍ରାମବାସୀ ଅବଶିଷ୍ଟ ସମତଳ କରିବା କାମ କରିପାରିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ କମିଟିର ସମ୍ପାଦକ ରଘୁନାଥ ବସନ୍ତିଆ, ସଭାପତି କୈଳାସ ବିହାରୀ ମନ୍ତ୍ରୀ, ଯୁଧିଷ୍ଠିର ସ୍ୱାଇଁ, ବଂଶୀଧର ସାହୁ, ସୁନାକର ବିଶ୍ୱାଳ, ରଘୁନାଥ ରାଉତ, ଅନ୍ତର୍ଯ୍ୟାମୀ ସ୍ୱାଇଁ, ଶିଶିରକାନ୍ତ ସେଠୀ, ରତ୍ନାକର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ସାର ପରିଚାଳନା ପାଇଁ ଜିଲ୍ଲାସ୍ତରୀୟ ବୈଠକ

**କେନ୍ଦ୍ରାପଡ଼ା, ୫ ।୫ (ସ୍ୱାଧିକାର ନ୍ୟୁଜ) :** କେନ୍ଦ୍ରାପଡା ଜିଲ୍ଲାପାଳ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ରଘୁରାମ୍.ଆର୍.ଆୟାରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଫର୍ଟିଲାଇଜର୍ (ସାର) ପରିଚାଳନା ପାଇଁ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକଙ୍କ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ଚଳିତ ଖରିଫ୍ ଋତୁରେ ସାର କିଭଳି ଭାବରେ ସୁଚାରୁରୂପେ ପରିଚାଳନା



କରାଯାଇପାରିବ ସେ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । କେନ୍ଦ୍ରାପଡା ଜିଲ୍ଲାରେ ଥିବା ୧୧୮ ଗୋଟି ପ୍ୟାକ୍ସ ଓ ବିତରକ ମାନଙ୍କ ମଧ୍ୟରେ ସାରକୁ ସୁଚାରୁରୂପେ ଚାଷୀଙ୍କ ନିକଟରେ ପହଁଚାଯାଇପାରିବ ସେ ସମ୍ପର୍କରେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଜିଲ୍ଲାସ୍ତରୀୟ ଓ ବ୍ଲକସ୍ତରୀୟ କୃଷି ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାର ସମସ୍ତ ଚାଷୀ ଯେଭଳି ଭାବରେ ସାର ସୁରୁଖୁରୁରେ ଓ ସରକାରୀ ଦରରେ ପାଇପାରିବେ ସେ ବିଷୟରେ ସମସ୍ତେ ଯତ୍ନବାନ ହୋଇ ଚାଷୀଙ୍କୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆୟୋଜିତ ଏହି ବୈଠକରେ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କ ସହିତ ବ୍ଲକ ସ୍ତରୀୟ କୃଷି ଅଧିକାରୀ ଓ ବିତରକମାନେ ଉପସ୍ଥିତ ଥିଲେ ।

# ଚତୁର୍ଥ ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା



ଭୁବନେଶ୍ୱର, ୫।୫(ସ୍ୱାଧିକାର ନ୍ୟୁଜ୍):ବିଶିଷ୍ଟ ଶିକ୍ଷାବିତ୍, ଲେଖକ ଓ ସମାଜସେବୀ ପ୍ରତିମା ଦେବୀଙ୍କ ପ୍ରେରଣାରେ ଗଠିତ ପ୍ରତିମା ଫାଉଣ୍ଡେସନ୍ ତରଫରୁ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଚତୁର୍ଥ 'ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା ୨୦୨୬' ମହାସମାରୋହ ପାଳିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍, ଲେଖକ ଓ ସମାଜସେବୀ ପ୍ରତିମା ଦେବୀଙ୍କ ପ୍ରେରଣାରେ ଗଠିତ ପ୍ରତିମା ଫାଉଣ୍ଡେସନ୍ ତରଫରୁ ଭୁବନେଶ୍ୱର ସ୍ଥିତ ଗୀତଗୋବିନ୍ଦ ସଦନ ଠାରେ ଚତୁର୍ଥ 'ପ୍ରତିମା ପୁରସ୍କାର ଉତ୍ସବ ଓ ସ୍ମାରକୀ ବକ୍ତୃତା ୨୦୨୬' ମହାସମାରୋହ ପାଳିତ ହୋଇଯାଇଛି।

# ସଂଘବଦ୍ଧ ଆକ୍ରମଣ ଘଟଣାରେ ଜଣେ କୋର୍ଟ ଚାଲାଣ

କୋଣାର୍କ,୫।୫(ସ୍ୱାଧିକାର ନ୍ୟୁଜ୍): ପୁରୀ ଜିଲ୍ଲା ଚନ୍ଦ୍ରଭାଗା ମେରାଇନ ଥାନା ଅଧୀନ ବାଲିକପିଳେଶ୍ୱର ନିକଟ ନିଆଖିଆ କାଜୁ ଜଙ୍ଗଲ କୁଡ଼ିଆରେ ଥିବା ଦଳିତ ଲୋକ ମାନଙ୍କୁ ଟିକନା ଓ ଖାଲକଟାପାଟଣା ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ମାରଣାସ୍ତ୍ର ଧରି ମରଣାନ୍ତକ ଆକ୍ରମଣ ଓ ଜାତିଆଣ ଆକ୍ଷେପ କରି ନିର୍ଦ୍ଧୁମ ପିଟିବା ପରେ ୨ ଜଣ ଗୁରୁତର ଅବସ୍ଥାରେ ପୁରୀ ମେଡିକାଲରେ ଭର୍ତି ହୋଇଥିଲେ। ଆକ୍ରମଣରେ ମୁଣ୍ଡ , ହାତ, ଗୋଡ, ପିଠି, ମେରୁଦଣ୍ଡ ଆଦିରେ ଗଭୀର ଆଘାତ ଲାଗି ରକ୍ତାକ୍ତ ହୋଇଛନ୍ତି ଦୁଇଜଣ ଦଳିତ ଯୁବକ। ସଂଘବଧ ଭାବେ ମରଣାନ୍ତକ ଆକ୍ରମଣ ଓ ଜାତିଆଣ ଆକ୍ଷେପ କରିଥିବା ନିରଞ୍ଜନ ବେହେରା, ରାଜୁ ବେହେରା, ମେଢ଼ା ବେହେରା, ନକୁଳ ବେହେରା, ଅଖୁନା ବେହେରା, ଗଗନ ବେହେରା, ମଧୁଆ ବେହେରା, ଶିବା ବେହେରା, ବିଜୁ ବେହେରା, ବିଜୟ ବେହେରା, ଲକ୍ଷ୍ମୀଧର କାଣ୍ଡି ଓ ରାମଚନ୍ଦ୍ର ପ୍ରଧାନଙ୍କ ସହ ଅନ୍ୟମାନଙ୍କ ନାମରେ ଏତଲା ଦେଇଥିଲେ ନିଆଖିଆ ଗ୍ରାମର ଟୁଲୁ ରାଜ ଭୋଇ। ଏନେଇ ଚନ୍ଦ୍ରଭାଗା ମେରାଇନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ୍ ୨୪/୨୦୨୬ ରେ ଏକ ମାମଲା ରୁଜ୍ଜୁ କରି ତଦନ୍ତ ଚଳାଇଥିଲା। ଆକ୍ରମଣ ଭିଡ଼ିଓ ସୋସିଆଲ ମିଡିଆରେ ଭାଇରାଲ୍ ପରେ ଜିଲ୍ଲା ପୋଲିସ୍ ପ୍ରଶାସନ ନିର୍ଦ୍ଦେଶ କ୍ରମେ ଘଟଣାକୁ ଗୁରୁତର ନେଇ ଜଣେ ଅଭିଯୁକ୍ତ ମଧୁଆ ବେହେରାକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୋଲିସ।

# ହକ୍ ପାଇଁ ରାଜରାସ୍ତାରେ ଆନନ୍ଦପୁରବାସୀ

ଧାମନଗର, ୫।୫(ସ୍ୱାଧିକାର ନ୍ୟୁଜ୍): ମିଥ୍ୟା ପ୍ରତିଶ୍ରୁତି ଓ ଚରମ ଅବହେଳା ବିରୋଧରେ ଧାମନଗର ବ୍ଲକର ଖଡ଼ିପଦା ଛକରେ ବିଶାଳ ପ୍ରତିବାଦ ଦେଖିବାକୁ ମିଳିଥିଲା। ଆନନ୍ଦପୁର ପଞ୍ଚାୟତକୁ 'ଲକ୍ଷ୍ମୀ ବସ୍' ସେବାରୁ ବଞ୍ଚିତ ରଖାଯିବା ପ୍ରତିବାଦରେ ଶହ ଶହ ପଞ୍ଚାୟତବାସୀ ସକାଳୁ ରାସ୍ତା ଅବରୋଧ କରି ପ୍ରଶାସନ ବିରୋଧରେ ଗର୍ଜିଛନ୍ତି। ଯୁବନେତା ସଞ୍ଜୟ ମିଶ୍ର ଓ ଅରୁଣ କୁମାର ପରିଡ଼ାଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନ ଏତେ ବ୍ୟାପକ ଥିଲା ଯେ, ପଧାନି ଓ ଦୋବଲ ଦେଇ ଚଳାଚଳ କରୁଥିବା ମୁଖ୍ୟମନ୍ତ୍ରୀ ବସକୁ ଆନ୍ଦୋଳନକାରୀମାନେ ଅଟକାଇ ଦେଇଥିଲେ।

## ଦୈନିକ ବୃଦ୍ଧି ପାଉଥିବା ଦୁର୍ଘଟଣା ନେଇ ଚିନ୍ତା ପ୍ରକାଶ

# ଟ୍ରାଫିକ୍ କଟକଣା କଡ଼ାକଡ଼ି କରିବାକୁ ଆରଟିଓଙ୍କୁ ନିର୍ଦ୍ଦେଶ

କଟକ: ଏଣିକି ନିଜ ନିଜ ଅଞ୍ଚଳରେ ଦୁର୍ଘଟଣା, ଟ୍ରାଫିକ୍ ଆଦିକୁ ନେଇ ସଡ଼କ ପରିବହନ ଅଧିକାରୀ (ଆରଟିଓ) ଙ୍କ କାର୍ଯ୍ୟଦକ୍ଷତାର ମାନକ ନିର୍ଦ୍ଧାରଣ କରାଯିବ। ଏଣୁ ସଡ଼କ ସୁରକ୍ଷାକୁ ପ୍ରମୁଖତା ଦେଇ କାର୍ଯ୍ୟ କରିବାକୁ ରାଜ୍ୟର ସମସ୍ତ ଆରଟିଓଙ୍କୁ ପରିବହନ ବିଭାଗ ନିର୍ଦ୍ଦେଶ ଦେଇଛି। ମଙ୍ଗଳବାର, ରାଜ୍ୟ ପରିବହନ କାର୍ଯ୍ୟାଳୟରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପ ପରିବହନ ଆୟୁକ୍ତ (ଡିସିଟି), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ) ଯୋଗଦେଇଥିଲେ। ନିୟମ ଭାଙ୍ଗିଲେ ଛାଡିବିନି: ଏମିତି ଆରଟିଓ ଅଫିସର ଦେଖିନଥିବେ, ନିଜ ପରିବାର ସଦସ୍ୟଙ୍କର ବି କାଟିଦେଲେ ଫାଇନବୈଠକରେ, ଦୈନିକ ବୃଦ୍ଧି ପାଉଥିବା ଦୁର୍ଘଟଣା ସଂଖ୍ୟାରେ ଚିନ୍ତା ପ୍ରକଟ କରି ପରିବହନ କମିସନର ଅମିତାଭ ଠାକୁର କହିଥିଲେ, ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ସମସ୍ତ ଆରଟିଓଙ୍କୁ 'ଗ୍ରାଉଣ୍ଡ ଜିରୋ'ରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ । ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନୁନାହାନ୍ତି । ମନଇଚ୍ଛା ଗାଡ଼ି ଚଲାଉଛନ୍ତି । ଆଉ ନିଜ ସହ ଅନ୍ୟମାନଙ୍କ ଜୀବନ ମଧ୍ୟ ନେଇଯାଉଛନ୍ତି । ଏହାକୁ ରୋକିବାକୁ ହେଲେ ଯୋଜନା ଭିତ୍ତିରେ ଏନଫୋର୍ସମେଣ୍ଟ କରିବାକୁ ହେବ ବୋଲି ଶ୍ରୀ ଠାକୁର କହିଛନ୍ତି । ବିଶେଷକରି, ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ହେବ। ଏହା ବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରିବାକୁ ହେବ। ପୁଣି ସକ୍ରିୟ ଆରଟିଓ ଦଲାଲ ୯ ଜଣଙ୍କୁ ବାନ୍ଧିଲା ପୁଲିସସେହିଭଳି ଆରଟିଓମାନଙ୍କ ଦକ୍ଷତା। ରିପୋର୍ଟରେ ଆଗକୁ ସଡ଼କ ସୁରକ୍ଷା ଦିଗରେ କାର୍ଯ୍ୟର ମଧ୍ୟ ଏକ ବିଶେଷ ଭୂମିକା ରହିବ ବୋଲି ସେ ସୂଚାଇ ଦେଇଛନ୍ତି । ଏହାସହ ପରିବହନ ସମ୍ବନ୍ଧୀୟ ସେବା ପ୍ରଦାନରେ ଗତବର୍ଷ କେଉଁ ଆରଟିଓଙ୍କ ପ୍ରଦର୍ଶନ କିଭଳି ରହିଥିଲା, ତାହାର ମଧ୍ୟ ସମୀକ୍ଷା କରାଯାଇଥିଲା ।ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପରିବହନ କ୍ଷେତ୍ରରେ ସଂସ୍କାର ସଂପର୍କରେ ମଧ୍ୟ ପରିବହନ ଆୟୁକ୍ତ ସୂଚନା ପ୍ରଦାନ କରିଥିଲେ। ବିଶେଷକରି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଗାଡ଼ିର ଫିଟନେସରେ ସ୍ୱଚ୍ଛତା ଓ ବେପରୁଆ ଗାଡ଼ି ଚାଳକଙ୍କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ନିୟନ୍ତ୍ରଣ କରିବା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଯାତ୍ରୀବାହି ଯାନ ଗୁଡ଼ିକ ଯେପରି ଯାତ୍ରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବେ ଏ କ୍ଷେତ୍ରରେ ଆରଟିଓମାନେ କଡ଼ା ନଜର ରଖିବେ। ଏହାସହ, ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନର ଉଚିତ୍ ସମୀକ୍ଷା କରି ସୁଧାର ଦିଗରେ ପ୍ରୟାସ କରିବାକୁ କୁହାଯାଇଛି।




# ବିଦ୍ୟୁତ ଯୋଗାଣରେ ଉନ୍ନତି ଆଣିଲା ଟିପିସିଓଡିଏଲ



ଭୁବନେଶ୍ୱର,୫।୫(ସ୍ୱାଧିକାର ନ୍ୟୁଜ୍): ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ) ପକ୍ଷରୁ ବିସିଡିଡି୨ ଡିଭିଜନ ଅନ୍ତର୍ଗତ ଭରତପୁର ପିଏସଏସ ଠାରେ ଏକ ୨୫ ଏମଭିଏ ପାୱାର ଟ୍ରାନ୍ସଫର୍ମର କାର୍ଯ୍ୟକ୍ଷମ କରାଯାଇଛି। ଏହାଦ୍ୱାରା ଭରତପୁର, କଳିଙ୍ଗନଗର ଏବଂ ଖଣ୍ଡଗିରି ଅଞ୍ଚଳର ପ୍ରାୟ ୮,୦୦୦ ଉପଭୋକ୍ତା ଭରସାଯୋଗ୍ୟ ବିଦ୍ୟୁତ ସେବା ଏବଂ ଉନ୍ନତ ଭୋଲଟେଜ୍ ଦ୍ୱାରା ଉପକୃତ ହେବେ । ଏହା ସହିତ, ସମାନ ଡିଭିଜନ ଅଧୀନରେ ଥିବା ଖଣ୍ଡୁଆଳ ବସ୍ତିଠାରେ ଏକ ୨୫୦ କେଭିଏ ଡିଷ୍ଟ୍ରିବ୍ୟୁସନ ଟ୍ରାନ୍ସଫର୍ମର ସ୍ଥାପନ କରାଯାଇଛି, ଯାହା ଖଣ୍ଡୁଆଳ ବସ୍ତି ଏବଂ ଜିଏ ପ୍ଲଟ୍ ଅଞ୍ଚଳର ପ୍ରାୟ ୩୫୦ ଉପଭୋକ୍ତାଙ୍କ ପାଇଁ ବିଦ୍ୟୁତ ଯୋଗାଣକୁ ସୁଦୃଢ଼ କରିବ । ଏହି ସମସ୍ତ ପଦକ୍ଷେପ ଉପଭୋକ୍ତାମାନଙ୍କୁ ଭରସାଯୋଗ୍ୟ ଏବଂ ଗୁଣବତ୍ତା ସମ୍ପନ୍ନ ବିଦ୍ୟୁତ ଯୋଗାଇଦେବା ପାଇଁ ଟିପିସିଓଡିଏଲ ର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୫।୫ ଉତ୍ତର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କେନ୍ଦୁପାଟଣା ଉତ୍କଳମଣି ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟରୁ ଚଳିତ ମାଟ୍ରିକ ପରୀକ୍ଷାରେ ଏ- ୧ ଓ ଏ-୨ ଗ୍ରେଡରେ ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଚଳିତ ବର୍ଷ ବିଦ୍ୟାଳୟର ଛାତ୍ରୀ ଯାଜ୍ଞସେନୀ ପଡିହାରୀ ୫୪୫ ନମ୍ବର ରଖି ଟପ୍ପର ହୋଇଥିଲାବେଳେ ଜ୍ୟୋତ୍ସ୍ନାମୟୀ ରାଉତ, ଆଦ୍ୟାଶା ଦାସ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି ।

# ଉପମୁଖ୍ୟମନ୍ତ୍ରୀଙ୍କ ସହ ଜାତିସଂଘର ଆବାସିକ ସଂଯୋଜକଙ୍କ ସାକ୍ଷାତ



ଭୁବନେଶ୍ୱର, ୫।୫ (ସ୍ୱାଧିକାର ନ୍ୟୁଜ୍): ଭାରତରେ ଜାତିସଂଘର ଆବାସିକ ସଂଯୋଜକ ମିଷ୍ଟର ଷ୍ଟିଫାନ ପ୍ରିସନର୍ ମଙ୍ଗଳବାର ଲୋକସେବା ଭବନଠାରେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ ଏବଂ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର କମିସନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ ଉପସ୍ଥିତ ଥିଲେ। ଓଡ଼ିଶା ସରକାର ଏବଂ ଜାତିସଂଘ ମଧ୍ୟରେ ପ୍ରମୁଖ ବିକାଶମୂଳକ କ୍ଷେତ୍ରଗୁଡ଼ିକରେ ସହଯୋଗକୁ ଅଧିକ ସୁଦୃଢ଼ କରିବା ଉପରେ ଏହି ଆଲୋଚନା ହୋଇଥିଲା। ଉପ-ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ 'ଆତ୍ମନିର୍ଭର ଭାରତ' ସଂକଳ୍ପକୁ ସାକାର କରିବା ପଥରେ ଭାରତ ଦୃଢ଼ ପଦକ୍ଷେପ ନେଉଛି ଏବଂ ଓଡ଼ିଶା କୃଷି, ଶିଳ୍ପ ତଥା ଅକ୍ଷୟ ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି ହାସଲ କରି ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖୁଛି। ରାଜ୍ୟ ସରକାର କୃଷିକୁ ସର୍ବୋଚ୍ଚ ପ୍ରାଥମିକତା ଦେଉଛନ୍ତି। ଏହି ଆଲୋଚନାରେ ପର୍ଯ୍ୟଟନ ଓ ଐତିହ୍ୟ ପ୍ରସଙ୍ଗ ମଧ୍ୟ ପ୍ରାଧାନ୍ୟ ପାଇଥିଲା। ରାଜ୍ୟର ସମୃଦ୍ଧ ସାଂସ୍କୃତିକ ପରମ୍ପରା, ୟୁନେସ୍କୋ ବିଶ୍ୱ ଐତିହ୍ୟ ସ୍ଥଳ ଏବଂ ରଣିପୁର-ଝରିଆଲ ଓ ହରିଶଙ୍କର ଭଳି ସମ୍ଭାବ୍ୟ ପର୍ଯ୍ୟଟନ ସ୍ଥଳଗୁଡ଼ିକର ସ୍ଥାୟୀ ବିକାଶ ଉପରେ ଗୁରୁତ୍ୱାରୋପ କରାଯାଇଛି । ଓଡ଼ିଶାର ଅନନ୍ୟ ଆଦିବାସୀ ଓ ସାଂସ୍କୃତିକ ପରମ୍ପରାକୁ ସୁରକ୍ଷିତ ରଖି ଏହାକୁ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢ଼ିତୋଳିବା ପାଇଁ ସରକାର ପ୍ରତିବଦ୍ଧ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାକୁ ଅକ୍ଷୟ ଶକ୍ତିର ଏକ କେନ୍ଦ୍ର ଭାବେ ଗଢ଼ିତୋଳିବା, ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବା ଏବଂ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ଦିଗରେ ଜାତିସଂଘର ସହଯୋଗ ନେଇ ଉଭୟ ପକ୍ଷ ଆଲୋଚନା କରିଥିଲେ।

# ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର, ୫।୫(ସ୍ୱାଧିକାର ନ୍ୟୁଜ୍): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ୍ ଦାବୀରେ ମଶାଲ ଶୋଭାଯାତ୍ରା କରାଯାଇଛି । ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି ଏହି କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି । ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ମହିଳା କଂଗ୍ରେସ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁରେ ବିଜେପି ଓ ମୋଦୀ ସରକାର ବାଧକ ସାଜିଛନ୍ତି । ୨୦୨୩ ମସିହାରେ ଏହାକୁ ଆଇନରେ ପରିଣତ କରିବା ପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ମଧ୍ୟ ମୋଦୀ ସେରକାର ଏହାକୁ କାର୍ଯ୍ୟକାରୀ କରିବାରେ ଅକ୍ଷମ ହୋଇଛନ୍ତି । ବର୍ତ୍ତମାନ ଲୋକସଭାରେ ଥିବା ୫୪୩ ଆସନ ଏବଂ ବିଭିନ୍ନ ବିଧାନସଭାର ସ୍ଥିତ ଅବସ୍ଥାକୁ ତୁରନ୍ତ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରି ରଖିଛି । ମହିଳାମାନଙ୍କ ପ୍ରତି ବିଜେପି ଦଳ, ମୋଦି ସରକାର ଓ ମୋହନ ସରକାର ଆଚରଣ ଓ ଉଚ୍ଚାରଣ କଣ ତାହା ସାରା ଦେଶ ଦେଖୁଛି । ମଣିପୁରରେ ମହିଳାଙ୍କୁ ଅତ୍ୟାଚର, ବିଜେପି ସାଂସଦଙ୍କର ମହିଳା କୁସ୍ତି ଯୁଦ୍ଧାଙ୍କୁ ଅତ୍ୟାଚର, ଉନ୍ନାଓ ମହିଳା ଦୁଷ୍କର୍ମରେ ବିଜେପି ବିଧାୟକଙ୍କର ସଂପୃକ୍ତି, ଓଡ଼ିଶାରେ ଦିନକୁ ୧୫ ଜଣ ମହିଳା ଦୁଷ୍କର୍ମରେ ଶିକାର,




ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ଏକ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ। ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ର ମହାନ୍ତି କହିଛନ୍ତି ଯେ, ଲୋକସଭା ଏବଂ ନେଇ କ'ଣ ପାଇଁ ୩୩ ପ୍ରତିଶତ ମହିଳା ସଂରକ୍ଷଣ କରାଯାଉନାହିଁ । ଡିଲିମିଟେସନ ସହିତ ମହିଳା ସଂରକ୍ଷଣ ଆଇନ୍ ଯୋଡି ଦିଆଯାଉଛି । ବିଜେପି କଂଗ୍ରେସ ମହିଳା ସଂରକ୍ଷଣର ବିରୋଧି ବୋଲି ଯେଉଁ ଅପପ୍ରଚାର କରୁଛି ତାହା ଦୁର୍ଭାଗ୍ୟଜନକ । ମହିଳା ସଂରକ୍ଷଣ ସପକ୍ଷରେ କଂଗ୍ରେସ ରହିଛି ଏବଂ ଏହାକୁ ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀକୁ ଆତ୍ମହତ୍ୟା କରିବା ପାଇଁ ବାଧ କରିବା ଘଟଣା ପ୍ରଭୃତିରେ ବିଜେପି ଦଳର ମହିଳାମାନଙ୍କ ପ୍ରତି ଅସଲ ମନୋଭାବ ବ୍ୟକ୍ତ ହୋଇପଡୁଛି । ସୁତରାଂ ଆଉ ଡ୍ରାମା ନ କରି ତୁରନ୍ତ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁ କରିବା ପାଇଁ ମହିଳା କଂଗ୍ରେସ ଦାବୀ କରୁଛି ।

# ମେଧାବୀ ଛାତ୍ରଛାତ୍ରୀଙ୍କୁ ଏସ୍‌ବିଆଇ ପକ୍ଷରୁ ଟାବଲେଟ୍ ପ୍ରଦାନ




ଭୁବନେଶ୍ୱର, ୫।୫(ସ୍ୱାଧିକାର ନ୍ୟୁଜ୍): ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସର୍କଲ କାର୍ଯ୍ୟାଳୟ ଭୁବନେଶ୍ୱର ତରଫରୁ ଏସ୍‌ସିବି ମେଡିକାଲ କଲେଜର ୧୩ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ଏସ୍‌ସିବି ମେଡିକାଲ କଲେଜ କ୍ୟାମ୍ପସ୍ ଶାଖାରେ ଟାବଲେଟ୍ କମ୍ପ୍ୟୁଟର ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇନଷ୍ଟିଚ୍ୟୁସନ୍‌ର ଡିନ୍ ଡଃ. ପ୍ରତିଭା ପଣ୍ଡା ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ସେ ଛାତ୍ରଛାତ୍ରୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜରେ ପଢିବା ସୌଭାଗ୍ୟର କଥା ଏବଂ ମେଡିକାଲ କ୍ଷେତ୍ରରେ ଉତ୍କର୍ଷତା ଲାଭ କରି ଛାତ୍ରଛାତ୍ରୀମାନେ ସମାଜକୁ ନିଷ୍ଠାର ସହ ସେବା ଯୋଗାଇ ଦିଅନ୍ତୁ ବୋଲି ସେ ପରାମର୍ଶ ଦେଇଥିଲେ। ଏସ୍‌ବିଆଇ କଟକ ରିଜିଓନାଲ ଅଫିସର ଆଞ୍ଚଳିକ ପ୍ରବନ୍ଧକ ଅଶ୍ୱିନ୍ ଅନୁପମ ପ୍ରହରାଜ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦାୟକ ଉପଦେଶ ପ୍ରଦାନ କରିଥିଲେ। ସେ ବ୍ୟାଙ୍କ ତରଫରୁ ଆର୍ଥିକ ଦୁର୍ବଳ ଓ ଆବଶ୍ୟକ କରୁଥିବା ବ୍ୟକ୍ତିମାନଙ୍କ ପାଇଁ ବ୍ୟାଙ୍କ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କହିଥିବା ସହ ମେଧାବୀ ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ପ୍ରୟାସରେ ନିରନ୍ତର ସହଯୋଗ କରିବାକୁ ଆଶ୍ୱାସନା ଦେଇଥିଲେ ମୁଖ୍ୟ ପ୍ରବନ୍ଧକ ବିଶ୍ୱଜିତ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏସ୍‌ସିବି ଶାଖାର ସମସ୍ତ କର୍ମଚାରୀଙ୍କ ସମେତ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟର ଅଧିକାରୀ ନିରଞ୍ଜନ ମହାପାତ୍ର, ବିଜୟ କୁମାର ମହାପାତ୍ର ଏବଂ ସଞ୍ଜିତ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ। ଏସ୍‌ବିଆଇର ଏହି ପଦକ୍ଷେପ ଶିକ୍ଷା ପାଇଁ ପ୍ରୋତ୍ସାହନ ଏବଂ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ସଶକ୍ତ କରିବା ପ୍ରତି ଏହାର ସମର୍ପଣକୁ ପ୍ରତିଫଳିତ କରୁଛି।

# ଧରଣୀଧରଙ୍କ ଜନ୍ମ ଜୟନ୍ତୀରେ ବିଜେଡ଼ିର ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୫।୫(ସ୍ୱାଧିକାର ନ୍ୟୁଜ୍): ଧରଣୀଧର ନାୟକ (ଭୂୟାନ)ଙ୍କ ୧୯୨ତମ ଜନ୍ମ ଜୟନ୍ତୀ ଅବସରରେ ବିଜୁ ଜନତା ଦଳ ପକ୍ଷରୁ ଶଙ୍ଖ ଭବନରେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏହା ସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମଧ୍ୟ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ବରିଷ୍ଠ ନେତୃମଣ୍ଡଳୀ ଓ ଦଳୀୟ କର୍ମୀମାନେ ଏହି ଅବସରରେ ଯୋଗଦେଇ ଏହି ମହାନ ବ୍ୟକ୍ତିତ୍ୱଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ, ଯିଏ ମାଟିର ପୁଅ ଓ ସାଂସ୍କୃତିକ ଜାଗରଣର ଏକ ପ୍ରବର୍ତ୍ତକ ଥିଲେ । ଧରଣୀଧର ନାୟକଙ୍କ ଅପାର ଅବଦାନ, ସାହସ ଓ ସମାଜ କଲ୍ୟାଣ ପ୍ରତି ତାଙ୍କର ଅତୁଟ ପ୍ରତିବଦ୍ଧତା ସଦା ସ୍ମରଣୀୟ ରହିବ। ତାଙ୍କର ଜୀବନ ଆଗାମୀ ପିଢିକୁ ସମର୍ପଣ ଓ ନିଷ୍ଠାର ସହିତ ସେବା କରିବା ପାଇଁ ପ୍ରେରଣା ଦେଇଆସୁଛି । ଏହି ଅବସରରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି, ସାଧାରଣ ସମ୍ପାଦକ ବିଜୟ ନାୟକ, ମୁଖପାତ୍ର ନାରାୟଣ ଜେନା, ସାଧାରଣ ସମ୍ପାଦକ ସୁରେନ୍ଦ୍ର ମହାପାତ୍ର, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ ଓ ମହିଳା ନେତ୍ରୀ ଅଂଶୁ ତ୍ରିପାଠୀ ସଭାକୁ ସମ୍ବୋଧନ କରି ନିଜର ମତାମତ ପ୍ରକାଶ କରିଥିଲେ । ଡ଼ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଓଡ଼ିଶାର ଅଞ୍ଚଳକୁ ଆନ୍ଧ୍ରକୁ ଟେକି ଦିଆଯାଉଛି: ବିଜେଡ଼ି

ଭୁବନେଶ୍ୱର, ୫।୫(ସ୍ୱାଧିକାର ନ୍ୟୁଜ୍):ଆସନ୍ତା ଜୁନ୍ ପହିଲାରୁ ଆରମ୍ଭ ହେବାକୁ ଯାଉଥିବା ରାୟଗଡା ଡିଭିଜନ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତିରେ ରାୟଗଡା ଡିଭିଜନ ଓ ରେଳ ମନ୍ତ୍ରଣାଳୟର ନୂଆ ଜୋନ୍ ଦକ୍ଷିଣତଟ ରେଳବାଇ ପୂର୍ବତଟ ଅଧୀନରେ ଥିବା ୱାଲ୍ଟିଅର ଡିଭିଜନକୁ ୨ ଭାଗରେ ବିଭକ୍ତ କରାଯାଇଛି । ଗୋଟେ ଭାଗ ରାୟଗଡା ଡିଭିଜନ ମାନେ ପୂର୍ବତଟ ରେଳବାଇ ଅଧୀନରେ ରଖାଯାଇଥିବା ବେଳେ ଆଉ ଏକ ଭାଗକୁ ନୂତନ ଗଠନ ହୋଇଥିବା ଜୋନ୍ ଦକ୍ଷିଣତଟ ରେଳବାଇ ଅଧୀନରେ ରଖାଯାଇଛି । ଏହାକୁ ନେଇ ଆଜି ବିଜୁ ଜନତା ଦଳ କଡା ପ୍ରତିକ୍ରିୟା ରଖିଛି । ବିଜୁ ଜନତା ଦଳ ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡ଼ ଲେନିନ ମହାନ୍ତି କହିଛନ୍ତି, ଡବଲ ଇଞ୍ଜିନ ସରକାର ଡବଲ ବିକାଶ ନାରା ଦେଇ ଆସିଥିବା ବିଜେପି ସରକାର ଓଡିଶାବାସୀଙ୍କ ଅକୁଣ୍ଠ ସମର୍ଥନ ବଦଳରେ କେବଳ ଧୋକା ପ୍ରଦାନ କରୁଛି । ଦୁଃଖ ଓ ପରିତାପର ବିଷୟ ବିଜେପିର ୨୦ ଲୋକସଭା ସାଂସଦ ଓଡ଼ିଶାକୁ କେନ୍ଦ୍ର ଅବହେଳା ପ୍ରସଙ୍ଗରେ ଆଖି ବୁଜି ଦେଇ ବସି ରହୁଛନ୍ତି । ଡ଼ ମହାନ୍ତି କହିଛନ୍ତି, ୱାଲଟିଅର ଡିଭିଜନ ଯାହା ପୂର୍ବରୁ ପୂର୍ବତଟ ରେଳବାଇ ଅଧୀନରେ ଥିଲା, ତାକୁ ଭାଙ୍ଗି ରାୟଗଡା ଓ ବିଶାଖାପଟ୍ଟନମରେ ବିଭକ୍ତ କରାଯାଇଛି । ରାୟଗଡା ଡିଭିଜନକୁ ପୂର୍ବତଟ ରେଳବାଇରେ ରଖାଯାଇଛି । ବର୍ତ୍ତମାନ ନୂତନ ଗଠିତ ରାୟଗଡା ଡିଭିଜନରେ ମୋଟ ୬୨୬ କିଲୋମିଟର ରୁଟ୍ ରହିଛି । ତେବେ ରାୟଗଡା ଡିଭିଜନ ଭିତରେ ଥିବା ଅନେକ ଅଞ୍ଚଳ ଏବେବି ୱାଲ୍ଟିଅର ଡିଭିଜନରେ ରହିଛି । ଏହାଛଡା ଖୋର୍ଦ୍ଧା ରୋଡ୍ ଡିଭିଜନରେ ଥିବା ପଲାସା ଇଚ୍ଛାପୁରମ ୫୩ କିଲୋମିଟର ରୁଟ୍କୁ ମଧ୍ୟ ବିଶାଖାପଟ୍ଟନମ ଡିଭିଜନରେ ମିଶାଯାଇଛି । ଏହାଦ୍ୱାରା ପୂର୍ବତଟ ରେଳବାଇର ରାଜସ୍ୱ ହ୍ରାସ ହେବ ବୋଲି ପ୍ରତିବାଦ କରାଯାଇ ବିଜେଡି ସମେତ ଅନ୍ୟ ରାଜନୈତିକ ଦଳ ମାନଙ୍କ ଦ୍ୱାରା ସ୍ମାରକପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ରେଳ ବିଭାଗ କର୍ଣ୍ଣପାତ କରୁ ନାହିଁ। ବର୍ତ୍ତମାନ ପୂର୍ବତଟ ଅଧୀନରେ ସମ୍ବଲପୁର ଡିଭିଜନ, ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ରାୟଗଡା ଡିଭିଜନ ରହିଛି । ଜୁନ୍ ପହିଲାରୁ ରାୟଗଡା ଡିଭିଜନ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି । ତେଣୁ ପୂର୍ବତଟ ରେଳବାଇର କ୍ଷତିକୁ ଭରଣା କରିବା ସହିତ ଏହାକୁ ଅଧିକ ସୁଦୃଢ଼ କରିବା ପାଇଁ ଓଡ଼ିଶାର ଅନ୍ୟ ଅଞ୍ଚଳ ଯଥା କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଇତ୍ୟାଦିକୁ ମଧ୍ୟ ପୂର୍ବତଟ ରେଳବାଇରେ ସାମିଲ କରାଯାଉ ବୋଲି ବିଜେଡି ଦାବି କରୁଛି ।

# ବୟନିକାର ୭୦ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୫।୫(ସ୍ୱାଧିକାର ନ୍ୟୁଜ୍): ବୟନିକାର ୭୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ବୟନିକା ପକ୍ଷରୁ ଏହାର ବିକ୍ରୟକେନ୍ଦ୍ରରେ ଗ୍ରାହକଙ୍କ ନିମନ୍ତେ ପୂର୍ବର ୨୦ ପ୍ରତିଶତ ରିହାତି ସହ ଅତିରିକ୍ତ ୧୦ ପ୍ରତିଶତ ରିହାତି ଦିଆଯାଉଛି। ଏହି ବିଶେଷ ରିହାତି ସୁବିଧା ତିନି ଦିନ (ଚଳିତ ମଇ ୫, ୬ ଓ ୭ ତାରିଖ) ପାଇଁ ଉପଲବ୍ଧ ରହିବ । ବୟନ ଭବନ ଶାଖାରେ ଖୋଲିଲା ରାତ୍ରି ବଜାର: ଆରମ୍ଭ ହେଲା ବୟନିକାର ରିହାତି ସୁବିଧା ମଙ୍ଗଳବାର, ଏହି ଅବସରରେ ବୟନ ଭବନ ସ୍ଥିତ ବୟନିକା ଅନନ୍ୟ ଶାଖାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଯୋଗ ଦେଇଥିଲେ। ସେ କହିଛନ୍ତି, ଓଡିଶାର ସମୃଦ୍ଧ ହସ୍ତତନ୍ତ ହେଉଛି ଆମ ସଂସ୍କୃତି, ପରମ୍ପରା, ଐତିହ୍ୟ ଓ ଅସ୍ମିତାର ଜୀବନ୍ତ ପ୍ରତିଛବି । ଏହା ହଜାର ହଜାର ବୁଣାକାରଙ୍କୁ ଜୀବିକା ଯୋଗାଇବା ଶହ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିଛି।

# ଛାୟାପୂରବୀ ପଟ୍ଟନାୟକଙ୍କ ପରଲୋକ



ପାରାଦୀପ,୫।୫(ସ୍ୱାଧିକାର ନ୍ୟୁଜ୍): ନିଆଳି ଆଲୋକ ନଗର ନିବାସିନୀ ଧର୍ମପ୍ରାଣା ମହିଳା ତଥା ପଞ୍ଚମୁଖୀ ହନୁମାନ ମନ୍ଦିରର ଅନ୍ୟତମ ପୃଷ୍ଠପୋଷିକା ଏବଂ ପ୍ରଖ୍ୟାତ ସାହିତ୍ୟିକ ଡ. ତ୍ରିନାଥ ପଟ୍ଟନାୟକଙ୍କ ଧର୍ମପତ୍ନୀ ଛାୟାପୂରବୀ ପଟ୍ଟନାୟକ(୬୯)ଙ୍କ ପରଲୋକ ହୋଇଯାଇଛି। ମେ ୧ ତାରିଖରେ ସେ ହଠାତ୍ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସା କରାଯାଉଥିଲା। ତେବେ ରାତି ୧୨ଟାରେ ହୃଦ୍‌ଘାତରେ ତାଙ୍କ ପରଲୋକ ହୋଇଯାଇଛି। ଜ୍ୟେଷ୍ଠପୁତ୍ର ଅମିତାଭ ଏବଂ ପୁତ୍ରବଧୂ ସ୍ରୋତସ୍ୱିନୀ ତାମିଲନାଡୁରୁ ଆସି ପହଞ୍ଚିବା ପରେ କନିଷ୍ଠ ପୁତ୍ର ଅଜିତାଭ ଏବଂ ପୁତ୍ରବଧୂ ପ୍ରିୟଙ୍କାଙ୍କ ସହିତ ୩ ତାରିଖରେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଅନ୍ତିମ ସଂସ୍କାର କରିଛନ୍ତି। ଛାୟାପୂରବୀ ରାଷ୍ଟ୍ରଦୀପ ସାପ୍ତାହିକୀରେ ନିୟମିତ ସ୍ତମ୍ଭ ଲେଖୁଥିଲେ। ଖାଦ୍ୟରୁଚି, ଆଧୁନିକ ନାରୀର ରୂପଚର୍ଯ୍ୟା, ପିଲାଙ୍କ ପୁରାଣ କାହାଣୀ ଏବଂ ମହିଳାଙ୍କ ଜାଣିବା କଥାର ଲେଖିକା ଥିଲେ। ଛାୟାପୂରବୀଙ୍କ ଆକସ୍ମିକ ବିୟୋଗରେ ନିଆଳି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ସଂପୂର୍ଣ୍ଣ ନିଶା ନିବାରଣ ପାଇଁ ମୋଦିଙ୍କ ଗ୍ୟାରେଣ୍ଟି କାର୍ଯ୍ୟକାରୀ ହେଉ



ଭୁବନେଶ୍ୱର,୫।୫: ଓଡ଼ିଶାକୁ ନିଶାମୁକ୍ତ କରିବା ପାଇଁ ୨୦୨୪ ନିର୍ବାଚନ ସମୟରେ ଓଡ଼ିଶାବାସୀଙ୍କୁ ଯେଉଁ ଗ୍ୟାରେଣ୍ଟି ଦିଆଯାଇଥିଲା ତାହାକୁ ତୁରନ୍ତ କାର୍ଯ୍ୟକାରୀ କରିବା ଲାଗି ମୁଖ୍ୟମବୀ ମୋହନ ଚରଣ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରାଜ୍ୟରେ ସରକାର ଗଠନର ଦୁଇବର୍ଷ ପୂର୍ତ୍ତି ଉତ୍ସବ ପାଳନ ପୂର୍ବରୁ ରାଜ୍ୟ ସରକାର ନିଜ କଥା ନିଜେ ରକ୍ଷା କରି ଗୁଜରାଟ ମଡେଲ୍‌ରେ ଓଡ଼ିଶାରେ ସଂପୂର୍ଣ୍ଣ ନିଶା ନିବାରଣ କାର୍ଯ୍ୟକାରୀ କରିବା ପାଇଁ ମନେ ପକାଇ ଦିଆଯାଇଛି । ଏହି ମର୍ମରେ ଜଣାଶୁଣା ଗାନ୍ଧୀ ବିଚାର ଚିନ୍ତକ ତଥା ରଚନାତ୍ମକ କର୍ମୀ ପ୍ରହଲାଦ କୁମାର ସିଂହ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ପତ୍ର ଲେଖିଛନ୍ତି । ଏଥିରେ ସେ ଉଲ୍ଲେଖ କରିଛନ୍ତି ଯେ ଗତ ନିର୍ବାଚନ ବେଳେ 'ଓଡ଼ିଶା ପାଇଁ ମୋଦିଙ୍କ ଗ୍ୟାରେଣ୍ଟି-୨୦୨୪' ଜାରି କରାଯାଇଥିଲା । ଏଥିରେ ବିଜେପି ନିଶାମୁକ୍ତ ଓଡ଼ିଶା ସୃଷ୍ଟି କରିବା ଓ ସମ୍ବିଧାନର ୪୭ ଧାରାକୁ କଡ଼ାକଡ଼ି ଭାବେ ଲାଗୁ କରି ଉତ୍କୃଷ୍ଟ ଜୀବନ ପଦକ୍ଷେପ ନେବ ବୋଲି ଏହି ସଂକଳ୍ପପତ୍ରର ୩୮ ପୃଷ୍ଠାରେ ଥିବା 'ଉତ୍ତମ ଶାସନ' ଅଧ୍ୟାୟରେ ଦର୍ଶାଯାଇଛି । ଏହି ନିର୍ବାଚନ ବେଳେ ସାରା ରାଜ୍ୟରେ 'ଆମର ଭୋଟ ପାଇବ ସିଏ- ନିଶା ନିବାରଣ କରିବ ଯିଏ' ବୋଲି ପ୍ରାଚୀର ପତ୍ରମାନଙ୍କରେ ଉଲ୍ଲେଖ ଥିଲା । ସରକାରକୁ ଆସିବା ପରେ 'ନିଶା ନୁହେଁ, ଜୀବନ ଚାହୁଁ' ଓ 'କଥା ଦେଇ କଥା ରଖିଲେ ମୋହନ ସରକାର' ଭଳି ଅନେକ ବିଜ୍ଞାପନ ମଧ୍ୟ ଜାରି କରାଯିବା ସହିତ ଡବଲ ଇଞ୍ଜିନ ସରକାରରେ ଗୁଜରାଟ ମଡେଲ୍‌ର କାମ ହେବ ବୋଲି କୁହାଯାଉଛି । ଗୁଜରାଟ ରାଜ୍ୟରେ ସଂପୂର୍ଣ୍ଣ ନିଶା ନିବାରଣ ଲାଗୁ କରାଯାଇଥିବାବେଳେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ମଧ୍ୟ କେନ୍ଦ୍ର ସରକାରଙ୍କ ନିଶାମୁକ୍ତ ଭାରତ ଅଭିଯାନ କାର୍ଯ୍ୟକ୍ରମ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ଅଥଚ ନିଶା ନିବାରିତ ହେବା ପରିବର୍ତ୍ତେ ବଢ଼ିବଢ଼ି ଚାଲିଛି ବୋଲି ଏହି ପତ୍ରରେ ଉଲ୍ଲେଖ କରାଯାଇଛି। ମାଝୀ ବିରୋଧୀ ଦଳରେ ଥିବାବେଳେ ବିଧାନସଭାରେ ନିଶା ସଂକ୍ରାନ୍ତରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାଉଥିଲେ। ଅଥଚ ଓଡ଼ିଶାରେ ବର୍ଷକୁ ବର୍ଷ ଅବକାରୀ ରାଜସ୍ୱ ବଢ଼ାଇବା ନାମରେ ନିଶା ପ୍ରସାରଣ କରାଯାଉଛି ।



## ସାଇ ବାଣୀ....

ତୁମେ ଯେତେବେଳେ ମୋ ଉପଦେଶ ଓ ସାହାଯ୍ୟ ଆବଶ୍ୟକ କରିବ, ସେତେବେଳେ ତାହା ସଙ୍ଗେ ସଙ୍ଗେ ପାଇପାରିବ ।

## ସଂପାଦକୀୟ......

# ଅହଂକାରର ପରାଜୟ

ଦେଶର ୪ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ପୁଡୁଚେରୀ ଅତି ଛୋଟ ଅଞ୍ଚଳ । ଏହାକୁ ରାଜନୈତିକ ଦୃଷ୍ଟିରୁ ବିଚାର କରାଯିବା ଉଚିତ ନୁହେଁ । ବାକି ୪ଟି ରାଜ୍ୟ ମଧ୍ୟରୁ ୩ଟିରେ ସରକାର ପରିବର୍ତ୍ତନ ସପକ୍ଷରେ ଜନାଦେଶ ମିଳିଛି । କେବଳ ଆସାମରେ କ୍ଷମତାସୀନ ବିଜେପି କ୍ରମାଗତ ତୃତୀୟ ଥର ନିମନ୍ତେ ବିଜୟୀ ହୋଇଛି । ଏହା ଏକ ବ୍ୟତିକ୍ରମ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସୁଶାସନ ଏବଂ ବିଜେପିର ସଙ୍ଗଠନ ଏବଂ ରାଜ୍ୟର ବିକାଶ ଲାଗି ଜନତା ବିଜେପି ସପକ୍ଷରେ ରାୟ ଦେଇଛନ୍ତି । ଆସାମରେ ବିଜେପି ସହ କଂଗ୍ରେସର ସିଧାସଳଖ ମୁକାବିଲା ହେଉଥିଲା । ସେଠାରେ କଂଗ୍ରେସର ସ୍ଥିତି ଅତି ଦୁର୍ବଳ ଏବଂ ଏହାର କେହି ରାଜ୍ୟ ସ୍ତରୀୟ ନେତା ନାହାଁନ୍ତି । ଏହାର ଫାଇଦା ଉଠାଇ ବିଜେପି ଆସାମରେ ଜିତିଲା । ହିମନ୍ତ ବିଶ୍ୱଶର୍ମାଙ୍କ ଦକ୍ଷତା ଏବଂ ନେତୃତ୍ୱ ଯୋଗୁ ଏହା ସମ୍ଭବ ହେଲା । ଆସାମରେ ବିଜେପିର ବିଜୟ ଶ୍ରେୟ ତାଙ୍କ ସପକ୍ଷରେ ଯିବ । ବାକି ତିନିଟି ରାଜ୍ୟ ପଶ୍ଚିମବଙ୍ଗ, କେରଳ ଏବଂ ତାମିଲନାଡୁରେ ଜନାଦେଶ ପରିବର୍ତ୍ତନ ସପକ୍ଷରେ ଯାଇଛି । ପଶ୍ଚିମବଙ୍ଗରେ ଗତ ୧୫ ବର୍ଷ ହେବ ମମତା ବାନାର୍ଜୀଙ୍କ ନେତୃତ୍ୱରେ ଟିଏମସି କ୍ଷମତାସୀନ ଥିଲା । କିନ୍ତୁ ମମତା ୧୫ ବର୍ଷ ଭିତରେ ରାଜ୍ୟର ବିକାଶ ପ୍ରତି ଦୃଷ୍ଟି ନଦେଇ ଶସ୍ତା ରାଜନୀତି, ତୃଷ୍ଟିକରଣ ରାଜନୀତିରେ ମାତିଥିଲେ । ୧୫ ବର୍ଷ ହେବ ରାଜ୍ୟରେ ବିକାଶ ପ୍ରକ୍ରିୟା ସମ୍ପୂର୍ଣ୍ଣ ଠପ ହୋଇଯାଇଥିଲା । ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିରେ ଅବନତି ସହ ମହିଳାଙ୍କ ପ୍ରତି ଅତ୍ୟାଚାର ବୃଦ୍ଧି ପାଇଥିଲା । ଶିକ୍ଷକ ନିଯୁକ୍ତିଠାରୁ ଆରମ୍ଭ କରି ପ୍ରତି କ୍ଷେତ୍ରରେ ଦୁର୍ନୀତି ହୋଇଥିଲା । ଅନେକ ଥର ସୁପ୍ରିମକୋର୍ଟ ମମତା ସରକାରଙ୍କୁ ସମାଲୋଚନା କରିଛନ୍ତି । କିନ୍ତୁ ଦିଦି ସବୁ ବେଳେ ରାଜନୈତିକ ଆଳ ଦେଖାଇ ନିଜକୁ ସୁରକ୍ଷା ପ୍ରଦାନ କରିଛନ୍ତି । ନିଜେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଗୁଣ୍ଡାଗର୍ଦ୍ଦିଲାଗି ରାସ୍ତାକୁ ଓହ୍ଲାଇଛନ୍ତି । ଦେଶର ରାଷ୍ଟ୍ରପତିଙ୍କୁ ଅପମାନ, ରାଜ୍ୟପାଳଙ୍କୁ ଆକ୍ରମଣ ଭଳି ଘଟଣା ପଶ୍ଚିମବଙ୍ଗ ବ୍ୟତିତ ଦେଶର ଅନ୍ୟ କେଉଁ ସ୍ଥାନରେ ଦେଖିବାକୁ ଦେଖିବାକୁ ମିଳେନି । ଆଇ-ପ୍ୟାକ ଘଟଣାରେ ଇଡି ଚଢ଼ଉ ବେଳେ ନିଜେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟଣାସ୍ଥଳକୁ ଯାଇ ଫାଇଲ ଛଡ଼ାଇ ଆଣିବା ସାଧାରଣ କଥା ନୁହେଁ । ତାଙ୍କୁ ଏଥିପାଇଁ ଗିରଫ କରାଯିବା ଉଚିତ । ନିଜ ଶାସନ କାଳରେ ମମତା ସମ୍ପୂର୍ଣ୍ଣ ପୋଲିସ ଏବଂ ପ୍ରଶାସନକୁ ନିଜ ଅକ୍ତିଆରରେ ରଖିଥିଲେ । ବ୍ୟକ୍ତିଗତ ଉଦ୍ଦେଶ୍ୟରେ ଏହାକୁ ସେ ବ୍ୟବହାର କରୁଥିଲେ । ଏବେ ନିର୍ବାଚନ ହାରିବା ପରେ ମମତା ଏହାକୁ ଭୋଟ ଚୋରୀ ବୋଲି କହୁଛନ୍ତି । ବିଜେପି ଇସିଆଇଙ୍କ ସହଯୋଗରେ ଭୋଟ ଲୁଟ କରିଛି ବୋଲି ମମତା କହିଛନ୍ତି । ଏହା ସମ୍ପୂର୍ଣ୍ଣ ଭୁଲ ଏବଂ ମିଛ ଅଭିଯୋଗ । କେବଳ ପରାଜୟର ଲଜ୍ଜା ଲୁଚାଇବାକୁ ସେ ଏପରି କହୁଛନ୍ତି । ଇସିଆଇଙ୍କ କଡ଼ା ପଦକ୍ଷେପ ଯୋଗୁ ମମତା ବୁଥ ରିଗଂ କରିପାରିଲେ ନାହିଁ । ଏଥିପାଇଁ ସେ ବିଜେପି ଏବଂ ଇସିଆଇଙ୍କୁ ଦୋଷ ଦେଉଛନ୍ତି । ମମତାଙ୍କ ଭୋଟ ଚୋରୀ ଅଭିଯୋଗକୁ ରାହୁଲ ଗାନ୍ଧି ଅତି ନିର୍ଲଜ ଭାବେ ସମର୍ଥନ କରୁଛନ୍ତି । ରାହୁଲ ଏହାର ପ୍ରମାଣ ଦେବା ଉଚିତ । ନଚେତ ଲୋକଙ୍କୁ ବିଭ୍ରାନ୍ତ କରିବା ଏବଂ ଜନମତକୁ ଅସମ୍ମାନିତ କରିବା ଅଭିଯୋଗରେ ତାଙ୍କ ବିରୋଧରେ ମାନହାନୀ ମାମଲା ରୁଜୁ ହେବା ଉଚିତ । ପଶ୍ଚିମବଙ୍ଗରେ ମମତାଙ୍କ ପରାଜୟ ଭାରତୀୟ ଗଣତନ୍ତ୍ର ପାଇଁ ଏକ ଶୁଭଖବର ଏବଂ ଏଥିଲାଗି ପଶ୍ଚିମବଙ୍ଗବାସୀଙ୍କୁ ଧନ୍ୟବାଦ ଦେବା ଉଚିତ । ସେହିପରି ମମତାଙ୍କ ପରି ତାମିଲନାଡୁରେ ଡିଏମକେ ସରକାର ସ୍ୱେଚ୍ଛାଚାରିତାର ଚରମସୀମାରେ ପହଞ୍ଚିଥିଲା । ଷ୍ଟାଲିନ ସରକାର କେବଳ ଦୁର୍ନୀତିଗ୍ରସ୍ତ ନଥିଲେଏହା ମଧ୍ୟ ଅପାରଗ ସରକାର ଥିଲା । ଭାରତର ସଂଘୀୟ ବ୍ୟବସ୍ଥା ପ୍ରତି ଏହା ବିପଦ ସୃଷ୍ଟି କରୁଥିଲା । କେବଳ ଷ୍ଟାଲିନ ନୁହଁନ୍ତି ତାଙ୍କର ସମ୍ପୂର୍ଣ୍ଣ ପରିବାର କ୍ଷମତାର ଦୁରୁପଯୋଗ କରୁଥିଲେ । ରାଜ୍ୟରେ ଗୋଟିଏ ପରିବାର ଶାସନ କରୁଥିଲା । ତାମିଲନାଡୁବାସୀ ଏହାର ଅନ୍ତ ଘଟାଇଛନ୍ତି । ତେବେ ଡିଏମକେର ପରାଜୟ ସହ ଏକ ନୂତନ ରାଜନୈତିକ ଶକ୍ତି ଜନ୍ମ ନେଇଛି । ଅଭିନେତାରୁ ନେତା ହୋଇଥିବା ଚନ୍ଦ୍ରଶେଖର ଯୋଶେଫ ବିଜୟ ଓରଫ ଥାଲାପତି ବିଜୟଙ୍କ ଦଳ ଟିଭିକେ ଏହି ନିର୍ବାଚନରେ ବିଜୟ ହାସଲ କରିଛି । ପୂର୍ବରୁ ରାଜ୍ୟରେ ଡିଏମକେ ଏବଂ ଆନ୍ନାଡିଏମକେ ରାଜ୍ୟରେ ପାଳିକରି ଶାସନ କରୁଥିଲେ । ଲୋକଙ୍କ ନିକଟରେ ତୃତୀୟ ବିକଳ୍ପ ବୋଲି କିଛି ନଥିଲା । ଏବେ ତାମିଲନାଡୁବାସୀ ଲହି ପରମ୍ପରାରେ ପରିବର୍ତ୍ତନ କରିଛନ୍ତି । ଏହା ସ୍ୱାଗତଯୋଗ୍ୟ । ସେହିପରି କେରଳରେ ଗତ ୧୦ ବର୍ଷ ହେବ ଶାସନ କ୍ଷମତାରେ ଥିବା ଏଲଡିଏଫ ନିର୍ବାଚନରେ ପରାଜିତ ହୋଇଥିବା ବେଳେ ଏହାର ଏକମାତ୍ର ବିକଳ୍ପ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ ବିଜୟୀ ହୋଇଛି । ରାଜ୍ୟରେ ଆଉ କୌଣସି ତୃତୀୟ ବିକଳ୍ପ ଲୋକଙ୍କ ନିକଟରେ ନାହିଁ । ବା ଲୋକେ ଏହାକୁ ଗ୍ରହଣ କରି ନାହାଁନ୍ତି । ତେଣୁ ଦୁଇ ମେଣ୍ଟ ପାଳିକରି ରାଜ୍ୟରେ ଶାସନ କରିବାର ଧାରା ବଜାୟ ରହିଛି । ଏଲଡିଏଫ ପରାଜିତ ହୋଇନି କିମ୍ବା ୟୁଡିଏଫ ବିଜୟୀ ହୋଇନାହିଁ । ଲୋକେ କେବଳ ପରିବର୍ତ୍ତନ କରିଛନ୍ତି । ଗଣତନ୍ତ୍ର ପାଇଁ ଏହା ଶୁଭଙ୍କର । କିନ୍ତୁ କେରଳରେ ଏଭଳି ଦ୍ୱିଦଳିଆ ବ୍ୟବସ୍ଥା କେତେଦିନ ଚାଲିବ ? ଏହାର ଅନ୍ତ ହେବା ଉଚିତ । ତାମିଲନାଡୁ ଭଳି ଏଠାରେ ଏକ ତୃତୀୟ ବିକଳ୍ପ ଖୋଲା ରହିବା ଉଚିତ । ପଶ୍ଚିମବଙ୍ଗ ଓ ତାମିଲନାଡୁରେ କେବଳ ଅହଂକାରର ପରାଜୟ ହୋଇଛି । ୧୯୭୭ରେ ଯେପରି କଂଗ୍ରେସର ପରାଜୟ ହୋଇଥିଲା,ଏବେ ଠିକ ତାହାର ପୁନରାବୃତ୍ତି ହୋଇଛି ।

# ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି ଓ ଦିବ୍ୟମୂର୍ତ୍ତି ମାତା

**ଅଲେଖ ଚନ୍ଦ୍ର ସାମଲ**

ସାଧାରଣତଃ ମଣିଷ ଯେଉଁମାନଙ୍କ ଠାରୁ ଜନ୍ମ ଗ୍ରହଣ କରେ ତାଙ୍କୁ ମା' ବାପା ରୂପେ ଗ୍ରହଣ କରିଥାଏ । କିନ୍ତୁ ଅବତାରମାନେ ଯେତେବେଳେ ସଂସାରରେ ମାନବ ରୂପେ ଜନ୍ମ ଗ୍ରହଣ କରନ୍ତି ସେମାନେ କାହାକୁ ମା, ବାପାଙ୍କ ସ୍ଥାନ ଦେବେ ନିଜେ ତାହା ବାଛିକରି ସେମାନଙ୍କ ମାଧ୍ୟମରେ ଜନ୍ମ ଗ୍ରହଣ କରିଥାନ୍ତି । ତାହା ସଙ୍ଗେ ସଙ୍ଗେ ମାଆବାପାଙ୍କୁ ମଧ ମାୟାଚ୍ଛନ୍ନ କରି ଦିଅନ୍ତି ଯେଉଁଥି ପାଇଁ ସେମାନେ ଏହି ସତ୍ୟଟି ବିସ୍ମିତ ହୋଇ ଯାଆନ୍ତି । ପୁନଶ୍ଚ ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ପୁତ୍ରର କାର୍ଯ୍ୟକଳାପ ଓ କଥା ଚାତୁରୀ ଓ ତୀକ୍ଷ୍ଣବୁଦ୍ଧିର ଝଲକ ଦେଖି ନିଜେ ନିଜେ ଆଚମ୍ବିତ ହୋଇଥାନ୍ତି । ଯେ, ସତେ କ'ଣ ଏ ପୁତ୍ରକୁ ଆମେ ଜନ୍ମ ଦେଇଛୁ । ପ୍ରକୃତ କଥା ହେଲା ବାପାମା ଜନ୍ମ ଦେଇଥାନ୍ତି – ତାଙ୍କର ଇଚ୍ଛାରେ ସେ ଜନ୍ମ ଦେବାକୁ ଚାହିଁବା ଯୋଗୁଁ ।

ଶ୍ରୀରାମ, ଶ୍ରୀକୃଷ୍ଣ, ପର୍ଶୁରାମ, ଶ୍ରୀଚୈତନ୍ୟ, ରାମକୃଷ୍ଣ, ବିବେକାନନ୍ଦ, ଭଳି ଅବତାର ପୁରୁଷମାନେ ତାଙ୍କ ନିଜ ଇଚ୍ଛା ବଳରେ ହିଁ ମାତୃଗର୍ଭ ବାଛି ନେଇଥାନ୍ତି । ଖ୍ରୀଷ୍ଟଧର୍ମରେ ମଧ ଅନୁରୂପ ଘଟଣାର ବର୍ଣ୍ଣନା ଦେଖାଯାଏ । ଯୀଶୁଖ୍ରୀଷ୍ଟ ଇଚ୍ଛା କରି ମାଗ୍ଦାଲେନୀଙ୍କ ବିବାହ ପୂର୍ବରୁ ତାଙ୍କ ଗର୍ଭରେ ଆଶ୍ରୟ ନେଇଥିଲେ । ସମସ୍ତେ ପ୍ରସବପ୍ରକ୍ରିୟା ମାଧ୍ୟମରେ ଜନ୍ମ ଲାଭ କରନ୍ତି କିନ୍ତୁ ଉପରୋକ୍ତ ମହାନ ବ୍ୟକ୍ତିଗଣ ପ୍ରଥମେ ପ୍ରବେଶ କରିଥାନ୍ତି ଓ ପରେ ପ୍ରସବ ହୋଇ ଆସନ୍ତି ସଂସାରକୁ । ଭଗବାନ, ଭଗବତ୍ ଐଶ୍ୱର୍ଯ୍ୟ ସମ୍ପନ୍ନ ଓ ଭଗବତ ଗୁଣଜ୍ଞ ପୁରୁଷମାନେ ମଧ ସୃଷ୍ଟି ପ୍ରକ୍ରିୟାର ବିଧିକୁ ମାନି ନିଜେ ଅବତରଣ କରିବା ସମୟରେ ମଧ ଗୋଟିଏ ମାତୃଗର୍ଭକୁ ଆଶ୍ରୟ କରିଥାନ୍ତି । ଜନ୍ମଲାଭ କରିବା ପରେ ସମାଜରେ ପରିଚୟ ଲାଭ କରିବା ପାଇଁ ଜଣେ ପିତାର ମାଧ୍ୟମ ଲୋଡ଼ିଥାନ୍ତି ।

ମାତା ଈଶ୍ୱରାମ୍ମାଙ୍କୁ ଏହି କାର୍ଯ୍ୟ ପାଇଁ ଲୋଡ଼ି ଥିଲେ ଭଗବାନ ସତ୍ୟସାଇ । ଗୋଟିଏ ବର୍ତ୍ତୁଳାକାର ଘନନୀଳ ପିଣ୍ଡ କେବଳ ମାତାଙ୍କ ଜ୍ଞାତ ସାରରେ ଗଗନ ମଣ୍ଡଳରୁ ଖସି ଈଶ୍ୱରାମ୍ମାଙ୍କ ଗର୍ଭରେ ଲୀନ ହୋଇଗଲେ । ତତ୍‌କ୍ଷଣାତ୍ ମାତା ତାହାର ସଂଘାତରେ ଚେତା ହରାଇ ଭୂପତିତା ହୋଇପଡ଼ିଲେ । ଗ୍ରାମର ଅନ୍ୟ ମହିଳାମାନେ ଜଳସଂଗ୍ରହ କରିବାକୁ ଆସି ମାତାଙ୍କୁ ନେଇ ଶାଶୁଙ୍କ ସମୀପରେ ପହଞ୍ଚାଇ ଦେଲେ । ସବୁ ଶୁଣି ସାରିଲା ପରେ ସେ ସମୟର ତଥା ସେ ଅଞ୍ଚଳର ଗ୍ରାମ୍ୟ ଚଳଣି ଅନୁସାରେ ଶାଶୁ ଓ ବୋହୁ ସ୍ଥିର କଲେ ଯେ ଏହା ଗୋପନ ରଖାଯିବ । ପୂର୍ବ ତିନି ସନ୍ତାନଙ୍କ ଗର୍ଭାବାସ ସମୟର ଅନୁଭୂତି ଈଶ୍ୱରାମ୍ମାଙ୍କର ଥିଲା । ଏଥରର ଅନୁଭୂତି ଥିଲା କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର ଓ ଭିନ୍ନ ସ୍ତରର । ଏହାଥିଲା ଅଦୃଷ୍ଟ ପୂର୍ବ, ଅଶ୍ରୁତ ପୂର୍ବ, ଅଚିନ୍ତ୍ୟ ପୂର୍ବ । ସେ ଅନୁଭୂତିକୁ ପ୍ରକାଶ କରିବା ପାଇଁ ଅଭିଧାନରେ ଭାଷା ନଥିଲା । ତେଣୁ ସେ ସବୁକୁ ମାତା ତାଙ୍କ ଅନ୍ତରରେ ଭେଦି ରହିବା ପାଇଁ ବାଧ ହେଉଥିଲେ । ଶାଶୁଲାକ୍ଷାମ୍ମା ବୋହୁର ଚକ୍ଷୁ ଯୁଗଳକୁଚାହିଁ ରହୁଥିଲେ । ବେଳେ ବେଳେ କମ୍ପିତ ଅଧର ଯାହା ପ୍ରକାଶ କରିବାକୁ ଉଦ୍ୟତ ହୋଇ ପରବର୍ତ୍ତୀ ସମୟରେ ଶାନ୍ତ ହୋଇଯାଉଛି । ତାହାକୁ ବେଶ ଲକ୍ଷ କରିପାରୁଥିଲେ । ସମୟ ଗଡ଼ି ଯିବା ସଙ୍ଗେ ସଙ୍ଗେ ସନ୍ତାନର ଆଗମନ ତଥା ମୁଖ ଦର୍ଶନ ପାଇଁ ମାଆ ଓ ଜେଜେମାଆଙ୍କ ବ୍ୟଗ୍ରତା ବଢ଼ିବା ସ୍ୱାଭାବିକ । କିନ୍ତୁ ମାଆଙ୍କ ଅନ୍ତରାତ୍ମା ଚାହିଁଥାଏ ଏହି ସନ୍ତାନଟି ଆଉ କିଛି ସମୟ ଧରି ଗର୍ଭରେ ରହନ୍ତା କି ? ସ୍ୱର୍ଗୀୟ ଆନନ୍ଦମୟ ଅନୁଭୂତି ଆଉ କିଛି ଦିନ ପାଇଁ ମିଳନ୍ତା । ସନ୍ତାନ ଜନ୍ମ ପରେ ଏତାଦୃଶ ଅନୁଭୂତି ଆଉ ରହିବ କି ନାହିଁ ସେ ଆଶଙ୍କାରେ ମାତା ଯେଉଁ ବ୍ୟଥା ପାଉଥିଲେ ତାହା ମଧ ମଧୁମୟ ଥିଲା । ବିରାଟ ପରିବାର ଭିତରେ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପାଦନ କରିବା ପୂର୍ବକ ଏହି ନୂତନ ଅନୁଭୂତିକୁ ଆସ୍ୱାଦନ କରିବାକୁ ଇଛାଥିଲେ ମଧ ପରିବେଶ ଅନୁକୂଳ ହେଉନଥିଲା ।

ସମୟ ତାହାର କର୍ତ୍ତବ୍ୟକୁ କେବେ ହେଳା କରେ ନାହିଁ । ସମୟର ପଞ୍ଜିକା ଅନୁଯାୟୀ ମାତା ଈଶ୍ୱରାମ୍ମା ୧୯୨୬ ନଭେମ୍ବର ୨୩ ପ୍ରାତଃ କାଳରେ ଭାର ମୁକ୍ତ ହେଲେ । ଭିତରୁ ମିଳୁଥିବା ଆନନ୍ଦ ବର୍ତ୍ତମାନ ବାହାରୁ ମିଳିବାକୁ ଆରମ୍ଭ ହେଲା । ହେଲେ ତାହା ବହୁତ କମ୍ ସମୟ ପାଇଁ ରହିଲା । ଶିଶୁର ଚାଲିବା ଆରମ୍ଭ ହେଲା ମାତ୍ରେ ମାତାଙ୍କର ଦୌଡ଼ିବା ଆରମ୍ଭ ହେଲା । ଏ ଦୌଡ଼ିବା ସହିତ ସଦାସର୍ବଦା ସତର୍କ ଓ କେଉଁ ଅନାଗତ ବିପତ୍ତି କେତେବେଳେ ଉପସ୍ଥିତ ହୋଇଯିବ ସେ ଚିନ୍ତାରେ ମାତା ଆହୁରି ବେଶୀ ଭାରାକ୍ରାନ୍ତ ହୋଇ ରହିଥିଲେ । ପରବର୍ତ୍ତୀ ସମୟରେ ଏ ଦୁଃଖ କିଛି ନୁହେଁ ବୋଲି ଧାରଣା ହେଲା । କାରଣ ଏହାଠାରୁ ବଡ଼ ବଡ଼ ବିପଦ ଓ ଆଶଙ୍କା ମାଆ ହୃଦୟକୁ ନିଶ୍ଚିନ୍ତ ହୋଇ ରହିବାକୁ ଦେଲା ନାହିଁ । ବିଦ୍ୟାରମ୍ଭ ଆରମ୍ଭ ହେଲା ଗ୍ରାମ ବିଦ୍ୟାଳୟରେ । ବିଦ୍ୟାଳୟକୁ ଯିବାର ଯେତିକି ସମୟ ଘରୁ ଅନୁପସ୍ଥିତ ରହିବାକୁ ହୋଇଥିଲା ସେତକ ସମୟ ମାର ଦେହ ଘର କାମ କରୁଥିଲେ ମଧ ମନରେ ପୁତ୍ରର ସୁରକ୍ଷା ଦାୟିତ୍ୱ ତାଙ୍କୁ ଖୁବ୍ ଆନ୍ଦୋଳିତ କରେ । ମାତାଙ୍କ କଷ୍ଟ ସେଦିନ ସୀମା ଟପିଥିଲା । ସବୁଠାରୁ କୋମଳ ହୃଦୟକୁ ପଥର କରିବାକୁ ପଡ଼ିଥିଲା ଯେଉଁଦିନ ପୁଅ ଘୋଷଣା କଲା, ମୁଁ ତୁମ ପୁଅ ନୁହେଁ, ମୋ ଭକ୍ତମାନେ ମୋତେ ଡାକିଲେଣି, ମୁଁ ଆଉ ତୁମ ଘରେ ରହିପାରିବି ନାହିଁ । ମୁଁ ସମସ୍ତଙ୍କ ବାବା, ତୁମର ମଧ । ଆଜିଠାରୁ ତୁମେ ମଧ ମୋର ଝିଅ ଓ ବାପା ମୋର ପୁଅ । ବଜ୍ର ଛିଡ଼ି ପଡ଼ିଲା ମାତାଙ୍କ ମଥାରେ । ଚର୍ତୁଦିଗ ଅନ୍ଧାର ଦିଶିଲା । କେହି ଯଦି ଚେଷ୍ଟାକରି ପୁଅକୁ ଘରକୁ ଫେରାଇ ଆଣିପାରନ୍ତା ସମସ୍ତଙ୍କର ସମସ୍ତ ଚେଷ୍ଟା ବିଫଳ ହେଲା, କେବଳ ମାତାଙ୍କ ଦୁଗ୍ଧାନ୍ନ ଥାଳି ଓ ଅନ୍ତରର ଅଳି ମୁହୂର୍ତ୍ତକ ପାଇଁ ପୁତ୍ରକୁ ଅଟକାଇ ପାରିଥିଲା ।ମାଆ ଭାବୁଥାନ୍ତି 'ଆମେ ତ ଜନ୍ମ ଦେଇନାହୁଁ, ସେ ଇଚ୍ଛାକରି ଜନ୍ମ ହୋଇଛି । ଏ ପର୍ଯ୍ୟନ୍ତ ତା ଇଚ୍ଛାରେ ଥିଲା । ଏଠାରେ ରହିବ କିଏ ଯାହା କରିବ ତା ଇଚ୍ଛାରେ କରିବ । ଆମେ କେବଳ ଯଦି ତାକୁ ଦେଖିପାରୁଥିବୁ, ସେତିକି ଯଥେଷ୍ଟ ।' ବହୁକଷ୍ଟରେ ଶପଥ କରାଇ ନେଇଥିଲେ ଗୃହତ୍ୟାଗ କର ପଛେ, ଜନ୍ମସ୍ଥାନ ତ୍ୟାଗ କରନା । ଅବତାରଙ୍କ ମାଆ ହେବା ସୌଭାଗ୍ୟର କଥା । କେତେ ଜନ୍ମର କେତେ ନିଷ୍ପାପର ତପସ୍ୟାର ଫଳ । ସେହି ତପସ୍ୟାର କଷ୍ଟ ସହିଥିବା ଯୋଗୁଁ ପୁତ୍ରର ନିନ୍ଦା, ପ୍ରଶଂସାରେ ଅପ୍ରଭାବିତ ରହିବାର ତପସ୍ୟା ପୁନଶ୍ଚ କରିବାକୁ ପଡିଥାଏ । ମାତାଙ୍କ ଚରଣ ତଳେ ପ୍ରଣତି ଢ଼ାଳିବା ସଙ୍ଗେ ସଙ୍ଗେ ସେ ତ୍ୟାଗମୂର୍ତ୍ତି, ଦେବୀମୂର୍ତ୍ତି, ଦିବ୍ୟ ମର୍ତ୍ତିକୁ ବାରମ୍ବାର ପ୍ରଣାମ କେବଳ ।

ପୂର୍ବତନ ଡିଏଫଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩

# ପୂର୍ବ ଭାରତରେ ବିଜେପିର ଦିଗ୍‌ବିଜୟ : ପଶ୍ଚିମବଙ୍ଗ ଓ ଆସାମ ନିର୍ବାଚନର ବିସ୍ତୃତ ସମୀକ୍ଷା ଭୂମିକା

**ସୌଭାଗ୍ୟ ରଂଜନ ମହାନ୍ତି**

ଭାରତୀୟ ଗଣତନ୍ତ୍ରର ଇତିହାସରେ ୨୦୨୬ ମସିହାର ବିଧାନସଭା ନିର୍ବାଚନ ଏକ ଯୁଗାନ୍ତକାରୀ ମୁହୂର୍ତ୍ତ ଭାବେ ଉଭା ହୋଇଛି । ଦୀର୍ଘ ଦଶନ୍ଧି ଧରି ଅପରାଜେୟ ମନେ ହେଉଥିବା ଦୁର୍ଗଗୁଡ଼ିକ ଏବେ ଧୂଳିସାତ୍ ହୋଇଛି । ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ୧୫ବର୍ଷର ଶାସନର ଅନ୍ତ ଘଟାଇ ବିଜେପିର ପ୍ରଚଣ୍ଡ ବିଜୟ ଏବଂ ଆସାମରେ ତୃତୀୟ ଥର ପାଇଁ ବିଜେପି ନେତୃତ୍ୱାଧୀନ ଏନଡିଏର ସରକାର ଗଠନ ପୂର୍ବ ଭାରତର ରାଜନୈତିକ ମାନଚିତ୍ରକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି ।

୧. ପଶ୍ଚିମବଙ୍ଗ 'ପରିବର୍ତ୍ତନ'ର ପୁନରାବୃତି ଓ ବିଜେପିର ଐତିହାସିକ ଉତ୍‌ଥାନ ପଶ୍ଚିମବଙ୍ଗରେ ବିଜେପିର ବିଜୟ କେବଳ ଏକ ନିର୍ବାଚନୀ ସଫଳତା ନୁହେଁ, ବରଂ ଏହା ଏକ 'ରାଜନୈତିକ ଭୂକମ୍ପ' । ୨୯୪ଟି ଆସନ ବିଶିଷ୍ଟ ବିଧାନସଭାରେ ବିଜେପି ୨୦୬ଟି ଆସନ ଜିତି ସ୍ପଷ୍ଟ ସଂଖ୍ୟାଗରିଷ୍ଠତା ହାସଲ କରିଛି ।

ମମତାଙ୍କ ଗଡରେ ଫାଟ : ନିଜର ଶକ୍ତିଶଳୀ ଦୁର୍ଗ ଭାବେ ପରିଚିତ ଭବାନୀପୁର ଆସନରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଜେପି ନେତା ଶୁଭେନ୍ଦୁ ଅଧିକାରୀଙ୍କଠାରୁ ପରାଜିତ ହେବା ଟିଏମସି ପାଇଁ ସବୁଠାରୁ ବଡ ଧକ୍କା ।

ଭଦ୍ରଲୋକ ଭୋଟରଙ୍କ ପରିବର୍ତନ : ପାରମ୍ପରିକ ଭାବେ ବାମପନ୍ଥୀ ବା ଟିଏମସି ସମର୍ଥକ କୁହାଯାଉଥିବା ବେଙ୍ଗଲର ମଧ୍ୟବିତ 'ଭଦ୍ରଲୋକ' ଶ୍ରେଣୀ ଏଥର ବିଜେପିର ବିକାଶ ଓ ଜାତୀୟତାବାଦ ନାରାକୁ ଗ୍ରହଣ କରିଛନ୍ତି ।

ସାମାଜିକ ସମୀକରଣ : ମତୁଆ ସମ୍ପ୍ରଦାୟ ଏବଂ ଉତର ବଙ୍ଗଳାର ଭୋଟରମାନେ ସମ୍ପୂର୍ଣ୍ଣ ଭାବେ ବିଜେପି ସପକ୍ଷରେ ମତଦାନ କରିଛନ୍ତି । ରୋହିଙ୍ଗ୍ୟା ଅନୁପ୍ରବେଶ ଏବଂ ତୁଷ୍ଟୀକରଣ ରାଜନୀତି ବିରୋଧରେ ବିଜପିର କଠୋର ଆଭିମୁଖ୍ୟ ହିନ୍ଦୁ ଭୋଟରଙ୍କୁ ଏକଜୁଟ କରିବାରେ ସଫଳ ହୋଇଥିଲା ।

ଆରଜି କର ଘଟଣାର ପ୍ରଭାବ: ମହିଳା ସୁରକ୍ଷା ଏବଂ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ସାଧାରଣ ଜନତାଙ୍କ ମଧ୍ୟରେ ଥିବା କ୍ରୋଧ ଇଭିଏମରେ ପ୍ରତିଫଳିତ ହୋଇଛି ।

୨. ଆସାମ : ହିମନ୍ତ ବିଶ୍ୱ ଶର୍ମାଙ୍କ ନେତୃତ୍ୱରେ 'ହ୍ୟାଟ୍ରିକ୍' ବିଜୟ ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏ (ଘଉଇ) ୧୨୬ଟି ଆସନରୁ ୧୦୧ଟି ଆସନ ଜିତି ଏକ ରେକର୍ଡ ସୃଷ୍ଟି କରିଛି । ବିଜେପି ଏକାକୀ ୮୨ଟି ଆସନ ହାସଲ କରି ସଂଖ୍ୟାଗରିଷ୍ଠତା ପାର୍ କରିଛି ।

ନିର୍ଣ୍ଣାୟକ ନେତୃତ୍ୱ : ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ କଠୋର ପ୍ରଶାସନିକ ନିଷ୍ପତି ଏବଂ ସାଂସ୍କୃତିକ ପରିଚୟର ସୁରକ୍ଷା ପାଇଁ ତାଙ୍କର ପ୍ରୟାସ ରାଜ୍ୟବାସୀଙ୍କ ମନ ଜିତିଛି । ବିକାଶ ଓ ସାମାଜିକ ଯୋଜନା ଅରୁଣୋଦୟ ଯୋଜନା ଭଳି ମହିଳା କେନ୍ଦ୍ରିତ ଯୋଜନା ଏବଂ ଭିତିଭୂମିର ଦ୍ରୁତ ବିକାଶ ବିଜେପିକୁ ବିରୋଧୀଙ୍କଠାରୁ ବହୁ ଆଗରେ ରଖିଥିଲା ।

କଂଗ୍ରେସର ବିପର୍ଯ୍ୟାୟ :ଆସାମରେ କଂଗ୍ରେସ ମାତ୍ର ୧୮ଟି ଆସନରେ ସୀମିତ ରହିବା ସହ ଦଳର ଶୋଚନୀୟ ପରାଜୟ ଘଟିଛି । ବିରୋଧୀ ମେଂଟର ବିଭାଜିତ ରଣନୀତି ବିଜେପି ପାଇଁ ବିଜୟ ପଥ ପ୍ରଶସ୍ତ କରିଥିଲା ।

ବିଜୟର ପ୍ରମୁଖ କାରଣ ସମୂହ (କରଚ୍ଚ ଚସକ୍ଷକ୍ଷବକ୍ସ୍ୱ କ୍ଟଲ ଝଙ୍କମ-ମରସ୍ୱସ୍ପ) : କାରଣ ପ୍ରଭାବ ମୋଦୀଙ୍କ ଗ୍ୟାରେଂଟି କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଓ ବିଶ୍ୱାସନୀୟତା । ଅମିତ ଶାହଙ୍କ ରଣନୀତି ସୂକ୍ଷ୍ମ ସାଂଗଠନିକ କାର୍ଯ୍ୟ ଓ ବୁଥ୍ ସ୍ତରୀୟ ପରିଚାଳନା । ଭ୍ରଷ୍ଟାଚାର ବିରୋଧୀ ସ୍ୱର ପଶ୍ଚିମବଙ୍ଗରେ ରାସନ ଓ ନିଯୁକ୍ତି ଦୁର୍ନୀତିକୁ ପ୍ରମୁଖ ପ୍ରସଙ୍ଗ କରିବା । ଜାତୀୟ ସୁରକ୍ଷା ସୀମନ୍ତେ ଅଂଚଳରେ ଅନୁପ୍ରବେଶ ରୋକିବା ଓ ସାଂସ୍କୃତିକ ସୁରକ୍ଷାର ପ୍ରତିଶ୍ରୁତି ।

ବିଜେପିର ସାମ୍ପ୍ରତିକ ନିର୍ବାଚନ ସଫଳତାର ବିସ୍ତୃତ ସମୀକ୍ଷା

୧. ପଶ୍ଚିମବଙ୍ଗ : ସବୁଠାରୁ ବଡ ରାଜନୈତିକ ବିପ୍ଳବ (୨୦୨୬)

ମଇ ୨୦୨୬ ରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଫଳାଫଳ ବିଜେପି ପାଇଁ ସବୁଠାରୁ ଐତିହାସିକ ସଫଳତା ।

ଆସନ ସଂଖ୍ୟା : ବିଜେପ ପ୍ରଥମ ଥର ପାଇଁ ପଶ୍ଚିମବଙ୍ଗରେ ୨୦୫ ରୁ ଅଧିକ ଆସନ ଜିତି ମମତା ବାନାର୍ଜୀଙ୍କ ୧୫ବର୍ଷର ଶାସନର ଅନ୍ତ ଘଟାଇଛି ।

ତାତ୍ପର୍ଯ୍ୟ :ଏହି ବିଜୟ ପ୍ରମାଣ କରିଛି ଯେ ବିଜେପିର ହିନ୍ଦୁତ୍ୱ ଏବଂ ସୁଶାସନର ମଡେଲ ବେଙ୍ଗଲର ପାରମ୍ପରିକ ରାଜନୀତିକୁ ପରାସ୍ତ କରିବାରେ ସଫଳ ହୋଇଛି । ପ୍ରଧାନମନ୍ତ୍ରୀ ମୋଦୀ ଏହାକୁ ବେଙ୍ଗଲର ଭାଗ୍ୟରେ ଏକ ନୂତନ ଅଧ୍ୟାୟ ବୋଲି ବର୍ଣ୍ଣନା କରିଛନ୍ତି ।

୨. ଆସାମ : ସ୍ଥିରତା ଓ ହ୍ୟାଟ୍ରିକ୍ ବିଜୟ (୨୦୨୬)

ଆସାମରେ ବିଜେପି ନେତୃତ୍ୱାଧୀନ ଏନଡିଏ ତୃତୀୟ ଥର ପାଇଁ କ୍ଷମତାକୁ ଫେରି ଏକ ରେକର୍ଡ ସୃଷ୍ଟି କରିଛି ।

ଫଳାଫଳ : ୧୨୬ଟି ଆସନରୁ ଏନଡିଏ ୧୦୨ଟି ଆସନ ହାସଲ କରିଛି, ଯେଉଁଥିରେ ବିଜେପି ଏକାକୀ ୮୨ଟି ଆସନ ଜିତିଛି ।

ମୁଖ୍ୟ କାରଣ : ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ନିର୍ଣ୍ଣାୟକ ନେତୃତ୍ୱ ଏବଂ ଅନୁପ୍ରବେଶକାରୀ ପ୍ରସଙ୍ଗରେ କଠୋର ଆଭିମୁଖ୍ୟ ସ୍ଥାନୀୟ ଲୋକଙ୍କୁ ପ୍ରଭାବିତ କରିଥିଲା ।

୩. ଓଡିଶା : ୨୪ବର୍ଷର ଗଡରେ ସାଫ୍ରନ ୱେଭ୍ (୨୦୨୪)

ଓଡିଶାରେ ୨୦୨୪ ନିର୍ବାଚନ ଫଳାଫଳ ରାଜ୍ୟ ରାଜନତିରେ ମାନଚିତ୍ର ବଦଳାଇ ଦେଇଥିଲା ।

ପରିବର୍ତନ : ବିଜେପି ପ୍ରଥମର ଥର ପାଇଁ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇ ସରକାର ଗଠନ କଲା ଏବଂ ୨୧ଟି ଲେକାସଭା ଆସନରୁ ୨୦ଟି ଜିତି ବିଜେଡିକୁ ସମ୍ପୂର୍ଣ୍ଣ ପଛରେ ପକାଇ ଦେଇଥିଲା ।

ବିଶେଷତ : ଓଡିଆ ଅସ୍ମିତା ଏବଂ ଶ୍ରୀଜଗନ୍ନାଥଙ୍କ ଆଶୀର୍ବଦରୁ ବିଜେପି ନିଜର ଶକ୍ତି କରିଥିଲା ।

୪. ହରିୟାଣା : ସମସ୍ତ ପୂର୍ବାନୁମାନ ଭୁଲ୍ ପ୍ରମାଣିତ କରି ବିଜେପି ହରିୟାଣାରେ ତୃତୀୟ ଥର ପାଇଁ ସରକାର ଗଠନ କରି ହ୍ୟାଟ୍ରିକ୍ ମାରିଥିଲା ।

ମହାରାଷ୍ଟ୍ର : ବିଜେପି ନେତୃତ୍ୱାଧୀନ ମହାଯୁତି ମେଂଟ ମୁମ୍ବାଇ ମ୍ୟୁନିସିପାଲ କର୍ପୋରେସନ (ଇଗଉ) ନିର୍ବାଚନରେ ଐତିହାସିକ ବିଜୟ ହାସଲ କରି ଶିବସେନା (ଥାକରେ) ଗଡକୁ ଭାଙ୍ଗିବାରେ ସଫଳ ହୋଇଛି ।

ବିଜେପିର ଏହି ବିଜୟ ଯାତ୍ରାର ମୁଖ୍ୟ ସ୍ତମ୍ଭ :

ମୋଦୀ କାରକ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି ଲୋକଙ୍କ ଅତୁଟ ବିଶ୍ୱାସ ଏବଂ ମୋଦୀଙ୍କ ଗ୍ୟାରେଂଟି ନାରା ।

ମହିଳା ଭୋଟର : ଲାଡଲି ବେହେନା (ଗଚ) ଏବଂ ସୁଭଦ୍ରା ଯୋଜନା (ଓଡିଶା) ଭଳି କଲ୍ୟାଣକାରୀ ଯୋଜନା ମହିଳାମାନଙ୍କୁ ବିଜେପିର ଏକ ସ୍ଥାୟୀ ଭୋଟ ବ୍ୟାଙ୍କରେ ପରିଣତ କରିଛି ।

ସାଂଗଠନିକ କୌଶଳ : ଅମିତ ଶାହ ଓ ଜେ.ପି. ନଡ୍ଡାଙ୍କ ନେତୃତ୍ୱରେ 'ପାନ୍ନା ପ୍ରମୁଖ' ଏବଂ ବୁଥ୍ ସ୍ତରୀୟ ମ୍ୟାନେଜମେଂଟ ।

ହିନ୍ଦୁତ୍ୱ ଓ ବିକାଶର ସମନ୍ୱୟ : ଏକପଟେ ରାମ ମନ୍ଦିର ଓ ସାଂସ୍କୃତିକ ଜାଗରଣ ଏବଂ ଅନ୍ୟପଟେ ଭିତିଭୂମିର ବିକାଶ ଲୋକଙ୍କୁ ଏକ ଦୃଢ ବିକଳ୍ପ ଦେଇଛି ।ମଇ ୨୦୨୬ ସୁଦ୍ଧା, ବିଜେପି ନେତୃତ୍ୱାଧୀନ ଏନଡିଏ ଭାରତର ୨୨ଟି ରାଜ୍ୟରେ କ୍ଷମତାରେ ଅଛି । ଏହିବିସ୍ତାର ପ୍ରମାଣ କରୁଛି ଯେ ଦେଶର ଭୋଟରମାନେ ସ୍ଥିରତା ଏବଂ ଦୃଢ ନେତୃତ୍ୱକୁ ପ୍ରାଥମିକତା ଦେଉଛନ୍ତି ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

# 'ଅଟିଜିମ୍ ଓ ମାନବିକତା - ପ୍ରତିଟି ଜୀବନ ମୂଲ୍ୟବାନ'

**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ଅଟିଜିମ୍ କୌଣସି ରୋଗ ନୁହେଁ ବରଂ ଏହା ମାନସିକ ବିକାଶର ଏକ ଭିନ୍ନତା । ଏହାର ଶୀଘ୍ର ଚିହ୍ନଟ ହେଲେ ଆରୋଗ୍ୟ ଓ ଉପଶମର ସମ୍ଭାବନା ଯଥେଷ୍ଟ । ଅଟିଜିମକୁ ସାମ୍ନା କରୁଥିବା ପିଲାଟି ପ୍ରାୟତଃ ନିଜ ଭିତରେ ସବୁବେଳେ ନିଜକୁ ନିମୋଜିତ ରଖିଥାଏ । ପିଲାବେଳୁ ଏହାର ଲକ୍ଷଣ ଦେଖିବାକୁ ମିଳେ ଏବଂ ସାରା ଜୀବନ ଏହା ଜାରି ରହିଥାଏ । ତୃଣମୂଳ ସ୍ତରରେ ତ୍ୱରିତ ଚିହ୍ନଟ ପାଇଁ ଆଶା କର୍ମୀ, ଅଙ୍ଗନବାଡ଼ି, ବିଦ୍ୟାଳୟର ଶିକ୍ଷକଙ୍କ ସହଯୋଗ ନେବା ଉଚିତ । ଅଟିଜିମ୍ ପ୍ରତିରୋଧ ପାଇଁ ଗର୍ଭାବସ୍ଥାରୁ ମାଆମାନେ ସଚେତନ ରୁହନ୍ତୁ । ସୁଷମ ଖାଦ୍ୟ ସହ ପର୍ଯ୍ୟାପ୍ତ ବିଶ୍ରାମ, ଫାଷ୍ଟଫୁଡ଼ ଓ ଅତ୍ୟଧିକ ମୋବାଇଲ ବ୍ୟବହାରରୁ ଦୂରେଇ ରୁହନ୍ତୁ । ବିଶ୍ୱ ପରିସଂଖ୍ୟାନର ଚିତ୍ର ସୂଚୀତ କରେ କି ଅଟିଜିମ ଭୋଗୁଥିବା ପିଲାମାନଙ୍କ ସଂଖ୍ୟା ସାତ କୋଟିରୁ ଅଧିକ । ଝିଅ ମାନଙ୍କ ତୁଳନାରେ ପୁତ୍ର ସନ୍ତାନ ଏହାକୁ ଭୋଗିବାର ଆଶଙ୍କା ଅଧିକ ରହିଥାଏ । ୨୦୦୭ ମସିହାରେ ମିଳିତ ଜାତିସଂଘ ସାଧାରଣ ପରିଷଦରେ ଅଟିଜିମ ନେଇ ସଚେତନତାର ଆବଶ୍ୟକତାକୁ ଅନୁଭବ କରି ଏହାକୁ ସାମ୍ନା କରୁଥିବା ପୀଡ଼ିତ ପିଲାମାନଙ୍କ ମାନବ ଅଧିକାର ହେଉ ବା ମୌଳିକ ସ୍ୱାଧୀନତା, ଅନ୍ୟମାନଙ୍କ ଠାରୁ ଭଲ ପାଇବା ହେଉ ବା ସମାଜରେ ଅଂଶ ଗ୍ରହଣର ସମାନ ଅଧିକାର ପ୍ରସଙ୍ଗ ଏହି ସବୁକୁ ଦେଖି ପ୍ରତିବର୍ଷ ଅପ୍ରେଲ ୨ରୁ ୯ ପର୍ଯ୍ୟନ୍ତ ବିଶ୍ୱ ଅଟିଜିମ ସଚେତନତା ଦିବସ ପାଳିତ ହେଉଛି । ଚଳିତ ବର୍ଷର ବାର୍ତ୍ତା ରହିଛି – 'ଅଟିଜିମ୍ ଓ ମାନବିକତା – ପ୍ରତିଟି ଜୀବନ ମୂଲ୍ୟବାନ' ।

ସେଣ୍ଟର ଫର ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନସନର ସଦ୍ୟତମ ତଥ୍ୟ ଅନୁଯାୟୀ ପ୍ରତି ୩୧ଜଣ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍ ସ୍ପେକ୍ଟ୍ରମ ଡିଜଅର୍ଡ଼ର ପ୍ରଭାବିତ ବୋଲି ଜଣାପଡ଼ିଛି । ଦେଶରେ ପ୍ରାୟ ୧.୮ କୋଟି ଅଟିଜିମ ପ୍ରଭାବିତ ବୋଲି ତଥ୍ୟ କହୁଛି । ତେବେ ଜନ ସଚେତନତା ଅଭାବରୁ ଗ୍ରାମାଞ୍ଚଳରେ ଅନେକ ପ୍ରଭାବିତ ଶିଶୁ ଆଢୁଆଳରେ ରହି ଯାଉଛନ୍ତି । ସୂଚନା ଥାଉକି ରାଜ୍ୟରେ ସରକାରୀ ଅନୁଦାନ ପ୍ରାପ୍ତ ପଞ୍ଜୀକୃତ ୧୦୮ଟି ଥେରାପି ସେଣ୍ଟର ରହିଛି ଯେଉଁଠାରେ ଅଟିଜିମ୍ ପ୍ରଭାବିତ ପିଲାଙ୍କ ପାଇଁ ମାଗଣା ସେବା ଯୋଗାଇବାର ବ୍ୟବସ୍ଥା ରହିଛି । ସେହିପରି ରାଜ୍ୟରେ ତିନୋଟି ଯଥା ଭୁବନେଶ୍ୱର, ଜଟଣୀ, ବ୍ରହ୍ମପୁରରେ ଏସଆଇଇପି ସେଣ୍ଟର ରହିଛି । ସେଠାରେ ଅଟିଜିମ ଆକ୍ରାନ୍ତଙ୍କୁ ଥେରାପି ଓ ସେମାନଙ୍କ ବାପା ମାଆଙ୍କୁ ସଚେତନ ଏବଂ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ରହିଛି ।

ଅଟିଜମ୍‌ର ଲକ୍ଷଣ ହେଉଛି ଶିଶୁଟି ନିଜ ଦୁନିଆ ଭିତରେ ରହିବାକୁ ଚେଷ୍ଟା କରେ । ସାଙ୍ଗସାଥୀମାନଙ୍କ ସହ ଖେଳ ବୁଲ ନକରି ଏକା ରହିବାକୁ ଚାହିଁଥାଏ । କୌଣସି ଖେଳଣା ପସନ୍ଦ ହୋଇଗଲେ ବେଶି ସମୟ ସେହି ଖେଳଣା ସହ କାଟିବାକୁ ପସନ୍ଦ କରେ । ବିଶେଷ ଭାବାବେଗ ଶିଶୁଠାରେ ଦେଖାଯାଏ ନାହିଁ । ଦୁଃଖରେ କାନ୍ଦିବା କିମ୍ବା ସୁଖରେ ହସିବା ଭଳି ପରିପ୍ରକାଶ କରେ ନାହିଁ । ପ୍ରଥମରୁ ଚିକିତ୍ସା କଲେ ଏହା ଭଲ ହୋଇପାରିବ ନିଶ୍ଚୟ । ଅଟିଜିମକୁ ସାମ୍ନା କରୁଥିବା ପିଲାଟି ପାଇଁ କେବଳ ଅଭିଭାବକ ନୁହେଁ ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ରହିଛି । ସେମାନଙ୍କ ନିତିଦିନିଆ ଜୀବନ ଶୈଳୀ ଓ ପାଠପଢ଼ା ବଡ଼ ଆହ୍ୱାନ ସୃଷ୍ଟି କରିଥାଏ । ଏ କ୍ଷେତ୍ରରେ ଶିଶୁ ରୋଗ ବିଶେଷଜ୍ଞ, ଅକୁପେସନାଲ ଥେରାପିଷ୍ଟ, ମନୋଚିକିତ୍ସକ ଓ ଡେଭଲପମେଣ୍ଟାଲ ପେଡିଆଟ୍ରିସିଆନଙ୍କ ଭୂମିକା ଅତୀବ ଗୁରୁତ୍ୱପୂର୍ଣ୍ଣ । ତେବେ ଅଟିଜିମ୍ ପିଲାମାନଙ୍କୁ କେବଳ ଭଲ ପାଇବା ଦରକାର । ସେମାନଙ୍କ ଚଳଣି ବ୍ୟବହାର ଓ ଅଭିବ୍ୟକ୍ତି ଅଲଗା ହୋଇପାରେ କିନ୍ତୁ ସେମାନେ ଯେ ପାଗଳ ନୁହଁନ୍ତି ଏହାକୁ ବୁଝିବା ଉଚିତ ଏବଂ ସେମାନଙ୍କ ପ୍ରତି କୌଣସି ଭେଦ ଭାବ ନକରି ଅନ୍ୟ ପିଲାମାନଙ୍କ ପରି ସମାନ ଦୃଷ୍ଟିରେ ଶ୍ରଦ୍ଧା ଆପଣାଇବାର ଅମୃତ ସ୍ପର୍ଶ ଦେଲେ ପିଲାଟି ନିତିଦିନିଆ ଜୀବନରେ କିଛିଟା ସ୍ୱାଭାବିକ ଆନନ୍ଦ ପାଇପାରିବ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,

# ଆମ ମୁରବୀ, ମହାପ୍ରଭୁ ଶ୍ରୀଜଗନ୍ନାଥ

**ବିକ୍ରମ ମହାପାତ୍ର**

ନୀଳାଦ୍ରୌ ଶଙ୍ଖମଧ୍ୟେ ଶତଦଳକମଳେ ରତ୍ନସିଂହାସନସ୍ଥମ୍ ସର୍ବାଲଙ୍କାରଯୁକ୍ତମ୍ ନମଘନରୁଚିରଂ ସଂଯୁକ୍ତଂ ଚାଗ୍ରଜେନ, ଭଦ୍ରାୟାଃ ବାମ ଭାଗେ ରଥଚରଣଯୁକ୍ତଂ ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍ ବେଦାନାଂ ସାରମୀଶଂ ସ୍ୱଜନ ପରିବୃତଂ ବ୍ରହ୍ମଦାରୁ ସ୍ମରାମି ।।'

ଆମ ମହାପ୍ରୁ, ଆମ ଓଡ଼ିଆ ପ୍ରାଣର ଜନ ଜୀବନ, ଆମ ପ୍ରତିଟି ଓଡ଼ିଆ ଘରର ମୁରବୀ ମହାପ୍ରୁ, ମହାପ୍ରଭୁ ଶ୍ରୀଜଗନ୍ନାଥ । ବଡ଼ି ସକାଳୁ ବିଛଣା ଛାଡ଼ିବା ବେଳହୁଁ ଆମ ପ୍ରଥମ ସ୍ମରଣରେ ସେ ହିଁ ଆସନ୍ତି । ତାଙ୍କରି କୃପା ବାରିଧାରା ଆମ ସେହି ଦିନଟିକୁ ଦିବ୍ୟମୟ, ପୁଣ୍ୟମୟ, କର୍ମମୟ ପାଇଁ ସତ୍ ରାସ୍ତା ଦେଉଥାଉ । ରାତିରେ ବିଛଣାକୁ ଗଲାବେଳକୁ ମହାପ୍ରଭୁଙ୍କୁ ନାମ ସ୍ମରଣ ପୂର୍ବକ କୃତଜ୍ଞତାରେ ମୁଣ୍ଡ ନୁଆଁ ପ୍ରଣାମଟି ଘେନାଇ ନେଇଥାଉ ବିଶ୍ରାମ । କିପରି ନୁହେଁ ଯେ ? କାହିଁ ନୁହେଁ ଯେ ? ସେ ଆମ ପ୍ରତିଟି ଘରର ଜୀବନ ପ୍ରାଣ । ତାଙ୍କ କୃପା ପ୍ରତିଟି କ୍ଷେତ୍ରରେ ଆମକୁ ଆଗେଇ ନେଇ ଥାଏ । ଏ ସଚରାଚର ବ୍ରହ୍ମାଣ୍ଡର ନାୟକ, ସଞ୍ଚାଳକ ଓ ସ୍ୱୟଂ ହିଁ ରକ୍ଷକ । ସେ ହେଉଛନ୍ତି ଭକ୍ତିର, ସେ ଭାବର, ଭାବ ବିନୋଦିଆ, ପ୍ରତିଟି କ୍ଷେତ୍ରରେ ଅନେକଙ୍କ ପାଖରେ କେଉଁ ରୂପରେ, କେଉଁ ସ୍ୱରୂପରେ ସେ ପ୍ରକଟିତ ହୋଇ ଉଦ୍ଧାର କରିଥାନ୍ତି । କୃପା ଢ଼ାଳି ଥାଆନ୍ତି । ଚର୍ମ ଚକ୍ଷୁରେ ଥରୁଟିଏ ଆଖି ପୁରାଇ ସେହି ମହାପ୍ରଭୁଙ୍କୁ ଦର୍ଶନ ଟିକିକ ପାଇଁ ଶ୍ରୀକ୍ଷେତ୍ର ପୁରୀକୁ ଲକ୍ଷ ଲକ୍ଷ ଜଗନ୍ନାଥପ୍ରେମୀ, ଭକ୍ତ, ସନ୍ଥ, ସାଧକ, ଗବେଷକ, ଧର୍ମ ବିଶ୍ୱାସୀ ନିଇତି ଦିନ ଛୁଟୁଛନ୍ତି ପୁରୀ ଅଭିମୁଖେ । ମହାପ୍ରଭୁଙ୍କ ଅପୂର୍ବ କଳା ଶ୍ରୀମୁଖକୁ ଭରା ଆଖିରେ ତନ୍ମୟ ପୂର୍ବକ କୋଳେଇ ନେବାକୁତ ସମସ୍ତଙ୍କର ଇଚ୍ଛା ହୋଇଥାଏ । ଆମ ସବୁ ଓଡ଼ିଆଙ୍କ, ଭକ୍ତଙ୍କ, ଶ୍ରଦ୍ଧାଳୁଙ୍କ ଭକ୍ତି ଭାବନାର କୃପା ପ୍ରାର୍ଥନା ହେଉଛି ତାଙ୍କରି ଦିବ୍ୟମୟ ବଡ଼ ବଡ଼ ଚକା ଆଖିର ସାଗରରେ ସେ ହଜେଇ ଦିଅନ୍ତୁ, କୃପା ବାରିଧାରାରେ ଭିଜାଇ ଦିଅନ୍ତୁ ।

ଏ ସମଗ୍ର ବିଶ୍ୱ ଯାହାଙ୍କ ଲୀଳାରେ ଆତଯାତ କୋଟି ବ୍ରହ୍ମାଣ୍ଡର ସେ ସ୍ରଷ୍ଟା ସେ ହିଁ ନାଥ, ସେ ହିଁ କୃପାମୟ, କୃପାବତ୍ସଳ ପୂର୍ଣ୍ଣବ୍ରହ୍ମ, ପରଂବ୍ରହ୍ମ ମହାପ୍ରଭୁ ଶ୍ରୀଜଗନ୍ନାଥ । ପ୍ରତିଟି ଓଡ଼ିଆ ଘରର, ପ୍ରତିଟି ରୀତିନୀତି, ଧର୍ମଚର୍ଯ୍ୟା, ଆଧ୍ୟାତ୍ମିକ କାର୍ଯ୍ୟ ସବୁ ହିଁ ମହାପ୍ରଭୁଙ୍କୁ ସମର୍ପି, ତାଙ୍କରି ଆଶୀର୍ବାଦରେ ସଞ୍ଚାଳିତ ହୋଇଥାଏ, ପରିଚାଳିତ ହୋଇଥାଏ । କେଉଁପରି ଭକ୍ତି ନେଇ ? କେଉଁ ପରି ଲୋକଙ୍କୁ ? କେଉଁ ପରି ଅବସ୍ଥାରେ ? କେଉଁପରି ପରିବେଶ / ପରିସ୍ଥିତିରେ ? ଦିବ୍ୟତା ଭରା ଅନୁଭୂତି ଯେ ନଦେଇଛନ୍ତି ତାହା କାହାର କାଣିଚାଏ ମଣିମା ଲେଖିବା ହିଁ ତାଙ୍କ କୃପାର ଦିବ୍ୟ ଆଶୀର୍ବାଦ । ସାଗରକୁ ଯେପରି କେହି କଳିପାରି ନଥାନ୍ତି ସେହିପରି ମହାପ୍ରଭୁଙ୍କ ଦିବ୍ୟ ମହିମା ଲେଖିବା, ବର୍ଣ୍ଣନା କରିବା ସାଧ ଅସମ୍ଭବ । ତାଙ୍କୁ ଚର୍ମ ନେତ୍ରରେ ଥରୁଟିଏ ବି ଦେଖି ତାଙ୍କ ସାନ୍ନିଧ୍ୟ ପାଇ ଆନନ୍ଦ ବଜାରରେ ମହାପ୍ରସାଦ ସେବନକରି, ସମୁଦ୍ର ବେଳାରେ ସାଗର ରାଜାଙ୍କ ଦର୍ଶନ ପୁଣ୍ୟ ଆନନ୍ଦ ପ୍ରଦାନ କରିଥାଏ । ସେ ଭକ୍ତର ଭାବଗ୍ରାହୀ, ସେ ଭାବକୃପା ନିଧି, ସେ କଳା ସାମନ୍ତ, ଷାଠିଏ ପଉଟି ନିଇତି ତାଙ୍କର ଲାଗି ରହିଥାଏ । ସେ ଭକ୍ତର, ସେ ଭାବନାର, ତାଙ୍କୁ ଯେ ଧରିଛି ତାର ସୁଖ ହେଉ ବା ଦୁଃଖ ସେ ସବୁଥିରେ ସାଥୀ । ଯେତିକି ପାରିବି ସମ୍ଭବ ତାଙ୍କୁ ଯିଏ କୃପା କରିଥାଏ, ନିଜକୁ ସମର୍ପି ଥାଏ ତାଙ୍କ କାତରର ପ୍ରାର୍ଥନାରେ ସନ୍ତୁଷ୍ଟ ପୂର୍ବକ ତତ୍କାଳ ଉଭା ହୋଇ ଭକ୍ତକୁ କୃପାର ବାରିଧାରା ଢ଼ାଳି ଦିଅନ୍ତି । ତାଙ୍କ ଭକ୍ତ ବତ୍ସଳତା ଭାବ ହିଁ ଆମ ସମସ୍ତଙ୍କ ପାଇଁ କୃପା କାଣିଚାଏ ।

ଆମ ଓଡ଼ିଆ ଘରର କଥା କହୁଛି, ସେ ଭାବନିଧି, ସେ କୃପାମୟ ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ପ୍ରତିଟି ଓଡ଼ିଆ ଘରର ମଉଡମଣି, ମୁରବୀ, ଆରାଧ୍ୟ । ଆମ ପ୍ରତିଟି ଓଡ଼ିଆ ଘରର ସୁଖ ଦୁଃଖ ଆରମ୍ଭ ହୋଇଥାଏ ବ୍ରାହ୍ମ ମୁହୂର୍ତ୍ତର ଆରମ୍ଭରୁ ନିଶାର୍ଦ୍ଧ ପର୍ଯ୍ୟନ୍ତ ସବୁକିଛି ପରିଚାଳିତ ହୁଏ ତାଙ୍କରି କୃପା ନିର୍ଦ୍ଦେଶରେ । ତାଙ୍କ ଶ୍ରୀକ୍ଷତ୍ର, ପୁଣ୍ୟପାବନ ନୀଳକନ୍ଦରର ଶ୍ରୀକ୍ଷେତ୍ର ଆମ ପ୍ରତିଟି ଓଡ଼ିଆଙ୍କ ପାଇଁ ପୁଣ୍ୟ, ମୋକ୍ଷ, ଶାନ୍ତି, ମୁକ୍ତି, ପ୍ରଶାନ୍ତି ଓ ପରମ ଆନନ୍ଦର ପାବନ ଧାମ । ସେହି ଶ୍ରୀକ୍ଷେତ୍ରର ପାବନ ଭୂମିରେ ଯେ କେହି ବି ପାଦଟିଏ ରଖିବା ମାତ୍ରେ ସେହି ଭାବ ବିନୋଦିଆଙ୍କ ଭିତରେ ନିଜକୁ ହଜାଇ ଦିଏ । ଭୁଲିଯାଏ ତାର ପିଲାପିଲି, ତେଲ ଲୁଣର ଜୀବନ । କେବଳ ଚାରିପଟରେ ପୂର୍ଣ୍ଣବ୍ରହ୍ମ ମହାପ୍ରଭୁ, ଭିଜିଯାଏ ଲୋତକ ଯୁଗଳରୁ ସେ ଆନନ୍ଦାଶ୍ରୁ ହିଁ କୃପା ବାରିଧାରା । ଯେ କେହି ବି ହାତ ଟେକି ଦେଇ, ସବୁ କିଛି ତାଙ୍କରି ଉପରେ ସମର୍ପି ଦେଇ ଭକ୍ତି ଭାବର ଡ଼ୋରିଟିକୁ ଭିଡ଼ି ଧରି ଭାବ ତନ୍ମୟ ହୋଇଯାଏ, ହଜାଇ ଦିଏ ନିଜକୁ, ସେ ହିଁ ମହାପ୍ରଭୁଙ୍କୁ ପାଇଥାଏ ।

ପୁଣ୍ୟ ପାବନ ମହାପ୍ରଭୁଙ୍କ ଏହି ଶ୍ରୀକ୍ଷେତ୍ର ବଡ଼ଦାଣ୍ଡରେ ପଡ଼ିଛି କୋଟି କୋଟି ସନ୍ଥ, ସାଧକ, ଭକ୍ତ, ଆଶ୍ରିତ ଓ ଶ୍ରଦ୍ଧାଳୁଙ୍କୁ । ଶ୍ରୀଜୀଉଙ୍କ ଚତୁର୍ଦ୍ଧାମୂରତିକୁ ଚର୍ମ ଚକ୍ଷୁରେ ଦେଖି ସେହି ଭାବକୁ ନେଇ ଫେରିଥାଏ ନିଜ ଘରକୁ । ଏହି ମହାପ୍ରଭୁଙ୍କ ଧାମ ମାନବୀୟ ମୂଲ୍ୟବୋଧ, ଭ୍ରାତୃତ୍ୱବୋଧ, ପରିବାର ଚେତନା, ସାମାଜିକ ସମାନତା ଭାବରେ କୋଟି ଓଡ଼ିଆଙ୍କୁ ଉଦବୃଦ୍ଧ କରିଥାଏ । ମହାପ୍ରଭୁ ଭକ୍ତ ଦାସିଆ ବାଉରୀ ହାତରୁ ନଡ଼ିଆ ନେବା ଭଳି ବର୍ତ୍ତମାନ ସମୟରେ ଆମେ ଏପରି ଅନେକ ଶ୍ରଦ୍ଧାଳୁଙ୍କ ସହ କଥା ହେବା ଭିତରେ ମହାପ୍ରଭୁଙ୍କ କୃପା, ଭକ୍ତି ନୈବେଦ୍ୟ ଏବେ ବି ତତ୍କାଳ ଢ଼ାଳି ଦେଉଛନ୍ତି । ଆମ ପ୍ରତିଟି ଓଡ଼ିଆ ଘରର ରୋଷେଇ ଘରେ ଯାହା କିଛି ପ୍ରସ୍ତୁତ ହୋଇଥାଏ ତାହାର ପ୍ରଥମ ସମର୍ପଣ ମହାପ୍ରଭୁଙ୍କୁ ହିଁ ହୋଇଥାଏ । ଶ୍ରୀମନ୍ଦିରର ଆନନ୍ଦ ବଜାରରେ ଯେ ମହାପ୍ରଭୁଙ୍କ ଅଭଡ଼ା ରହିଛି ତାହା ନୁହେଁ କିନ୍ତୁ ନିଜ ଘରର ପ୍ରଥମ ରୋଷେଇର ପବିତ୍ର ସାତ୍ତ୍ୱିକ ପ୍ରସ୍ତୁତି ମହାପ୍ରଭୁଙ୍କୁ ହିଁ ସମର୍ପଣ ହୋଇଥାଏ । ଆମ ଜୀବନ ଚେତନା, ସେବା ଭାବନାକୁ ରାସ୍ତା ଦେଖାଇଥାଏ ମହାପ୍ରଭୁଙ୍କ କୃପା । ଆମ ଜୀବନ ରଥର ସେ ହିଁ ସଞ୍ଚାଳକ, ପରିଚାଳକ, ରକ୍ଷକ, ବନ୍ଧୁ, ସହୋଦର, ସବୁକିଛି । ଆମ ମୂଳ ଭାବନା, ଧର୍ମ ଚେତନା ସବୁ କିଛି ହିଁ ହେଉଛି ତାଙ୍କ କୃପାକୁ ନେଇ ।

ଭାରତ ବାହାରେ ବି ଯେଉଁଠି ଭାବଭକ୍ତିର ଶ୍ରଦ୍ଧାଳୁ ଯେ କେହି ବି ଅଛନ୍ତି, ସେ ମଧ ତାଙ୍କ କୃପା ପାଇଛନ୍ତି । ଆମ ଓଡ଼ିଆ ଜାତିର ପରିଚୟ ହେଉଛନ୍ତି ହିଁ ମହାପ୍ରଭୁ । ମହାପ୍ରଭୁଙ୍କୁ ବିନୀତ ପ୍ରାର୍ଥନା, ହୃଦୟ ଭରା ଅଞ୍ଜୁଳି ଓ ବୀନତି କେବଳ ମୋ ପରିବାର ବନ୍ଧୁ ସମ୍ପର୍କୀୟ ନୁହଁନ୍ତି ତମାମ ଆମେ ସମସ୍ତେ, ସମଗ୍ର ବିଶ୍ୱରେ ଯେଉଁଠି ଯିଏ ବି ଯେଉଁ ମଣିଷ ଜଣକ, ସମସ୍ତଙ୍କ ପରିଚୟ ମହାପ୍ରଭୁଙ୍କୁ ନେଇ । ସେ ହିଁ ଶିକ୍ଷା ଦେଇଛନ୍ତି ମଣିଷ ପଣିଆ, ଭଲ ପାଇବା, ପରୋପକାର, ଭାଇ ଭାବନା, ସାମାଜିକ, ସୌହାର୍ଦ୍ଧ୍ୟ ଜୀବନ, ଦିବ୍ୟମୟ ପରିବାର ଚେତନା ନିଜ ବୃତ୍ତିଗତ ଜୀବନରେ ସାଧୁତା, ସଚ୍ଚୋଟତା ଓ ଅଟଳ ବିଶ୍ୱସତା । ଏ ଜାତିର, ଏ କୋଟି କୋଟି ଓଡ଼ିଆ ଭାଇଭଉଣୀଙ୍କର ସର୍ବମଙ୍ଗଳ ହେଉ ଏହା ହିଁ କାମନା ।

ଚଣ୍ଡୀମନ୍ଦିର ରାସ୍ତା, କଟକ-୧, ଦୂରଭାଷ :୯୪୩୭୦୨୧୬୧୫

# ୩୮ ବର୍ଷର ନିଷ୍ଠାପୂର୍ଣ୍ଣ ଶିକ୍ଷା ସେବା ପରେ ଅବସର



**ମାଲକାନଗିରି, ୫ା୫ (ସ୍ୱାଧିକାର ନ୍ୟୁଜ) :** "ଶିକ୍ଷକ ହେଉଛନ୍ତି ସମାଜର ଶିଳ୍ପୀ" ଏହି ଉକ୍ତିକୁ ସାର୍ଥକ କରିଛନ୍ତି ମାଲକାନଗିରି ବ୍ଲକ ସେରପାଲି ପଞ୍ଚାୟତ ଅନ୍ତର୍ଗତ ମିଛୁଆଗୁଡା ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମ ଡୁରୁକା। ଦୀର୍ଘ ୩୮ ବର୍ଷ ଧରି ନିଷ୍ଠା, ଆଦର୍ଶ ଓ ନିରବଚ୍ଛିନ୍ନ ସେବା ମାଧ୍ୟମରେ ସେ ଅନେକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢ଼ିଥିବାବେଳେ ଆଜି ସରକାରୀ ଚାକିରିରୁ ଅବସର ଗ୍ରହଣ କରିଛନ୍ତି । ତାଙ୍କ ଅବସର ଅବସରରେ ଗ୍ରାମବାସୀ, ଶିକ୍ଷକ ସମାଜ ଓ ବିଦ୍ୟାଳୟ ପରିବାର ପକ୍ଷରୁ ଏକ ଭବ୍ୟ ଏବଂ ଭାବବିହ୍ୱଳ ସମ୍ବର୍ଦ୍ଧନା ସମାରୋହର ଆୟୋଜନ କରାଯାଇଥିଲା । ମିଛୁଆଗୁଡା ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ମମତା ଖମାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସହକାରୀ ଶିକ୍ଷା ଅଧିକାରୀ ଅଶ୍ୱିନୀ କୁମାର ମାଝୀ ମୁଖ୍ୟ ବକ୍ତା ଭାବେ ଉପସ୍ଥିତ ଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ବିଜୟ କୁମାର ବିଶ୍ୱାସ ସଭାରେ ସଭାପତିତ୍ୱ କରିଥିଲେ। ସଭାରେ ଅତିଥିମାନେ ଶ୍ରୀ ଡୁରୁକାଙ୍କ ଶିକ୍ଷାଦାନ ଶୈଳୀ, ସରଳ ଜୀବନଯାପନ, କର୍ତ୍ତବ୍ୟନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ପ୍ରତି ତାଙ୍କ ଅକୃତ୍ରିମ ସ୍ନେହର ଉଚ୍ଚ ପ୍ରଶଂସା କରିଥିଲେ। ଗୋପଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦାମୋଦର ଦୁରୁକା, କାଲିମେଲା ବୃତିଗୁଡା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଖଣ୍ଡପାତ୍ର ଓ ସେରପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନନିଗୋପାଲ ଦାସ ପ୍ରମୁଖ ତାଙ୍କ ଦୀର୍ଘ ସେବାଜୀବନକୁ ସ୍ମରଣ କରି ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ ରାମଚନ୍ଦ୍ର ଦୁରୁକା, ୱାର୍ଡ ମେମ୍ବର ଗୁରୁଚରଣ ମାଡକାମି, ମାନସ ରଞ୍ଜନ ମହାପାତ୍ର ଓ ମ୍ୟୁନିସିପାଲିଟି ସିଆରସିସି ସରୋଜ କୁମାର ସାହୁଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସି ଏବଂ ଅନେକ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ରହି ଶ୍ରୀ ଡୁରୁକାଙ୍କ ସହ ଜଡିତ ସ୍ମୃତିକୁ ସେୟାର କରିଥିଲେ।

# ସଂଘବଦ୍ଧ ଆକ୍ରମଣରେ ବାପ-ଝିଅ ଗୁରୁତର

**ନିଶ୍ଚିନ୍ତକୋଇଲି, ୫ା୫ (ସ୍ୱାଧିକାର ନ୍ୟୁଜ) :** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ସରପଡ଼ା ଗ୍ରାମ ପଞ୍ଚାୟତ ସରପଡ଼ା ଗ୍ରାମର ଅଜୟ ସେଠୀ (୩୬)ବର୍ଷ କଂସାରୀ ମା' ମନ୍ଦିରରେ ବେଆଇନ ବିଦ୍ୟୁତ ସଂଯୋଗକୁ ବିରୋଧ କରିବାରୁ ଉକ୍ତ ଗ୍ରାମର ସୁକାନ୍ତ ଦାଶ ଓ ଶ୍ରୀକାନ୍ତ ଦାଶଙ୍କ ପରିବାର ସହିତ ଯୁକ୍ତିତର୍କ ହୋଇଥିଲା । ଉକ୍ତ ଘଟଣାକୁ କେନ୍ଦ୍ର କରି ଦାଶ ପରିବାରର ସଦସ୍ୟମାନେ ସଂଘବଦ୍ଧ ଭାବେ ଅଜୟ ସେଠୀ, ପିତା-କୈଳାସ ସେଠୀ ଏବଂ ଅଜୟ ସେଠୀଙ୍କ ୬ବର୍ଷର କନ୍ୟା ଉପରେ ଆକ୍ରମଣ କରିଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଗତ ୨୭ ତାରିଖ ଅପରାହ୍ନରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ମୁତାବକ ଉକ୍ତ ଯୁକ୍ତିତର୍କ ଘଟଣା ଘଟିବା ପରେ ଅଜୟ ସେଠୀ ତାଙ୍କ ୬ବର୍ଷର ଝିଅ ବଜାର ଶନି ଠାକୁରଙ୍କ ପାଖକୁ ଯାଉଥିବା ସମୟରେ ସରପଡ଼ା ଗ୍ରାମର (୧)ସୁକାନ୍ତ ଦାଶ, ପିତା ସ୍ୱର୍ଗତ ଅଲେଖ ଚନ୍ଦ୍ର ଦାଶ (୨)ବିଷ୍ଣୁପ୍ରସାଦ ଦାଶ, ପିତା ସୁକାନ୍ତ ଦାଶ (୩) ରିଣ୍ଟୁ ଦାଶ, ପିତା-ସୁକାନ୍ତ ଦାଶ (୪) ଶକ୍ତିପ୍ରସାଦ ଦାଶ, ପିତା-ଶ୍ରୀକାନ୍ତ ଦାଶ (୫) ଶିବପ୍ରସାଦ ଦାଶ,ପିତା-ଶ୍ରୀକାନ୍ତ ଦାଶ (୬)ସୁକାନ୍ତ ଦାଶଙ୍କ ଭଣଜା ଶାରଦା ପ୍ରସାଦ ନନ୍ଦ, ପିତା-ପ୍ରଦିପ୍ତ କୁମାର ନନ୍ଦ ଏକ ବୋଲେରୋରେ ଆସି ପିଛା କରି ବାରମାଣିଆ ରାସ୍ତା ପାଖରେ ଶ୍ରୀ ସେଠୀ ଓ ତାଙ୍କ ଝିଅଙ୍କୁ ଅଟକାଇ ବିଭିନ୍ନ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ରାସ୍ତା କଡ଼ରୁ ବିରାଟ ବଡ଼ଖଣ୍ଡ ପଥର ଆଣି ଶ୍ରୀ ସେଠୀଙ୍କ ହାତରେ ଯୋରରେ ଆଘାତ ଦେଇଥିଲେ । ଅନ୍ୟମାନେ ତାଙ୍କୁ ବିଧାଗୋଇଠା, ଚାପୁଡ଼ା ମାରିବା ସହ ଅଜୟଙ୍କ ଝିଅଙ୍କୁ ତଣ୍ଟିଆ ମାରିଥିବା ଅଭିଯୋଗ ହୋଇଛି । ଫଳରେ ଛୋଟ ଝିଅଟି କେନାଲ ଭିତରେ ପଡ଼ି ତାଙ୍କ ବାମ ହାତର ହାଡ଼ ଭାଙ୍ଗି ଯାଇଥିଲା ବେଳେ ଅଣ୍ଟାରେ ମଧ୍ୟ ଜଖମ ଲାଗିଥିଲା । ମାଡ଼ ମାରିବା ସମୟରେ ଅଭିଯୁକ୍ତମାନେ ଶ୍ରୀ ସେଠୀଙ୍କୁ ବିଭିନ୍ନ ପ୍ରକାର ଜାତିଆଣ ଆକ୍ଷେପ କରିବା ସହିତ ତାଙ୍କ ସହ ପରିବାରକୁ ଜୀବନରୁ ମାରିଦେବା ପାଇଁ ଧମକ ଦେବା ସମୟରେ ଜୀବନ ବିକଳରେ ଶ୍ରୀ ସେଠୀ ଜୋରରେ ଚିଲେଇବାରୁ ସ୍ଥାନୀୟ ସ୍ଥାନୀୟ ଲୋକେ ଆସିବା ଦେଖି ଅଭିଯୁକ୍ତମାନେ ସେ ସ୍ଥାନ ଛାଡ଼ି ପଳେଇ ଯାଇଥିଲେ । ସ୍ଥାନୀୟ ଲୋକେ ଆହତ ବାପ ଝିଅକୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ । ପ୍ରାଥମିକ ଚିକିତ୍ସା ପରେ ଶ୍ରୀ ସେଠୀ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରିଥିଲେ । ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ଅଭିଯୋଗ ଫର୍ଦ୍ଦକୁ ପଞ୍ଜିକରଣ କରାଯାଇ ଥାନା କେସ୍ ନଂ-୧୫୩/୨୬ରେ ଏକ ମାମଲା ରୁଜୁ କରାଯାଇ ବିଭିନ୍ନ ଦଫା ଲଗାଯାଇଥିଲେ ମଧ୍ୟ ଅଭିଯୁକ୍ତ ମାନେ ଏପର୍ଯ୍ୟନ୍ତ ଫେରାର ଥିବା ଜଣାଯାଇଛି ।

# ଶ୍ରୀ ଏଜୁକେଶନ ଏକାଡେମୀର ଶତପ୍ରତିଶତ ସଫଳତା

**ଭବାନୀପାଟଣା, ୫ା୫ (ସ୍ୱାଧିକାର ନ୍ୟୁଜ) :** କଳାହାଣ୍ଡି ଜିଲ୍ଲାମ ରାମପୁର ବ୍ଲକ ଅନ୍ତର୍ଗତ ଶ୍ରୀ ଏଜୁକେଶନ ଏକାଡେମୀ ଶିକ୍ଷା ଅନୁଷ୍ଠାନର ମାଟ୍ରିକ ଛାତ୍ରଛାତ୍ରୀଙ୍କ ଶତ ପ୍ରତିଶତ ସଫଳତା ହାସଲ କରିବା ସହ ଦୁଇ ଜଣ ଛାତ୍ର ଛାତ୍ରୀ ବ୍ଲକ ଟପର ଭାବେ କୃତିତ୍ୱ ହାସଲ କରିଛନ୍ତି । ଚଳିତ ମାଟ୍ରିକ ବୋର୍ଡ଼ ପରୀକ୍ଷାରେ ଏହି ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ସଫଳତା ହାସଲ କରିବା ସହ କଳାହାଣ୍ଡିର ଗୌରବକୁ ବଜାୟ ରଖିଛନ୍ତି । ଯାହାଫଳରେ ଅଭିଭାବକ ମହଲରେ ଖୁସିର ଲହରୀ ଖେଳି ଯାଇଛି । ଏହି ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ଅଗାଧ ପରିଶ୍ରମ ଓ କର୍ତ୍ତବ୍ୟ ନିଷ୍ଠା ଓ ନିଷ୍ଠାପର ଉଦ୍ୟମ ଯୋଗୁଁ ଏହା ସମ୍ଭବପର ହୋଇପାରିଛି । ଏହି ଶିକ୍ଷା ଅନୁଷ୍ଠାନ ପ୍ରତି ବର୍ଷ ଭଳି ଏହି ବର୍ଷ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ ଶିକ୍ଷୟତ୍ରୀ ଓ ପରିଚାଳନା ନିର୍ଦ୍ଦେଶକଙ୍କ ଅହରହ ଉଦ୍ୟମ ଯୋଗୁଁ ଏହି ସଫଳତା ହୋଇପାରିଛି । ଏହି କୃତିତ୍ୱ ଯୋଗୁଁ ଏ ଅଞ୍ଚଳର ଜନସାଧାରଣଙ୍କ ମଧ୍ୟରେ ଆନନ୍ଦ ଓ ଖୁସିର ଲହରୀ ଖେଳି ଯାଇଛି ।

# ମା' ମଙ୍ଗଳାଙ୍କ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି

**ଯାଜପୁରରୋଡ, ୫ା୫ (ସ୍ୱାଧିକାର ନ୍ୟୁଜ) :** ଯାଜପୁର ରୋଡ ଭିକିପୁର ଗ୍ରାମରେ ହରିଗୋସେଇଁ ସ୍ୱେଚ୍ଛାସେବୀ ସଂଗଠନ ଓ ଗ୍ରାମବାସୀଙ୍କ ମିଳିତ ସହଯୋଗରେ ୬ଦିନ ଧରି ଚାଲୁ ରହିଥିବା ମା ମଙ୍ଗଳାଙ୍କ ୧୪ତମ ବାର୍ଷିକ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି ଦିବସ ଓ ମା ଭୈରବୀ ଦେବୀଙ୍କ ନୂତନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ବହୁ ଆଡ଼ମ୍ବରରେ ପାଳିତ ହୋଇଯାଇଅଛି । ବରିଷ୍ଠ ପଣ୍ଡିତ ଓ ବ୍ରାହ୍ମଣମାନେ ଏହି ଯଜ୍ଞ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଯଜ୍ଞ ଉତ୍ସବର ପୂର୍ଣ୍ଣାହୁତି ଦିବସରେ କୋରେଇର ବିଧାୟକ ଆକାଶ ଦାସ ନାୟକ ଓ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁ ଲକ୍ଷ୍ମୀନଗର ସରପଞ୍ଚ ଇଂ ସର୍ବେଶ୍ୱର ସାହୁ ପ୍ରମୁଖ ଯୋଗ ଦେଇଥିବା ବେଳେ ପ୍ରତ୍ୟେକ ଦିନ ସଂଧ୍ୟାରେ ଆୟୋଜିତ ହେଉଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ସୁନାମଧନ୍ୟ କଣ୍ଠଶିଳ୍ପୀ ମାନସୀ ପାତ୍ରଙ୍କ ସମେତ ଦଧୀବାବନ ଜୀଉ ଭଜନ ସନ୍ଧ୍ୟା ଗ୍ରୁପ, ନୈବେଦ୍ୟ ଡ୍ୟାନ୍ସ ଏକାଡେମୀ, ମା ମଙ୍ଗଳା ଡ୍ୟାନ୍ସ ଗ୍ରୁପ ତରଫରୁ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା । ବିଧାୟକ ଏଭଳି ଏକ ଧାର୍ମିକ କାର୍ଯ୍ୟରେ ଯୋଗଦେଇ ନିଜକୁ ଗୌରବାନ୍ୱିତ ମନେକରି ମାଙ୍କ କୃପା ଓ ଆଶିଷ ଲାଭ କରିବା ସହିତ ଗ୍ରାମବାସୀ ଏଭଳି ଏକ ସୁନ୍ଦର କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ବିଧାୟକ ଧନ୍ୟବାଦ ଦେଇଥିଲେ । କମିଟି ପକ୍ଷରୁ ବିଧାୟକ ଆକାଶ ଦାସ ନାୟକ ଏବଂ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା । କମିଟିର ସଭାପତି ହୃଷିକେଶ ମହଲା ଏବଂମୁଖ୍ୟ ଉପଦେଷ୍ଟା ନନ୍ଦକିଶୋର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଏହି ବାର୍ଷିକ ଉତ୍ସବ ଓ ନୂତନ ଭୈରବୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ ହୋଇଥିଲା । ମୁଖ୍ୟ କର୍ତ୍ତା ଜଳଧର ଜେନା, ବରିଷ୍ଠ ସଦସ୍ୟ ତଥା ଗ୍ରାମ ସଭାପତି ନରୋତ୍ତମ ଜେନା ସମ୍ପାଦକ ଆର୍ତ୍ତତ୍ରାଣ ଜେନା, ଚକ୍ରଧର ପାଢ଼ୀ, ସନାତନ ଜେନା, ଶରତ ବିଶ୍ୱାଳ, ନନ୍ଦ କିଶୋର ମାଝୀ, ଶଙ୍କର୍ଷଣ ବିଶ୍ୱାଳ, ଯଶବନ୍ତ ସାହୁ, ବଳରାମ ସାହୁ, ହିମାଂଶୁ ପାଢ଼ୀ, ନନ୍ଦକିଶୋର ସାହୁ, ସୁଶାନ୍ତ ଜେନା, ଅଭିମାନୁ ଜେନା, ଦୁଃଶାସନ ଜେନା, ଚନ୍ଦନ ସାହୁ, ଶୁଭମ ସାହୁ, ଜଗନାଥ ସାହୁ, ରାମଚନ୍ଦ୍ର ସାହୁ, ମନୋରଞ୍ଜନ ମହାଲା,ପ୍ରଦୀପ୍ତ ସାହୁ, ପରୀକ୍ଷିତ ସାହୁ, ମାୟାଧର ସାହୁ, ପ୍ରମୋଦ ସାହୁ, କୈଳାଶ ସାହୁ, ଖିରୋଦ ସାହୁ, ଅନିଲ ପାଢ଼ୀ, ପ୍ରକାଶ ସାହୁ, ବାସୁଦେବ ସାହୁ, ଚନ୍ଦ୍ରଶେଖର ପାଢ଼ୀ, ଶ୍ୟାମସୁନ୍ଦର ପାଢ଼ୀ, ଗଣେଶ ସାହୁ, ବୀରବର ସାହୁ, ସୁନୀଲ ପାଢ଼ୀ, ଆଦିତ୍ୟ ଜେନା, ବିବେକ ପୃଷ୍ଟି, ଶତ୍ରୁଘ୍ନ ମହାନ୍ତି ପ୍ରମୁଖ କାଯ୍ୟକ୍ରମ ରେ ସହଯୋଗ କରିଥିଲେ ।



# ଗଳାବାଟ ଖୋଜୁଛି ବାଲେଶ୍ୱର ଆଲାଏଜ୍

**ସୁକିନ୍ଦା, ୫ା୫ (ସ୍ୱାଧିକାର ନ୍ୟୁଜ) :** ସରକାରଙ୍କ ସବୁ ନିୟମକୁ ବେଖାତିର କରି ଅତି ବିପଦସଂକୁଳ ଅବସ୍ଥାରେ ଖଣି କାର୍ଯ୍ୟ କରିଆସୁଥିବା ବାଲେଶ୍ୱର ଆଲୋଏଜ ( ଇସ୍ପାତ ମାଇନିଂ)ର କଳା କାରନାମା ପଦାରେ ପଡିଛି । ପ୍ରଶାସନର ବାରମ୍ବାର ଚେତାବନୀକୁ ଭୃକ୍ଷେପ ନକରି କ୍ରୋମାଇଟ ଉତ୍ତୋଳନ କରିବାର ଚରମ ପରିଣତି ସ୍ୱରୂପ ଇସ୍ପାତ ମାଇନିଂର ସମସ୍ତ ଖଣି କାର୍ଯ୍ୟ ବନ୍ଦ ରଖିଛି ପ୍ରଶାସନ । ହେଲେ କମ୍ପାନୀ କିନ୍ତୁ ଖଣି ଚାଲୁ ରଖିବାକୁ ଗଳାବାଟ ଖୋଜୁଥିବା ଶୁଣିବାକୁ ମିଳୁଛି । ଖଣି ମଧ୍ୟରେ ଶ୍ରମିକମାନଙ୍କ ସୁରକ୍ଷା, ପରିବେଶ ଭିତିକ ସରକାରୀ ନିୟମ ଏବଂ ଧାର୍ଯ୍ୟ ପରିମାଣର କ୍ରୋମାଇଟ ଖନନ ଭଳି ନିୟମକୁ ଆଦୌ ଭୃକ୍ଷେପ କରୁନି କମ୍ପାନୀ । କାଳିଆପାଣି ଠାରେ ଥିବା ବାଲେଶ୍ୱର ଆଲାଏଜ୍ ଖଣିର ଗଭୀରତା ଏତେ ବଢ଼ିଯାଇଛି ଯେ ସେଠାରେ ଶ୍ରମିକଙ୍କ ପ୍ରତି ବିପଦ ପ୍ରତି ମୁହୁର୍ତ୍ତରେ ଅନେଇ ବସିଛି । କେତେବେଳେ ଯେ ମୁଣ୍ଡ ଉପରେ ଝୁଲୁଥିବା ବିରାଟ ମାଟି ଅତଡ଼ା ଖସି ଆସିବ କହିବା ମୁସ୍କିଲ । ଖଣି ଭିତରର ଭୟଙ୍କର ଛାତିଥରା ପରିସ୍ଥିତିରେ ଶ୍ରମିକ ମାନଙ୍କୁ କାମ କରିବାକୁ ବାଧ୍ୟ କରୁଛି କମ୍ପାନୀ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏହି କମ୍ପାନୀରେ କାର୍ଯ୍ୟରତ ଶ୍ରମିକମାନଙ୍କ ପାଉଣା ଏବଂ ଅନ୍ୟାନ୍ୟ ସମସ୍ୟାକୁ ନେଇ ଶ୍ରମିକମାନେ ପ୍ରତି ମାସରେ ଧର୍ମଘଟ କରୁଥିବା ଦେଖୁବାକୁ ମିଳୁଛି । କିନ୍ତୁ କମ୍ପାନୀ ସବୁକିଛି ଅଭିଯୋଗ ଓ ସରକାରୀ ନିୟମାବଳୀକୁ ପାଳନ କରୁନାହିଁ । ଗତ ସପ୍ତାହରେ ବିଭାଗୀୟ ଅଧିକାରୀ ଅତି ସମ୍ବେଦନଶୀଳ ଅବସ୍ଥାରେ ଖଣି କାର୍ଯ୍ୟ କରୁଥିବା ନେଇ କମ୍ପାନୀକୁ ଚରମ ଚେତାବନୀ ଦେବା ସହିତ ଅନିର୍ଦ୍ଦିଷ୍ଟ କାଳପାଇଁ ଖଣି ବନ୍ଦ କରିଦେଇଛି । ଯାହାର ପ୍ରଭାବ ଏବେ ପରିଲକ୍ଷିତ ହେଉଛି । ପୂର୍ବରୁ କମ୍ପାନୀକୁ ମିଳିଥିବା ଟାର୍ଗେଟ ପୂରଣ ପାଇଁ ଏବେ ଗଳା ବାଟ ଖୋଜୁଥିବା ଖଣି ଅଂଚଳରେ ଚର୍ଚ୍ଚା ଜୋର ଧରିଛି ।

# ଭିଜିଲାନ୍ସ ଜାଲରେ କୋର୍ଟ ଅମିନ

**ବଙ୍ଗୋମୁଣ୍ଡା, ୫ା୫ (ସ୍ୱାଧିକାର ନ୍ୟୁଜ) :** ଭିଜିଲାନ୍ସ ଜାଲରେ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ତହସିଲ କାର୍ଯ୍ୟାଳୟ କୋର୍ଟ ଅମିନ ନିର୍ମଳେନ୍ଦୁ କବି । ଏକ ପାଟିସନ ସୁଟକେଶ ପାଇଁ ବଲାଙ୍ଗୀର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଭାଲୁମୁଣ୍ଡା ଗାଁର ହରେକୃଷ୍ଣ ମେହେର ଙ୍କ ଠାରୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ବଲାଙ୍ଗୀର ଭିଜିଲାନ୍ସ ଟିମ ପକ୍ଷରୁ ଚଢ଼ାଉ କରାଯାଇ ତାଙ୍କୁ ଗିରଫ କରିଥିବା ନେଇ ସୂଚନା ମିଳିଛି । ଅଭିଯୋଗ କୁ ଭିତ୍ତି କରି ବଲାଙ୍ଗୀର ଭିଜିଲାନ୍ସ ଡିଏସପି ପୁଲସ୍ତି ଛତ୍ରୀଆଙ୍କ ନେତୃତ୍ୱରେ ବଲାଙ୍ଗୀର, ବରଗଡ଼ ସମ୍ବଲପୁର ଭିଜିଲାନ୍ସ ଟିମ ର ଚଢ଼ାଉ କରାଯାଇଛି । ବିଭିନ୍ନ ସମୟରେ ଶ୍ରୀ ମେହେର ଙ୍କୁ ଟଙ୍କା ଦାବି କରୁଥିଲେ । ପାଟିସନ ସୁଟକେଶ କାମ ପାଇଁ ଦିନ ଗଡାଉ ଥିଲେ ପରେ ଭିଜିଲାନ୍ସ କାର୍ଯ୍ୟାଳୟ ର ଦ୍ୱାରସ୍ଥ ହୋଇଥିବା ନେଇ ସୂଚନା ମିଳିଛି । ପୂର୍ବରୁ ମଧ୍ୟ ନିମଳେନ୍ଦୁ କବି ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିବା ଜଣାପଡିଛି । ଗିରଫ ହେବା ପରେ କର୍ମଚାରୀ ମାନଙ୍କ ମଧ୍ୟରେ କୋକୁଆ ଭୟ ଦେଖିବାକୁ ମିଳିଛି ।



# ଏ-ୱାନ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ବରୀ, ୫ା୫ (ସ୍ୱାଧିକାର ନ୍ୟୁଜ) :** ଚଳିତ ବର୍ଷ ଦଶମ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ବରୀ ବ୍ଲକ୍‌ରେ ଏ୧ ପାଇଁ ବ୍ଲକ୍ ସ୍ତରରେ ସର୍ବାଧିକ ନମ୍ବର ରଖି ଚାରିଜଣ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛି। ଏହି ଚାରିଜଣ ଛାତ୍ର ଛାତ୍ରୀଙ୍କୁ ଆଜି ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ବରୀ ଡାକ ବଙ୍ଗଳାକୁ ଡାକି ପୁଷ୍ପ ଗୁଚ୍ଛ, ଉତ୍ତରୀୟ ଓ ତାଙ୍କ ଦରମା ରାଶିରୁ ନଗଦ ଦଶ ହଜାର ଲେଖାଏଁ ପ୍ରୋତ୍ସାହନ ରାଶି ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏହିମାନଙ୍କ ମଧ୍ୟରୁ ନନ୍ଦିନୀ ଦେବୀ ବିଦ୍ୟାପୀଠ ସେରପୁରର ଛାତ୍ରୀ ବିଦୁସ୍ମିତା ସ୍ୱାଇଁ ସର୍ବୋଚ୍ଚ ୫୫୪ ନମ୍ବର ରଖି ବ୍ଲକର ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ କୃପାସିନ୍ଧୁ ବିଦ୍ୟା ଭବନର ବରୀର ଛାତ୍ରୀ ମଧୁସ୍ମିତା ସାହୁ, ହରିପୁର ନୋଡାଲ ହାଇସ୍କୁଲର ଛାତ୍ରୀ ଅମ୍ରିତା ମଲିକ ଓ ବିଧାନ ଚନ୍ଦ୍ର ଏକାଡେମିର ବାଲିଆପାଳର ଛାତ୍ର ବିଶ୍ୱ ମୋହିତ ସାହୁ ସାମନ୍ତରାଳ ଭାବେ ୫୪୦ ଲେଖାଏଁ ନମ୍ବର ରଖି ଏ୍ୱାନ ପାଇଛନ୍ତି।

ଆଗାମୀ ଦିନରେ ସମସ୍ତ ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହିତ ଯଦି କୌଣସି ଛାତ୍ର ଛାତ୍ରୀ ପାଠ ପଢ଼ିବା ପାଇଁ ଅସମର୍ଥ ଅଟନ୍ତି ବିଧାୟକ ତାଙ୍କୁ ସହଯୋଗର ହାତ ବଢାଇବେ ବୋଲି କହିଥିଲେ। ବିଦ୍ୟାଳୟମାନଙ୍କର ଶିକ୍ଷକ ଶିକ୍ଷିକା ମାନଙ୍କ କର୍ମଠ ପ୍ରଚେଷ୍ଟା ସଫଳତାର ମୂଳମନ୍ତ୍ର, ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ପୂର୍ଣ୍ଣାଙ୍ଗ ବିକାଶର କ୍ଷେତ୍ର ବିଦ୍ୟାଳୟ ବୋଲି ବିଧାୟକ ଶ୍ରୀ ମାଲିକ ମତବ୍ୟକ୍ତ କରିଥିଲେ ।

# ମହିଳା ଶକ୍ତିରେ କମ୍ପିଲା ସହର

**ମାଲକାନଗିରି, ୫ା୫ (ସ୍ୱାଧିକାର ନ୍ୟୁଜ) :** ମାଲକାନଗିରିର ରାଜନୈତିକ ପରିବେଶରେ ଏକ ଐତିହାସିକ ଦୃଶ୍ୟ ଦେଖିବାକୁ ମିଳିଥିଲା, ଯେଉଁଠାରେ ଭାରତୀୟ ଜନତା ପାର୍ଟି ପକ୍ଷରୁ ପଶ୍ଚିମବଙ୍ଗର ବିରାଟ ବିଜୟ ସହ ଆସାମ ଓ ପଣ୍ଡିଚେରୀର ଆଶାତୀତ ସଫଳତାକୁ ନେଇ ଏକ ଅତି ଭବ୍ୟ ଉତ୍ସବର ଆୟୋଜନ କରାଯାଇଥିଲା। ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ ଏବଂ ମାଲକାନଗିରି ବିଧାୟକ ନରସିଂହ ମାଡକାମୀଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଜେପିର କର୍ମକର୍ତ୍ତାଙ୍କ ମଧ୍ୟରେ ଅଭୁତପୂର୍ବ ଉନ୍ମାଦନା ଦେଖିବାକୁ ମିଳିଥିଲା। ଏହି ବିଜୟ ଶୋଭାଯାତ୍ରାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ଥିଲା ଶତାଧିକ ମହିଳା କର୍ମକର୍ତ୍ତାଙ୍କ ସକ୍ରିୟ ଅଂଶଗ୍ରହଣ, ଯେଉଁମାନେ ହାତରେ ଦଳୀୟ ପତାକା ଧରି ସହର ପରିକ୍ରମା କରିବା ସହ 'ନରେନ୍ଦ୍ର ମୋଦୀ ଜିନ୍ଦାବାଦ' ଧ୍ୱନିରେ ସମ୍ପୂର୍ଣ୍ଣ ମାଲକାନଗିରି ସହରକୁ ପ୍ରକମ୍ପିତ କରିଦେଇଥିଲେ। ଏହି ଉତ୍ସବରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପଶ୍ଚିମବଙ୍ଗ ଗସ୍ତର ସ୍ମୃତିକୁ ଜୀବନ୍ତ ରଖିବା ପାଇଁ ଏକ ନିଆରା ପ୍ରୟାସ କରାଯାଇଥିଲା, ଯେଉଁଥିରେ ସାଂସଦ ଓ ବିଧାୟକ ନିଜେ ଏକ ବିଶାଳ ପାତ୍ରରେ ପଶ୍ଚିମବଙ୍ଗର ପ୍ରସିଦ୍ଧ 'ମସଲା ମୁଢ଼ି' ବା 'ଝାଲମୁଢ଼ି' ପ୍ରସ୍ତୁତ କରି ସମସ୍ତ କର୍ମକର୍ତ୍ତା ଓ ସାଧାରଣ ଜନତାଙ୍କୁ ବଣ୍ଟନ କରିଥିଲେ। ଆତସବାଜିର ରଙ୍ଗୀନ ଆଲୋକ, ବାଜା ଗଜାର ତାଳ ଏବଂ ଗେରୁଆ ପତାକାରେ ସଜେଇ ହୋଇଥିବା ସୁବାସ ବୋଷ ଛକ ଏକ ପ୍ରକାର କୁମ୍ଭମେଳାର ଭ୍ରମ ସୃଷ୍ଟି କରୁଥିଲା। କର୍ମକର୍ତ୍ତାମାନେ ପରସ୍ପରକୁ ମିଠା ଖୁଆଇ ବିଜୟର ଅଭିନନ୍ଦନ ଜଣାଉଥିବା ବେଳେ, ଏହି ଶୋଭାଯାତ୍ରା ସହରର କୋଣ ଅନୁକୋଣରେ ବିଜେପିର ଶକ୍ତି ଓ ସଂକଳ୍ପର ବାର୍ତ୍ତା ପହଞ୍ଚାଇବାରେ ସଫଳ ହୋଇଥିଲା, ଯାହା ମାଲକାନଗିରି ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଭାବେ ଲିପିବଦ୍ଧ ହୋଇ ରହିବ।




# ମିଳିତ ଜନଶୁଣାଣି ଶିବିର

**ବରୀ, ୫ା୫ (ସ୍ୱାଧିକାର ନ୍ୟୁଜ) :** ବରୀ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ପୂର୍ବାହ୍ନରେ ଅଟିରା ପଞ୍ଚାୟତ ସମ୍ମିଳନୀ କକ୍ଷରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଜନ ଅଭିଯୋଗ ଶିବିରରେ ବରୀ ବିଡ଼ିଓ ମିନତି ଜଗଦ୍ଦେବ, ବରୀ ସି ଡି ପି ଓ ତରଙ୍ଗିନି ସାହୁ, ସାମଜିକ ସୁରକ୍ଷା ଅଧିକାରି ରଞ୍ଜିତ ଜେନା, ଯୋଗାଣ ବିଭାଗ ପକ୍ଷରୁ ହୃଦାନନ୍ଦ ପଣ୍ଡା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଶିବିର ପରିଚାଳନା କରିଥିଲେ। ଆଜିର ଅଭିଯୋଗ ପ୍ରକୋଷ୍ଠକୁ ସମୁଦାୟ ୩୩ ଗୋଟି ଅଭିଯୋଗ ପଞ୍ଜୀକୃତ ହୋଇଥିବା ବେଳେ ଏହି ଶୁଣାଣି ଶିବିରରେ ପାନୀୟ ଜଳ ଯୋଗାଣ ବିଭାଗ, ମନରେଗା ବିଭାଗ, ଜଳ ସମ୍ପଦ ବିଭାଗ, ସାମାଜିକ ସୁରକ୍ଷା ବିଭାଗ ଓ ବିଦ୍ୟୁତ ବିଭାଗ, ଆବସ ଯୋଜନା ପ୍ରଭୃତି ଅଭିଯୋଗ ଆସିଥିଲା। ଏହି ଶିବିର ରେ ଅଟିରା ସରପଞ୍ଚ କୈଳାଶ ମଲ୍ଲିକ, ସମିତିସଭ୍ୟ ପ୍ରୀତିରଞ୍ଜନ ଜେନା, ସାମାଜିକ କର୍ମୀ ଶେଷଦେବ ମହାନ୍ତି,ତାରାକାନ୍ତ ପରିଡ଼ା ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାର ସମସ୍ତ ସହଯୋଗ କରିଥଲେ।

# ବ୍ଲକ୍ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି

**ଜଗତ୍‌ସିଂହପୁର, ୫ା୫ (ସ୍ୱାଧିକାର ନ୍ୟୁଜ) :** ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ରଘୁନାଥପୁର ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୩୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୮ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୪ ଟି, ଆବାସ ଯୋଜନା ସମ୍ପର୍କୀୟ ୩ ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୪ ଟି, ପୋଲିସ୍ ସହାୟତା ପାଇବା ପାଇଁ ୨ ଟି, ପେନସନ ପାଇବା ପାଇଁ ୩ ଟି ଏବଂ ଅନ୍ୟାନ୍ୟ ୧୨ ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରଘୁନାଥପୁର, ବିରଞ୍ଚି ନାରାୟଣ ବେହେରା, ତହସିଲଦାର, ରଘୁନାଥପୁର, ରାଜଲକ୍ଷ୍ମୀ ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ ।

# ଜିଞ୍ଜିର ଓ ଦେଶୀ ମଦ ସହ ୬ ମୋଟରସାଇକେଲ ଜବତ : ୭ ଗିରଫ

**ବାଲେଶ୍ୱର, ୫ା୫ (ସ୍ୱାଧିକାର ନ୍ୟୁଜ) :** ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଓ ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ନିରୀକ୍ଷକ ହରିହର ସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାଲେଶ୍ୱର -୨ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭବେଶ ଦାସ ଏବଂ ଷ୍ଟାଫମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ଅନ୍ତପୁର ଥାନା ଅନ୍ତର୍ଗତ ସୋଲଗାଁ ଦୟାନିଧିପୁର, ଗୁଡ଼ ଏବଂ ବାଲିଚଂଦାଘାଟ ଛକ ନିକଟରେ ଚଢ଼ାଉ କରାଯାଇ ୪୦୫ ଲିଟର ଜିଞ୍ଜିର ଓ ୩୦ ଲିଟର ଦେଶୀ ରନ୍ଧା ମଦ ଏବଂ ୬ଟି ମୋଟର ସାଇକେଲ ଜବତ କରାଯିବା ସହିତ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅନ୍ତର୍ଗତ ଆଡୁଆଁ ଗ୍ରାମର କପିଳ ମଲ୍ଲିକ, ଶ୍ରୀହରି ଦାସ ଅକାଳା , ସୁଶାନ୍ତ ମଲ୍ଲିକ ଅଜଡ଼ା , ରାଜେଶ ମଲ୍ଲିକ, ଜୁଲୁକା ମଲ୍ଲିକ ଅବାରୁ ଓ ବାଲିଛନ୍ଦା ଘାଟର ନିରାକାର ମଲ୍ଲିକଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଘଟଣାସ୍ଥଳରୁ ଫେରାର ହୋଇଥିବା ଆସାମୀ ସୋଲଗାଁ ଗ୍ରାମର କାହ୍ନୁ ଚରଣ ନାୟକ ଓ ଜବତ ହୋଇଥିବା ଜିଞ୍ଜିର ଓ ଦେଶୀ ରନ୍ଧା ମଦ ଓ ମୋଟର ସାଇକେଲର ଆନୁମାନିକ ମୂଲ୍ୟ ୭ ଲକ୍ଷ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି । ଉକ୍ତ ଚଢ଼ାଉରେ ସହ ଉପ-ନିରୀକ୍ଷକ ଲମ୍ବୋଦର ମହାନ୍ତ ଓ କନେଷ୍ଟବଳ ସୁନାରାମ ସୋରେନ, ପଙ୍କଜ ମହାନ୍ତି, ସୁବୀରକାନ୍ତ ବେହେରା, ନହାନ ମୁର୍ମୁ ଓ ସେକ୍ କଲିମ ପ୍ରଭୃତି ସାମିଲ ଥିଲେ । ଏନେଇ ଅବକାରୀ ଥାନା ପକ୍ଷରୁ କେଶ ନଂ ୩୦/୨୬-୨୭ ଓ ୪୦,୪୧,୪୨, ୪୩, ୪୪, ୪୫/୨୬-୨୭ରେ ମାମଲା ରୁଜୁ କରାଯାଇଛି ।

# ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜନ ଶୁଣାଣି

**ଯାଜପୁର, ୫ା୫ (ସ୍ୱାଧିକାର ନ୍ୟୁଜ) :** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ ଜନସାଧାରଣଙ୍କର ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀମାନେ ଏହି ଅଭିଯୋଗଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିରେ ମୋଟ ୧୯୬ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୧୫୦ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୫ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୧ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୫୦ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଉପଉପଖଣ୍ଡ ଆରକ୍ଷୀ ଅଧିକାରୀ ପ୍ରଶାନ୍ତ କୁମାର ମାଝୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର, ଯାଜପୁର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ବିଜୟ କୁମାର ମିଶ୍ର, ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗର ଶୁଣାଣି କରିଥିଲେ। ଜଣେ ଦିବ୍ୟାଙ୍ଗଙ୍କୁ ହ୍ୱିଲ ଚେୟାର ପ୍ରଦାନ କରାଯାଇଥିଲା।

# ବିଜେପିର ବିଜୟରେ ସୁକିନ୍ଦା ଉତ୍ସବମୁଖର

**କଳିଙ୍ଗନଗର, ୫ା୫ (ସ୍ୱାଧିକାର ନ୍ୟୁଜ) :** ଦେଶର ବିଭିନ୍ନ ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ଚମତ୍କାର ପ୍ରଦର୍ଶନ ଏବେ ସମଗ୍ର ଦେଶରେ ଉତ୍ସାହର ଲହରୀ ଖେଳାଇ ଦେଇଛି। ବିଶେଷ କରି ପଶ୍ଚିମବଙ୍ଗ, ଆସାମ ଏବଂ ପୁଡୁଚେରୀ ଭଳି ଗୁରୁତ୍ୱପୂର୍ଣ୍ଣ ରାଜ୍ୟରେ ଦଳର ସଫଳତା ପରେ ଏହାର ପ୍ରଭାବ ଏବେ ଯାଜପୁର ଜିଲ୍ଲା ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଦେଖିବାକୁ ମିଳିଛି। ଏହି ବିଜୟକୁ ପାଳନ କରିବା ପାଇଁ ଆଜି ସୁକିନ୍ଦାରେ ଏକ ଅଭୂତପୂର୍ବ ବିଜୟ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି।

ମଙ୍ଗଳବାର ପୂର୍ବାହ୍ନ ପ୍ରାୟ ୧୦ଟା ୩୦ ମିନିଟ୍ ସମୟରେ ଦାନଗଦି ମିଲିଟାରୀ ଛକଠାରୁ ଏହି ବିଶାଳ ମୋଟରସାଇକେଲ ଶୋଭାଯାତ୍ରା ବାହାରିଥିଲା। ହଜାର ହଜାର ବିଜେପି କର୍ମୀ ଓ ସମର୍ଥକ ହାତରେ ଦଳୀୟ ପତାକା ଧରି ଏକ ବର୍ଣ୍ଣାଢ୍ୟ ରାଲିରେ ସୁକିନ୍ଦା ବିଜେପି କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପଶ୍ଚିମବଙ୍ଗରେ ବିଜେପିର ଶକ୍ତି ବୃଦ୍ଧି, ଆସାମରେ ପୁନର୍ବାର ବିଶ୍ୱାସ ହାସଲ ଏବଂ ପୁଡୁଚେରୀରେ ଦଳର ସଫଳତାକୁ ନେଇ କର୍ମୀମାନଙ୍କ ମଧ୍ୟରେ ପ୍ରବଳ ଉନ୍ମାଦନା ଦେଖିବାକୁ ମିଳିଥିଲା।ଏହି ବିଜୟ ଉତ୍ସବରେ ସୁକିନ୍ଦା ବିଧାୟକ ତଥା ରାଜ୍ୟ ସରକାରଙ୍କ ସମବାୟ, ହସ୍ତତନ୍ତ ଓ ବୟନ ଶିଳ୍ପ ମନ୍ତ୍ରୀ ଶ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ସାମିଲ ହୋଇଥିଲେ। ମନ୍ତ୍ରୀ ଶ୍ରୀ ବଳ ସାମନ୍ତଙ୍କୁ କର୍ମୀମାନେ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇବା ସହ ଏକ ଖୋଲା ଜିପ୍ ?ରେ ପାଛୋଟି ନେଇଥିଲେ। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ, ପଶ୍ଚିମବଙ୍ଗ, ଆସାମ ଓ ପୁଡୁଚେରୀର ଜନସାଧାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶ ରାଜନୀତି ଉପରେ ମୋହର ମାରିଛନ୍ତି। ଏହି ବିଜୟର ପ୍ରତିଫଳନ ଆଗାମୀ ଦିନରେ ଓଡ଼ିଶାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି ।ଜିଲ୍ଲା ସଭାନେତ୍ରୀ ଦେବଜାନୀ ପ୍ରଧାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିଥିବା ବେଳେ ବରିଷ୍ଠ ନେତା ସବ୍ୟସାଚୀ ବଳ ସାମନ୍ତ, ପ୍ରଶାନ୍ତ କୁମାର ରାୟ, ସୁଧାଂଶୁ ଶେଖର ଭଞ୍ଜ, ରାଜେନ୍ଦ୍ର କଳାମୁଣ୍ଡିଆ, ହଳଧର ନାୟକ, କୃପାସିନ୍ଧୁ ସାମନ୍ତରାୟ, ପ୍ରତାପ ଧୀର ଏବଂ ସଞ୍ଜୟ ମହାନ୍ତିଙ୍କ ସମେତ ସୁକିନ୍ଦା ଓ ଦାନଗଦି ଅଞ୍ଚଳର ଶତାଧିକ ପ୍ରମୁଖ କର୍ମକର୍ତ୍ତା ଏହି ଐତିହାସିକ ରାଲିରେ ଭାଗ ନେଇଥିଲେ।



କୋଣାର୍କ ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରି ଅଭିଭୂତ ହେଲେ ମିଳିତ ଜାତିସଂଘର ଭାରତ ଆବାସିକ ସଂଯୋଜକ ଷ୍ଟିଫାନ ପ୍ରିସନର

# ଲକ୍ଷ୍ମୌ ବିପକ୍ଷରେ ମୁମ୍ବାଇ ୪ୱିକେଟ୍‌ରେ ବିଜୟୀ

## ରୋହିତ-ରିକେଲ୍‌ଟନ୍‌ଙ୍କ ବିସ୍ଫୋରକ ବ୍ୟାଟିଂ




ମୁମ୍ବାଇ,୫।୫: ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) ୨୦୨୬ର ୪୭ତମ ମୁକାବିଲାରେ ମୁମ୍ବାଇ ଇଣ୍ଡିଆନ୍ସ ୬ ୱିକେଟ୍‌ରେ ବିଜୟୀ ହୋଇଛି। ମୁମ୍ବାଇ ପାଇଁ ରାୟନ ରିକେଲ୍‌ଟନ ଏବଂ ରୋହିତ ଶର୍ମା ବିସ୍ଫାରକ ବ୍ୟାଟିଂ କରିଥିଲେ। ଦଳ ୧୮.୪ ଓଭରରେ ୪ଟି ୱିକେଟ୍ ହରାଇ ୨୨୯ ରନ୍ ସଂଗ୍ରହ କରିଛି।

୨୨୯ ରନ୍‌ର ବିଜୟ ଲକ୍ଷ୍ୟ ନେଇ ମୁମ୍ବାଇ ଇଣ୍ଡିଆନ୍ସ ବ୍ୟାଟିଂ କରିଥିଲା। ଦଳର ବ୍ୟାଟିଂ ଉଚ୍ଚକୋଟୀର ଥିଲା। ପ୍ରଥମ ୱିକେଟ୍ ପାଇଁ ପ୍ରାରମ୍ଭିକ ବ୍ୟାଟର ରାୟନ ରିକେଲ୍‌ଟନ ୧୪୩ ରନ୍‌ର ଭାଗିଦାରୀ କରିଥିଲେ। ଏଥିରୁ ରିକେଲଟନ ୩୨ଟି ବଲ୍ ଖେଳି ୬ଟି ଚୌକା ଏବଂ ୮ଟି ଛକା ମାରିଥିଲେ। ଦଳ ପାଇଁ ରୋହିତ ଶର୍ମା ସର୍ବାଧିକ ବ୍ୟକ୍ତିଗତ ସ୍କୋର କରିଥିଲେ। ସେ ୪୪ଟି ବଲ୍ ଖେଳି ୮୪ ରନ୍ ସଂଗ୍ରହ କରିଥିଲେ। ଏଥିରେ ସେ ୬ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ତିଳକ ବର୍ମା ୧୧ ରନ୍ ଏବଂ ସୂର୍ଯ୍ୟକୁମାର ଯାଦବ ୧୨ ରନ୍ କରିଥିଲେ। ନମନ ଧୀର ୨୩ ରନ୍ ଏବଂ ୱିଲ୍ ଜ୍ୟାକ୍ ୧୦ ରନ୍ କରି ଅପରାଜିତ ଫେରିଥିଲେ। ୱାଙ୍ଖେଡେ ଷ୍ଟାଡିୟମରେ ସୋମବାର ଟସ୍ ଜିଣି ମୁମ୍ବାଇ ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲା। ଲକ୍ଷ୍ମୌ ଟିମ୍ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ୱିକେଟ୍ ହରାଇ ୨୨୮ ରନ୍ କରିଥିଲା। ଲକ୍ଷ୍ନୌର ଇନିଂସରେ ନିକୋଲାସ ପୁରନ ବିସ୍ଫାରକ ବ୍ୟାଟିଂ କରିଥିଲେ। ସେ ୬୩ ରନ୍ ସଂଗ୍ରହ କରିବାକୁ ୨୧ଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ଗୋଟିଏ ଚୌକା ଏବଂ ୮ଟି ଛକା ମାରିଥିଲେ। ପ୍ରାରମ୍ଭିକ ବ୍ୟାଟର ମିଚେଲ ମାର୍ସ ୨୫ଟି ବଲ୍ ଖେଳି ୪୪ ରନ୍ ସଂଗ୍ରହ କରିଥିଲେ। ସେ ୪ଟି ଚୌକା ଏବଂ ୩ଟି ଛକା ମାରିଥିଲେ। ହିମ୍ମତ ସିଂହ ଅପରାଜିତ ୪୦ ରନ୍ କରିଥିଲେ। ସେ ୩୧ଟି ବଲ୍ ଖେଳି ୨ଟି ଚୌକା ଏବଂ ୨ଟି ଛକା ମାରିଥିଲେ। ଏଡେନ ମାର୍କରାମ ୨୫ଟି ବଲ୍ ଖେଳି ୩୧ ରନ୍ ସଂଗ୍ରହ କରିଥିଲେ। ସେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ମାରିଥିଲେ।

## ଟ୍ୱେଣ୍ଟି୨୦ରେ ମାନ୍ୟତା : ଭାରତ ଶୀର୍ଷରେ



ମୁମ୍ବାଇ,୫।୫: ବିଶ୍ୱ ଟ୍ୱେଣ୍ଟି-୨୦ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛି ତିନିଥରର ବିଶ୍ୱ ବିଜେତା ଭାରତ। ଆଇସିସି ପକ୍ଷରୁ ମଙ୍ଗଳବାର ପ୍ରକାଶିତ ମାନ୍ୟତାରେ ଭାରତର ୨୭୫ ପଏଣ୍ଟ ସହ ପ୍ରଥମ ସ୍ଥାନରେ ଥିବାବେଳେ ୨୬୨ ପଏଣ୍ଟ ସହ ଇଂଲଣ୍ଡ ଦ୍ୱିତୀୟ ସ୍ଥାନରେ ରହିଛି। ୨୫୮ ପଏଣ୍ଟ ସହ ଅଷ୍ଟ୍ରେଲିଆ ତୃତୀୟ ସ୍ଥାନରେ ଥିବାବେଳେ ୨୪୭ ପଏଣ୍ଟ ସହ ବିଶ୍ୱକପ୍ ଉପବିଜେତା ନ୍ୟୁଜିଲାଣ୍ଡ ଚତୁର୍ଥ ସ୍ଥାନରେ ରହିଛି। ପରବର୍ତ୍ତୀ ତିନୋଟି ସ୍ଥାନରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା, ପାକିସ୍ତାନ ଓ ୱେଷ୍ଟଇଣ୍ଡିଜ୍ ଅଛନ୍ତି।

ଗତ ଫେବ୍ରୁଆରି-ମାର୍ଚ୍ଚରେ ଅନୁଷ୍ଠିତ ଟ୍ୱେଣ୍ଟି-୨୦ ବିଶ୍ୱକପ୍‌ରେ ଭାରତ ଚାମ୍ପିଅନ୍ ହୋଇ ପ୍ରଥମ ଦଳ ଭାବେ ଟାଇଟେଲ୍‌କୁ ବଜାୟ ରଖିଥିଲା। ଏହା ଦଳର ଶୀର୍ଷସ୍ଥାନ ବଜାୟ ରଖିବାରେ ସହାୟକ ହୋଇଛି। ତାଲିକାର ପ୍ରଥମ ସାତଟି ସ୍ଥାନରେ ଥିବା ଦଳଗୁଡ଼ିକର ସ୍ଥାନ ଅପରିବର୍ତ୍ତିତ ଥିବାବେଳେ ଶ୍ରୀଲଙ୍କା (୨୨୧) ଛଅ ରେଟିଂ ପଏଣ୍ଟ ହରାଇ ନବମକୁ ଖସିଆସିଛି। କିନ୍ତୁ ବାଂଲାଦେଶ (୨୨୫) ଅଷ୍ଟମ ସ୍ଥାନକୁ ଉନ୍ନୀତ ହୋଇଛି। ୨୨୦ ପଏଣ୍ଟ ସହ ଦଶମ ସ୍ଥାନରେ ଆଫଗାନିସ୍ତାନ ରହିଛି।

## 'ଗର୍ଲଫ୍ରେଣ୍ଡ' ସଂସ୍କୃତିକୁ ନେଇ ବିସିସିଆଇ ଅସନ୍ତୁଷ୍ଟ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଆଇପିଏଲ୍‌ରେ ଖେଳାଳିଙ୍କ 'ଗର୍ଲଫ୍ରେଣ୍ଡ୍' ସଂସ୍କୃତିକୁ ନେଇ ବିସିସିଆଇ କ୍ଷୁବ୍ଧ ହୋଇଛି। ହାର୍ଦ୍ଦିକ ପାଣ୍ଡ୍ୟା, ଯଶସ୍ୱୀ ଜୟସ୍ୱାଲ, ଇଶାନ କିଶନ, ଅର୍ଶଦୀପ ସିଂ ଆଦି ଖେଳାଳି ନିଜ ନିଜର ବାନ୍ଧବୀମାନଙ୍କ ସହ ଦଳୀୟ ବସ୍‌ରେ ଯାତ୍ରା କରିବା ସହ ଦଳୀୟ ହୋଟେଲ୍‌ରେ ରହୁଛନ୍ତି। ଏହି ଧାରା ଜାରି ରହିଲେ ଆଗକୁ କିଛି ଅପ୍ରୀତିକର ପରିସ୍ଥିତି ଉପୁଜିବାର ଆଶଙ୍କା ଥିବାରୁ ଏହାକୁ ରୋକିବାକୁ ବିସିସିଆଇ ଏକ ସ୍ୱତନ୍ତ୍ର ନିୟମ ଆଣିବାକୁ ବିଚାର କରୁଛି।

ବିସିସିଆଇର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ଖେଳାଳିଙ୍କ ବାନ୍ଧବୀମାନେ ଦଳୀୟ ବସ୍‌ରେ ଯାତ୍ରା କରୁଛନ୍ତି ଓ କେତେକ ସମୟରେ ସେମାନଙ୍କ ପାଇଁ ବସ୍‌କୁ ଅପେକ୍ଷା କରିବାକୁ ପଡୁଛି। ପୁଣି କେତେକ ଖେଳାଳିଙ୍କ ବାନ୍ଧବୀ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଧ୍ୟ ଅଛନ୍ତି, ସେମାନେ ଖେଳାଳିଙ୍କ କିଛି ସଂବେଦଶୀଳ ତଥ୍ୟ ଲିକ୍ କରିପାରନ୍ତି। ଆଉ କେତେକ ବିଭିନ୍ନ ବେଟିଂ ଆପ୍‌ର ପ୍ରଚାରକ ବି ରହିଛନ୍ତି। ପୁଣି ବେଳେବେଳେ ଖେଳାଳି ଓ ତାଙ୍କ ବାନ୍ଧବୀଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇ ପୁଲିସରେ ଅଭିଯୋଗ ବି ହୋଇଛି। ଏହା ଦ୍ୱାରା ବୋର୍ଡ ଓ ଲିଗ୍ ବଦ୍‌ନାମ ହେଉଛି। ଏଣୁ ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରାନଯାଏ ତେବେ ଆଗକୁ ଆହୁରି ଅନେକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି।



ସେ ଆହୁରି ମଧ୍ୟ କହିଛନ୍ତି ଯେ ବିସିସିଆଇର କେତେକ ଦୁର୍ନୀତି ନିବାରଣ ଅଧିକାରୀ ଖେଳାଳିଙ୍କ 'ଘୋଷିତ ବାନ୍ଧବୀ'ମାନଙ୍କୁ ହୋଟେଲରେ ରହିବାକୁ ଅନୁମତି ଦେଉଛନ୍ତି। ବିସିସିଆଇ କେବଳ ପରିବାର ଓ ପତ୍ନୀଙ୍କୁ ରହିବାକୁ ଅନୁମତି ଦିଏ। କିନ୍ତୁ କେଉଁ ନିୟମ ବଳରେ ଏହି 'ଘୋଷିତ ବାନ୍ଧବୀ' ମାନଙ୍କୁ ଅନୁମତି ଦିଆଯାଉଛି ତାହାର ତଦନ୍ତ ହେବ।

### ଖୁବ୍ ଶୀଘ୍ର ଆଇପିଏଲ୍‌ର ପ୍ଲେ ଅଫ୍ ଓ ଫାଇନାଲ୍ ଖେଳସୂଚୀ

ବେଙ୍ଗାଲୁରୁ,୫।୫(ଏଜେନସି): ଚଳିତ ଆଇପିଏଲ୍‌ର ପ୍ଲେ ଅଫ୍ ଓ ଫାଇନାଲ୍ ଖେଳସୂଚୀ ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। କିନ୍ତୁ ଫାଇନାଲ୍ ମ୍ୟାଚ୍ ଭେନ୍ୟୁକୁ ନେଇ ସଂଶୟ ଭିତରେ ରହିଛି ବିସିସିଆଇ। କର୍ଣ୍ଣାଟକର ବିଧାୟକ ଓ ସାଂସଦମାନଙ୍କୁ ଆଇପିଏଲ୍ ଟିକଟ୍ ପ୍ରଦାନକୁ ନେଇ ବିବାଦ ସୃଷ୍ଟି ହୋଇଥିବାରୁ ବିସିସିଆଇ ଫାଇନାଲ୍ ମ୍ୟାଚ୍‌କୁ ଅନ୍ୟତ୍ର ସ୍ଥାନାନ୍ତର କରିବା କଥା ଚିନ୍ତା କରୁଛି।ପୂର୍ବଧାରା ଅନୁସାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଗତ ସଂସ୍କରଣର ବିଜେତା ହୋଇଥିବାରୁ ଏହାର ଘରୋଇ ପଡିଆ ବେଙ୍ଗାଲୁରୁର ଏମ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଫାଇନାଲ୍ ମ୍ୟାଚ୍ ଖେଳାଯିବା କଥା। କିନ୍ତୁ ଟିକଟ୍ ବିବାଦ ବିସିସିଆଇକୁ ଜଟୀଳ ପରିସ୍ଥିତିରେ ପକାଇ ଦେଇଛି। ବିସିସିଆଇ ସୂତ୍ରରୁ ପ୍ରକାଶ ଯେ ଖୁବ ଶୀଘ୍ର ପ୍ଲେ ଅଫ୍ ସୂଚୀ ପ୍ରକାଶ ପାଇବ।

## ରାଜ୍ୟ ଉପକନିଷ୍ଠ ବାଳକ ହକି: ଆର୍‌ଏସ୍‌ପି ବିଜେତା

ରାଉରକେଲା,୫।୫(ଏଜେନସି): ବିର୍ସା ମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ରାଜ୍ୟସ୍ତରୀୟ ଉପକନିଷ୍ଠ ବାଳକ ହକି ପ୍ରତିଯୋଗିତାରେ ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଚାମ୍ପିଅନ ହୋଇଛି। ଆର୍‌ଏସ୍‌ପି ୨-୦ ଗୋଲ୍‌ରେ ସୁନ୍ଦରଗଡକୁ ପରାସ୍ତ କରିଛି। ସେହିଭଳି ଗାଙ୍ଗପୁର ହକି ଆସୋସିଏସନକୁ ସିଧାସଳଖ ୫-୦ ଗୋଲ୍‌ରେ ପରାସ୍ତକରି ଢେଙ୍କାନାଳ ତୃତୀୟ ସ୍ଥାନରେ ରହିଛି।




ରବିବାର ସନ୍ଧ୍ୟାରେ ଆର୍‌ଏସ୍‌ପି ଓ ସୁନ୍ଦରଗଡ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ପ୍ରଥମ କ୍ୱାର୍ଟର୍‌ରେ ଉଭୟ ଦଳର ଖେଳାଳି ଜୋର୍‌ଦାର ପ୍ରୟାସ କରିଥିଲେ ମଧ୍ୟ ଗୋଲ୍‌ଶୂନ୍ୟ ରହିଥିଲା। ତେବେ ୨୬ତମ ମିନିଟ୍‌ରେ ଆର୍‌ଏସ୍‌ପିକୁ ଏକ ପେନାଲ୍‌ଟି କର୍ଣ୍ଣର୍ ସୁଯୋଗ ମିଳିଥିଲା। ଏହାକୁ ଅଧିନାୟକ ଲାଜରୁସ ଧନୱାର ହାତଛଡା ନ କରି ଗୋଲ୍‌ରେ ପରିଣତକରି ଦଳକୁ ୧-୦ ଗୋଲ୍‌ରେ ଆଗୁଆ କରିଥିଲେ। ୩୯ତମ ମିନିଟ୍‌ରେ ସୁମନ କିଣ୍ଡୋ ଏକ ଆକର୍ଷଣୀୟ ଫିଲ୍ଡ ଗୋଲ୍ ଦେଇ ବ୍ୟବଧାନକୁ ୨-୦ ଗୋଲକୁ ପହଞ୍ଚାଇଥିଲେ। ଶେଷ କ୍ୱାର୍ଟର୍‌ରେ ସୁନ୍ଦରଗଡ ପ୍ରତ୍ୟାବର୍ତ୍ତନ ପ୍ରୟାସ କରିଥିଲେ ମଧ୍ୟ ତାହା ବିଫଳ ହେବାରୁ ପରାଜୟ ଭୋଗିଥିଲା। ଅଜିତ ଏକ୍କା ଓ ଅଭିଷେକ ପ୍ରଶାନ୍ତ ତିର୍କି ମ୍ୟାଚ୍ ପରିଚାଳନା କରିଥିବାବେଳେ ଆୟୁଷ ସ', ଭୂଷଣ ଲୁଗୁନ ସହଯୋଗ କରିଥିଲେ।

ସୁନ୍ଦରଗଡର ସନ୍ଦୀପ କେର୍କେଟ୍ଟା ଫାଇନାଲ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି, ଆର୍‌ଏସ୍‌ପିର ଲାଜରୁସ ଧନୱାର ପ୍ରତିଯୋଗିତାର ଶ୍ରେଷ୍ଠ ଖେଳାଳି, ସାରୋନ ହେମ୍ବ୍ରମ୍ (ସୁନ୍ଦରଗଡ) ଶ୍ରେଷ୍ଠ ଡିଫେଣ୍ଡର, ରୋହିତ ଓରାମ (ଢେଙ୍କାନାଳ) ଶ୍ରେଷ୍ଠ ମିଡ୍‌ଫିଲ୍ଡର, ସୁମନ କିଣ୍ଡୋ (ଆର୍‌ଏସ୍‌ପି) ଶ୍ରେଷ୍ଠ ଫରୱାର୍ଡ୍, ଆଦିତ୍ୟ ଗେଡ (ଆର୍‌ଏସ୍‌ପି) ଶ୍ରେଷ୍ଠ ଗୋଲ୍‌କିପର ଭାବେ ପୁରସ୍କୃତ ହୋଇଛନ୍ତି। ପୁରସ୍କାର ବିତରଣୀ ଉତ୍ସବରେ ଆର୍‌ଏସ୍‌ପିର ସିଜିଏମ୍ ଟି.ଜି. କାନେକର, ଏନ୍‌ଆଇଟିରେ ପ୍ରଫେସର ରାଜୀବ ପଣ୍ଡା, ରାଜ୍ୟ କ୍ରୀଡା ବିଭାଗର ଉପ-ନିର୍ଦ୍ଦେଶକ ସୁଦୀପ୍ତ ନାଏକ, ବରିଷ୍ଠ କୋଚ୍ କାଳୁଚରଣ ଚୌଧୁରୀ, ହକି ଓଡିଶା ନିର୍ଦ୍ଦେଶକ ବି.ଜେ. କାରିଆପ୍ପା, ହକି ଓଡିଶା ସମ୍ପାଦକ ସନାତନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ପୂର୍ବାଞ୍ଚଳ... (ପ୍ରଥମ ପୃଷ୍ଠାରୁ)

ଆଲୋଚନା ହୋଇଥିଲା। ମୁଖ୍ୟମନ୍ତ୍ରୀ ୨୬ଟି 'ୱାନ୍-ଟୁ-ୱାନ୍' ବୈଠକରେ ଅଧ୍ୟକ୍ଷତା କରି ଶିଳ୍ପପତିଙ୍କ ସହ ନିବେଶ ସୁଯୋଗ ଓ ନୀତିଗତ ସହାୟତା ବିଷୟରେ ଆଲୋଚନା କରିଥିଲେ।

ବୟନ ଓ ବସ୍ତ୍ର ଶିଳ୍ପ ସମ୍ପର୍କିତ ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଓଡ଼ିଶା ଏବଂ ଗୁଜରାଟ ମଧ୍ୟରେ ଥିବା ଗଭୀର ସାଂସ୍କୃତିକ ଓ ଅର୍ଥନୈତିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, "ପୁରୀର ଶ୍ରୀଜଗନ୍ନାଥ ଧାମରୁ ଗୁଜରାଟର ଦ୍ୱାରକା ପର୍ଯ୍ୟନ୍ତ ଆମ ରାଜ୍ୟଗୁଡ଼ିକ ମଧ୍ୟରେ ଏକ ଅତୁଟ ସାଂସ୍କୃତିକ ସମ୍ପର୍କ ରହିଛି। ଗୁଜରାଟ ବସ୍ତ୍ର ଶିଳ୍ପରେ ଅଗ୍ରଣୀ ହୋଇଥିବା ବେଳେ ଓଡ଼ିଶା ଏବେ ଏକ ଉତ୍ତମ ପରିବେଶ ଏବଂ କୁଶଳୀ କାରିଗରଙ୍କ ସହିତ ଏହି କ୍ଷେତ୍ରରେ ଦ୍ରୁତ ଗତିରେ ଆଗକୁ ବଢୁଛି।"

ଓଡ଼ିଶାର ଭୌଗୋଳିକ ସୁବିଧା ବିଷୟରେ ସୂଚନା ଦେଇ ସେ କହିଥିଲେ ଯେ, ଏକ ଦୀର୍ଘ ଉପକୂଳ ଏବଂ ବନ୍ଦରଗୁଡ଼ିକ ମାଧ୍ୟମରେ ଓଡ଼ିଶା ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହେବାର ଏକ ଶକ୍ତିଶାଳୀ ମାଧ୍ୟମ ସୃଷ୍ଟି କରୁଛି।

ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ, ସୁଦୃଢ଼ ଭିତ୍ତିଭୂମି, ବନ୍ଦରଭିତ୍ତିକ ଯୋଗାଯୋଗ ଏବଂ ସ୍ଥିର ନୀତି ଯୋଗୁଁ ଓଡ଼ିଶା ଏକ ଭବିଷ୍ୟତ-ଉପଯୋଗୀ ଶିଳ୍ପ ହବ୍ ଭାବରେ ନିଜକୁ ପ୍ରତିଷ୍ଠିତ କରୁଛି। ଅହମ୍ମଦାବାଦରେ ଆୟୋଜିତ ଏହି ସଫଳ ରୋଡ୍-ଶୋ ଭାରତର ଶିଳ୍ପ ମାନଚିତ୍ରରେ ଓଡ଼ିଶାର ପ୍ରଭାବକୁ ଆହୁରି ସୁଦୃଢ଼ କରିଛି।

ବିଭିନ୍ନ ପ୍ରମୁଖ ସହରଗୁଡ଼ିକରେ ସଫଳ କାର୍ଯ୍ୟକ୍ରମ ପରେ, ଓଡ଼ିଶା ସରକାର ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ନିଜର ନିବେଶକ ପରାମର୍ଶ ଅଭିଯାନ ଜାରି ରଖିବେ। ଅହମ୍ମଦାବାଦ ରୋଡ୍-ଶୋ ଭାରତର ଶିଳ୍ପ ପରିସୀମାରେ ଓଡ଼ିଶାର ବଢୁଥିବା ଭୂମିକାକୁ ଅଧିକ ଶକ୍ତିଶାଳୀ କରିଛି। ରାଜ୍ୟର ଷ୍ଟ୍ରାଟେଜିକ୍ ଅବସ୍ଥିତି, ସୁଦୃଢ଼ ପ୍ରଶାସନ ପ୍ରଣାଳୀ ଏବଂ ଭବିଷ୍ୟତ ପାଇଁ ଏକ ସ୍ପଷ୍ଟ ଦୂରଦୃଷ୍ଟି ସହିତ ଓଡିଶା ପୂର୍ବ ଭାରତରେ ଏକ ଅଗ୍ରଣୀ ଶିଳ୍ପ ସମୃଦ୍ଧ ରାଜ୍ୟ ଭାବେ ନିଜକୁ ପ୍ରତିଷ୍ଠିତ କରିବା ପାଇଁ ଅଭିଯାନ ଆରମ୍ଭ କରିଛି।

### ଶୁଣୁନି...

ଜଣାଇଛନ୍ତି। ତଥାପି ଇସ୍କନ ବିଦେଶରେ ଅଦିନରେ ଏହି ଉତ୍ସବ ପାଳନରୁ ବିରତ ହେଉନି । ଏନେଇ ସୂଚନା ପହଞ୍ଚିବା ପରେ ବିରୋଧ ଜୋର୍‌ଦାର୍ କରିବା କୁ ପଦକ୍ଷେପ ନିଆଯାଉଥିବା ଜଣାପଡିଛି ।

### ଦିଦିଙ୍କ...

କେବେ ଦେଖି ନାହିଁ। ନିର୍ବାଚନରେ ସିଧାସଳଖ ହସ୍ତକ୍ଷେପ ଅଭିଯୋଗ କରି ମମତା କହିଛନ୍ତି, ସେମାନେ ମହାରାଷ୍ଟ୍ର, ହରିୟାଣା, ବିହାର ଓ ଏବେ ପଶ୍ଚିମବଙ୍ଗରେ ନିର୍ବାଚନ ଚୋରାଇଛନ୍ତି। ତାଙ୍କୁ ମତଦାନ କେନ୍ଦ୍ରରେ ମାଡ ମରାଯାଇଛି। ତାଙ୍କ ପେଟ ଓ ପିଠିକୁ ଗୋଇଠା ମରାଯାଇଛି। ଏହି ସମୟରେ ସିସିଟିଭି କ୍ୟାମେରା ବନ୍ଦ ଥିଲା ଏବଂ ତାଙ୍କୁ ଗଣତି କେନ୍ଦ୍ରରୁ ଠେଲି ବାହାର କରାଯାଇଥିଲା। ଜଣେ ମହିଳା ହୋଇଥିଲେ ମଧ୍ୟ ତାଙ୍କ ସହ ଏଭଳି ଦୁର୍ବ୍ୟବହାର କରାଯାଇଥିବା ସେ କହିଛନ୍ତି। ଅନ୍ୟପକ୍ଷେ ମମତା ବିଜେପିକୁ ସତର୍କ କରାଇଛନ୍ତି ଯେ କ୍ଷମତା ସ୍ଥାୟୀ ନୁହେଁ ଏବଂ ଇତିହାସର ପୁଣିଥରେ ପୁନରାବୃତ୍ତି ହେବ। ମମତା କହିଛନ୍ତି, ସେ ରାଜୀବ ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ଓ ଡକ୍ଟର ମନମୋହନ ସିଂହଙ୍କ ନେତୃତ୍ୱାଧୀନ ସରକାର ଦେଖିଛନ୍ତି। କିନ୍ତୁ କେବେ ବି ଏଭଳି ଅତ୍ୟାଚାର ଦେଖିନାହାନ୍ତି। ଆଗାମୀ ଦିନରେ ଦଳର ରଣନୀତି କ'ଣ ରହିବ ତାହା ବାନାର୍ଜୀ ପ୍ରକାଶ କରିନାହାନ୍ତି।

ଇଣ୍ଡି ମେଣ୍ଟ ନେତାମାନେ ତାଙ୍କ ସହ ଯୋଗାଯୋଗ କରିଥିବା ଏବଂ ତାଙ୍କୁ ସମର୍ଥନ ମିଳିଥିବା ସେ କହିଛନ୍ତି। ମମତା କହିଛନ୍ତି, ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ଅଖିଳେଶ ଯାଦବ, ହେମନ୍ତ ସୋରେନ, ତେଜସ୍ୱୀ ଯାଦବ ଓ ଅନ୍ୟ ନେତାମାନେ ମୋତେ ଫୋନ୍ କରିଛନ୍ତି। ଅଖିଳେଶ ମୋତେ ଆସନ୍ତାକାଲି ଭେଟିବାକୁ ଆସିବେ। ଏବେ ମୋର ଲକ୍ଷ୍ୟ ସ୍ପଷ୍ଟ। ମୁଁ ଏକ ମୁକ୍ତ ବିହଙ୍ଗ। ଇଣ୍ଡିମେଣ୍ଟ ନେତାମାନଙ୍କ ସହ ମୁଁ କ'ଣ ଆଲୋଚନା କରିବି ତାହା ସ୍ଥିର କରିସାରିଛି। ଟିଏମ୍‌ସି ନେତା ଓ କର୍ମୀଙ୍କ ଉପରେ ଯେଉଁଠାରେ ଆକ୍ରମଣ ହୋଇଛି ଏବଂ ଯେଉଁଠାରେ ପାର୍ଟି ଅଫିସ୍ ଭଙ୍ଗାରୁଜା କରାଯାଇଛି ସେଠାକୁ ଦଳ ୫ ସାଂସଦଙ୍କ ଏକ ତଥ୍ୟ ଅନୁସନ୍ଧାନକାରୀ କମିଟି ପଠାଇବ ବୋଲି ମମତା କହିଛନ୍ତି।

ସମ୍ବିଧାନର ଧାରା ୧୭୨ରେ ବିଧାନସଭାର ଅବଧି ନିର୍ଦ୍ଧାରଣ କରାଯାଇଛି। ସେଥିରେ କୁହାଯାଇଛି ଯେ, ପ୍ରତ୍ୟେକ ରାଜ୍ୟର ବିଧାନସଭା ଯଦି ପୂର୍ବରୁ ଭଙ୍ଗ ହୋଇ ନ ଥାଏ ତା'ହେଲେ ପ୍ରଥମ ବୈଠକ ହେବା ଦିନଠାରୁ ତାହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଶେଷ ତାରିଖକୁ ବିଧାନସଭା ଭଙ୍ଗ ଭାବେ ବିବେଚନା କରାଯିବ। ନିର୍ବାଚନ କମିସନଙ୍କ ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗରେ ଚଳିତ ବିଧାନସଭାର କାର୍ଯ୍ୟକାଳ ୨୦୨୧ ମେ ୮ ତାରିଖରେ ଆରମ୍ଭ ହୋଇଥିଲା। ତେଣୁ ବିଧାନସଭାର କାର୍ଯ୍ୟକାଳ ଚଳିତମାସ ୭ ତାରିଖରେ ଶେଷ ହେଉଛି। ଏହାପରେ ରାଜ୍ୟପାଳ ନୂଆ ବିଧାନସଭା ଗଠନ ପାଇଁ ପଦକ୍ଷେପ ନେବେ।

### ୭ରେ...

ଟିଭିକେକୁ ଆଉ ୧୦ ସଂଖ୍ୟା ଆବଶ୍ୟକ। କିନ୍ତୁ ଟିଭିକେ କାହା ସହ ମେଣ୍ଟ କରିବ ଏପର୍ଯ୍ୟନ୍ତ ସ୍ଥିର କରିନାହିଁ। ତେବେ ସରକାର ଗଠନ ପାଇଁ ଏହା କଂଗ୍ରେସ, ପିଏମ୍‌କେ, ବାମ ଦଳ, ସିପିଏମ୍ ଓ ଭିସିକେ ଭଳି ଦଳମାନଙ୍କ ସହ ମେଣ୍ଟ କରିପାରେ ବୋଲି ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ଟିଭିକେ ସହ ମେଣ୍ଟ ପ୍ରସଙ୍ଗରେ ତାମିଲନାଡୁ ଏଆଇସିସି ପ୍ରଭାରୀ ଗିରିଶ ଚୋଡଙ୍କର କହିଛନ୍ତି, ନେତୃବୃନ୍ଦ ଏସଂକ୍ରାନ୍ତରେ ନିଷ୍ପତ୍ତି ନେବେ।

ଉଲ୍ଲେଖଯୋଗ୍ୟ, ନିର୍ବାଚନ ଫଳ ପ୍ରକାଶ ପାଇବା ପରେ ବିଜୟ ଆଜି ସରକାର ଗଠନ ପାଇଁ ଉଦ୍ୟମ ଆରମ୍ଭ କରିଛନ୍ତି। ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ବିଜୟ ଚିଠି ଲେଖି ସରକାର ଗଠନ ପାଇଁ ଦାବି କରିଛନ୍ତି। ଆମର ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ସୁଯୋଗ ଦିଆଯିବା ଆବଶ୍ୟକ ବୋଲି ସେ ରାଜ୍ୟପାଳଙ୍କ ନିକଟକୁ ଇମେଲ୍ କରି ଦାବି କରିଛନ୍ତି।

ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ବିଜୟଙ୍କୁ ସରକାର ଗଠନ ପାଇଁ ସୁଯୋଗ ଦେବା ପୂର୍ବରୁ ରାଜ୍ୟପାଳ ଆଇନ ବିଶେଷଜ୍ଞମାନଙ୍କ ସହ ପରାମର୍ଶ କରିପାରନ୍ତି। ଟିଭିକେ ସୂତ୍ରରୁ ଜଣାଯାଇଛି ଯେ, ଗୃହରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ତାଙ୍କ ଦଳ ୨ ସପ୍ତାହ ସମୟ ମାଗିଛି।

### ସିଏମ...

ନାମଗୁଡ଼ିକୁ ଅନୁମୋଦନ କରାଯାଇଛି। ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କୁ ହରାଇବା ପରେ ଶୁଭେନ୍ଦୁ ଅଧିକାରୀ ମୁଖ୍ୟମନ୍ତ୍ରୀ ଦୌଡ଼ରେ ସବୁଠାରୁ ଆଗରେ ଥିବାବେଳେ, ଅମିତ ଶାହଙ୍କ ଗସ୍ତ ପରେ ଏହି ସସପେନ୍ସ ଶେଷ ହେବାର ସମ୍ଭାବନା ରହିଛି।

ପଶ୍ଚିମବଙ୍ଗରେ ବିଜେପି ଜିତିବା ପରେ ଏବେ କାହାକୁ ମୁଖ୍ୟମନ୍ତ୍ରୀ କରାଯିବ, ତାକୁ ନେଇ କଳ୍ପନାଜଳ୍ପନା ଆରମ୍ଭ ହୋଇଯାଇଛି । ଏମିତି ଦେଖିଲେ ବିଜେପି ନିର୍ବାଚନ ବେଳେ ମୁଖ୍ୟମନ୍ତ୍ରୀ ଚେହେରା ଘୋଷଣା କରି ନ ଥାଏ । ତେବେ ପଶ୍ଚିମବଙ୍ଗରେ ମୁଖ୍ୟମନ୍ତ୍ରୀ ପଦ ପାଇଁ ୬ ଜଣ ପ୍ରମୁଖ ନେତାଙ୍କ ନାମ ସାମ୍ନାକୁ ଆସୁଛି । ସବୁଠୁ ଆଗରେ ଅଛନ୍ତି ଶୁଭେନ୍ଦୁ ଅଧିକାରୀ । ସେ ନନ୍ଦିଗ୍ରାମ ଓ ଭବାନୀପୁରରୁ ଲି ଜିତିଛନ୍ତି । ଦଳର ପ୍ରଚାର ଅଭିଯାନରେ ସେ ଆଗ ଧାଡିରେ ଥିଲେ । ତାଙ୍କ ପଛକୁ ଦିଲୀପ ଘୋଷଙ୍କ ନାମ ଆସୁଛି । ୨୦୨୧ରେ ବିଜେପିକୁ ମୁଖ୍ୟ ବିରୋଧୀ ଦଳ ବନାଇବାର ଶ୍ରେୟ ପୂର୍ବତନ ପ୍ରଦେଶ ଅଧ୍ୟକ୍ଷ ଦିଲୀପଙ୍କୁ ଦିଆଯାଏ । ଏବେ ସେ ଅଧ୍ୟକ୍ଷ ନାହାନ୍ତି । କିନ୍ତୁ ବେଙ୍ଗଲ ରାଜନୀତିରେ ତାଙ୍କ ପ୍ରଭାବ ଆଜି ବି କାଏମ ରହିଛି । ଏଭଳି ସ୍ଥିତିରେ ବେଙ୍ଗଲ ମୁଖ୍ୟମନ୍ତ୍ରୀ ଦୌଡରେ ତାଙ୍କୁ ଜଣେ ମଜଭୁତ ବିକଳ୍ପ ଭାବେ ଦେଖାଯାଏ ।

### ଜୁନ୍ ୧ରୁ...

ଇଛାପୁରମ ୫୩ କିଲୋମିଟର ରୁଟକୁ ବିଶାଖାପାଟନମ ଡିଭିଜନରେ ମିଶାଯାଇଛି। ବର୍ତ୍ତମାନ ପୂର୍ବତଟ ଅଧିନରେ ସମ୍ବଲପୁର ଡିଭିଜନ, ଖୋର୍ଦ୍ଧା ରୋଡ୍ ଡିଭିଜନ ଓ ରାୟଗଡା ଡିଭିଜନରେ ରହିଛି। ଜୁନ ପହିଲାରୁ ରାୟଗଡା ଡିଭିଜନ କାର୍ଯ୍ୟକ୍ଷମ ପାଇଁ ସମସ୍ତ ପ୍ରସ୍ତୁତି ସରିଛି। ଏନେଇ ଆବଶ୍ୟକ ଥିବା ଭିତ୍ତିଭୂମି ମଧ୍ୟ ପ୍ରସ୍ତୁତ ହୋଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁଯାୟୀ ପୂର୍ବତଟ ରେଳୱେ ପ୍ରସ୍ତୁତ ହୋଇଛି।

### ସ୍ୱଞ୍ଚୀ...

ଅନ୍ୟଜଣ ଜଗାଙ୍ଗପୁର ସୁନାଖଣି ଅଞ୍ଚଳର ବୋଲି ଜଣାପଡିଛି । ଏହି ଅପମୃତ୍ୟୁ ସମ୍ବନ୍ଧୀୟ ଖବର ପ୍ରକାଶ ପାଇବା ସହିତ ମୃତକଙ୍କ ପରିବାର ଓ ଅଞ୍ଚଳବାସୀଙ୍କ ମଧ୍ୟରେ ଶୋକର ଛାୟା ଛାଇଯାଇଛି। ଘଟଣା ପରେ ମୃତଦେହଗୁଡିକୁ ହିନ୍‌ଦୋଳ ଡାକ୍ତରଖାନାରେ ରଖାଯାଇଛି। ପରିବାର ସଦସ୍ୟମାନେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ସୂଚନା ମିଳିଛି। ଅନ୍ୟପଟେ ଘଟଣାକୁ ନେଇ ପ୍ଲାଣ୍ଟ ସମ୍ମୁଖରେ ଉତ୍ତେଜନାମୂଳକ ପରିସ୍ଥିତି ଉପୁଜିଥିଲା।

କାରଖାନାର ସୁରକ୍ଷା ବ୍ୟବସ୍ଥା ନେଇ ଶ୍ରମିକ ଓ ସ୍ଥାନୀୟ ଲୋକମାନେ ପ୍ରଶ୍ନ ଉଠାଇଥିଲେ । ପରିସ୍ଥିତି ନିୟନ୍ତ୍ରଣ ପାଇଁ ନିଶା ଥାନା ପୋଲିସ ପ୍ଲାଣ୍ଟରେ ପହଞ୍ଚିବା ସହିତ ବ୍ୟାପକ ଭାବେ ପୋଲିସ ମୋତାୟନ କରାଯାଇଥିଲା ।ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାରମ୍ଭିକ ତଦନ୍ତ ଆରମ୍ଭ କରିଛି। ଗ୍ୟାସ ଲିକ୍ କିପରି ହେଲା, ସୁରକ୍ଷା ନିୟମ ପାଳନ କରାଯାଇଥିଲାକି ନାହିଁ ଏବଂ କାହାର ଅବହେଳା ଥିଲା କି ନାହିଁ ସେସବୁ ଦିଗରେ ତଦନ୍ତ ଚାଲିଛି ।

ଏହି ଘଟଣା ପରେ ମେଟାଲିକ ପ୍ଲାଣ୍ଟର ସୁରକ୍ଷା ବ୍ୟବସ୍ଥା ଉପରେ ପୁନର୍ବାର ଗୁରୁତର ପ୍ରଶ୍ନ ଉଠିଛି । ଶ୍ରମିକ ସଂଘ ଓ ସ୍ଥାନୀୟ ଲୋକମାନେ ଦାୟୀଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଓ ପୀଡିତ ପରିବାରଙ୍କୁ କ୍ଷତିପୂରଣ ଦାବି କରୁଛନ୍ତି ।

### କେନ୍ଦ୍ର...

ନ୍ୟାୟାଳୟର ବିଚାରପତିଙ୍କ ସଂଖ୍ୟା ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୬୦ ଦ୍ୱାରା ୧୩କୁ ଏବଂ ସର୍ବୋଚ୍ଚ ନ୍ୟାୟାଳୟ (ବିଚାରପତିଙ୍କ ସଂଖ୍ୟା) ସଂଶୋଧନ ଅଧିନିୟମ, ୧୯୭୭ ଦ୍ୱାରା ୧୭କୁ ବୃଦ୍ଧି କରାଯାଇଥିଲା। ୧୯୭୯ ମସିହା ଶେଷ ସୁଦ୍ଧା ଭାରତର ପ୍ରଧାନ ବିଚାରପତିଙ୍କ ଅନୁରୋଧ କ୍ରମେ ଏହି ପ୍ରତିବନ୍ଧକ ପ୍ରତ୍ୟାହାର କରାଯିବା ପର୍ଯ୍ୟନ୍ତ, ଭାରତର ସର୍ବୋଚ୍ଚ ନ୍ୟାୟାଳୟର କାର୍ଯ୍ୟ କ୍ଷମତା, ଭାରତର ପ୍ରଧାନ ବିଚାରପତିଙ୍କୁ ବାଦ ଦେଇ, କ୍ୟାବିନେଟ ଦ୍ୱାରା ୧୫ ଜଣ ବିଚାରପତିଙ୍କ ମଧ୍ୟରେ ସୀମିତ ରହିଥିଲା।

ସେହିପରି ଆଖୁର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଉଚିତ ଓ ଲାଭଦାୟକ ମୂଲ୍ୟକୁ ଅନୁମୋଦନ ପ୍ରଦାନ କରାଯାଇଛି। ୨୦୨୫-୨୬ର ମୂଲ୍ୟ ତୁଳନାରେ ଏହା ୨.୮୧ ପ୍ରତିଶତ ଅଧିକ। ଏହା ଦ୍ୱାରା ୫ କୋଟି ଆଖୁ ଚାଷୀ ଏବଂ ଚିନି କଳ ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ୫ ଲକ୍ଷ ଶ୍ରମିକ ଲାଭବାନ ହେବେ। ଏଥର ୧୦.୨୫ ପ୍ରତିଶତର ମୂଳ ପୁନରୁଦ୍ଧାର ହାର ଧାର୍ଯ୍ୟ କରାଯାଇଛି। ଏହାଠାରୁ ପ୍ରତି ୦.୧% ଅଧିକ ପୁନରୁଦ୍ଧାର ପାଇଁ କ୍ୱିଣ୍ଟାଲ ପିଛା ୩ ଟଙ୍କା ୫୬ ପଇସାର ପ୍ରିମିୟମ ପ୍ରଦାନ କରାଯିବ।ଆଖୁ ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ଦୃଷ୍ଟିରେ ରଖି ସରକାର କହିଛନ୍ତି ଯେ ଯେଉଁ ଚିନି ମିଲ୍‌ରେ ପୁନରୁଦ୍ଧାର ହାର ୯.୫ ପ୍ରତିଶତରୁ କମ୍ ରହିଛି ସେଠାରେ କେଣସି ପ୍ରକାର ରିହାତି ଦିଆଯିବ ନାହିଁ। ଏହି ଚାଷୀମାନେ ଆଗାମୀ ଚିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇପାରିବେ। ସରକାର ଜଣାଇଛନ୍ତି ଯେ ୨୦୨୬-୨୭ ଚିନି ଋତୁରେ ଆଖୁର ଉତ୍ପାଦନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୧୮୨ ଟଙ୍କା ହିସାବ କରାଯାଇଛି। ସେହି ତୁଳନାରେ ସରକାର ଧାର୍ଯ୍ୟ କରିଥିବା ଉଚିତ ଓ ଲାଭଦାୟକ ଦର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ପ୍ରାୟ ୧୦୦ ପ୍ରତିଶତ ଅଧିକ।୨୦୧୫-୧୬ରେ ଆଖୁର ଉଚିତ୍ ଓ ଲାଭଦାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦ ଟଙ୍କା ଥିଲା। ୨୦୨୨-୨୩ରେ ତାହା ୩୦୫ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩-୨୪ରେ ତାହା ୩୧୫ ଟଙ୍କା ଓ ୨୦୨୪-୨୫ରେ ୩୫୫ ଟଙ୍କା ହୋଇଥିଲା। କୃଷି ଖର୍ଚ୍ଚ ଓ ମୂଲ୍ୟ ଆୟୋଗ (ସିଏସିପି) ସୁପାରିସ ଆଧାରରେ ଏବଂ ରାଜ୍ୟ ସରକାର ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ପରାମର୍ଶ ପରେ ଉଚିତ୍ ଓ ଲାଭଦାୟକ ମୂଲ୍ୟ ନିର୍ଣ୍ଣୟ କରାଯାଉଛି।

୨୦୨୪-୨୫ର ୧,୦୨,୬୮୭ କୋଟି ଟଙ୍କାର ଆଖୁ ବକେୟା ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ୍ ୨୦ ସୁଦ୍ଧା ୧,୦୨,୨୦୯ କୋଟି ଟଙ୍କାର ବକେୟା ପ୍ରଦାନ କରାଯାଇଛି। ସେହିପରି ୨୦୨୫-୨୬ର ୧,୧୨,୭୪୦ କୋଟି ଟଙ୍କା ବକେୟା ମଧ୍ୟରୁ ୯୯,୯୬୧ କୋଟି ଟଙ୍କାର ବକେୟା ପ୍ରଦାନ କରାଯାଇଛି।

କେନ୍ଦ୍ର କ୍ୟାବିନେଟକପା ଉତ୍ପାଦନ ମିଶନଘୋଷଣାକରିଛନ୍ତି । ୫୬୫୯.୨୨ କୋଟି ଟଙ୍କା ବ୍ୟୟବରାଦ ସହିତ ଏହିମିଶନ୨୦୨୬-୨୭ ରୁ ୨୦୩୦-୩୧ମଧ୍ୟରେକାର୍ଯ୍ୟକାରୀହେବ ।ଏହାଭାରତର କପା କ୍ଷେତ୍ରରେ ରହିଥିବାପ୍ରତିବନ୍ଧକ, ନିମ୍ନଗାମୀ ଅଭିବୃଦ୍ଧି ଏବଂ ଗୁଣାତ୍ମକମାନକୁନେଇରହିଥିବାସମସ୍ୟାଦୂରଣକରିବ । ଏହି ମିଶନ୍ ଭାରତ ସରକାରଙ୍କ ଫାଇଭ୍-'ଏଫ୍'ଦୃଷ୍ଟିକୋଣ (ଫାର୍ମରୁ ଫାଇବର, ଫ୍ୟାକ୍ଟ୍ରିରୁ ଫ୍ୟାଶନ ଏବଂଫରେନ୍) ଅନୁରୂପ । ଏହି ମିଶନ୍ ରୋଗ ଏବଂ କୀଟପତଙ୍ଗ ପ୍ରତିରୋଧୀ ଉଚ୍ଚ ଅମଳକ୍ଷମ ବିହନ (ଏଚ୍‌ୱାଇଭି) ବିହନ ବିକାଶ ମାଧ୍ୟମରେ କପା ଉତ୍ପାଦନ ବୃଦ୍ଧି କରିବା, ରାଜ୍ୟ ସରକାର, କୃଷି ବିଜ୍ଞାନ କେନ୍ଦ୍ର ଏବଂ ରାଜ୍ୟ କୃଷି ବିଶ୍ୱବିଦ୍ୟାଳୟ (ଏସଏୟୁ) ମାଧ୍ୟମରେ ନୂତନ ଫସଲ ଉତ୍ପାଦନ ଜ୍ଞାନକୌଶଳର ବ୍ୟାପକ ପ୍ରଚାର ଓ ଗ୍ରହଣୀୟତାକୁପ୍ରୋତ୍ସାହିତକରିବ ।

କେନ୍ଦ୍ର କ୍ୟାବିନେଟ୍ ଜରୁରୀକାଳୀନ କ୍ରେଡିଟ୍ ଲାଇନ ଗ୍ୟାରେଣ୍ଟି ଯୋଜନା (ଇସିଏଲଜିଏସ)୫.୦କୁ ମଞ୍ଜୁରୀ ଦେଇଛି ।ପଶ୍ଚିମ ଏସିଆ ସଙ୍କଟକୁ ଦୃଷ୍ଟିରେ ରଖି ଯେକୌଣସି ସ୍ୱଳ୍ପକାଳୀନ ଆର୍ଥିକଅଭାବକୁଭରଣା କରିବା ପାଇଁ ଯୋଗ୍ୟ ରଣଗ୍ରହୀତାଙ୍କ ନିମନ୍ତେ ଅତିରିକ୍ତ ରଣ ସୁବିଧା ଅଧୀନରେ ଡିଫଲ୍ଟ ପରିମାଣ ପାଇଁ ନେସନାଲ୍ କ୍ରେଡିଟ୍ ଗ୍ୟାରେଣ୍ଟି ଟ୍ରଷ୍ଟି କମ୍ପାନୀ ଲିମିଟେଡ୍ (ଏନସିଜିଟିସି) ଦ୍ୱାରା ସଦସ୍ୟ ରଣ ପ୍ରଦାନକାରୀ ସଂସ୍ଥା (ଏମଏଲଆଇ)ଗୁଡିକୁରଣ ଗ୍ୟାରେଣ୍ଟି ସୁରକ୍ଷା ପ୍ରଦାନ କରିବା ଏହି ଯୋଜନାର ଉଦ୍ଦେଶ୍ୟ । ଏହି ଗ୍ୟାରେଣ୍ଟି ଫଳରେ ଏମଏସଏମଇ ପାଇଁ ୧୦୦% ଏବଂ ଅଣ-ଏମଏସଏମଇଏବଂ ବିମାନ କ୍ଷେତ୍ର ପାଇଁ ୯୦% ରଣଯୋଗାଣ ସମ୍ଭବ ହୋଇପାରିବ ।

ଯୋଗ୍ୟ ରଣଗ୍ରହିତା ଆକାଉଣ୍ଟ ମାନକ ବା ଷ୍ଟାଣ୍ଡାର୍ଡ ସ୍ଥିତିରେ ଥିଲେ,୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା କାର୍ଯ୍ୟଶୀଳ ପୁଞ୍ଜି ସୀମା ଥିବା ଏମଏସଏମଇ ଓ ଅଣ-ଏମଏସଏମଇ ଏବଂ ଅନୁସୂଚିତ ଯାତ୍ରୀ ବିମାନ କମ୍ପାନୀଗୁଡ଼ିକ ପାଖରେ ବକେୟା ରଣ ସୁବିଧା ଅଛି ।ଗ୍ୟାରେଣ୍ଟି କଭରେଜ୍: ଏମଏସଏମଇପାଇଁ ୧୦୦% ଏବଂ ଅଣ-ଏମଏସଏମଇଏବଂ ବିମାନ କ୍ଷେତ୍ର ପାଇଁ ୯୦%।

ଗ୍ୟାରେଣ୍ଟି ଶୁଳ୍କ: ଶୂନ୍ୟ।

ସହାୟତାର ପରିମାଣ: ଆର୍ଥିକ ବର୍ଷ ୨୦୨୬ର ଚତୁର୍ଥ ତ୍ରୈମାସରେ ବ୍ୟବହୃତ ସର୍ବାଧିକ କାର୍ଯ୍ୟକାରୀ ପୁଞ୍ଜିର ୨୦% ପର୍ଯ୍ୟନ୍ତ ଅତିରିକ୍ତ ରଣ (୧୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସୀମିତ)। ବିମାନ କମ୍ପାନୀଗୁଡ଼ିକ ପାଇଁ ୧୦୦% ପର୍ଯ୍ୟନ୍ତ (ପ୍ରତି ରଣଗ୍ରହୀତା ପାଇଁ ୧୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସୀମିତ, କିଛି ନିର୍ଦ୍ଦିଷ୍ଟ ସର୍ତ୍ତ ପୂରଣ କରିବା ଉପରେ ନିର୍ଭର କରେ)।

## ହାଇୱା ଧକ୍କାରେ ଟ୍ରକ ହେଲପର ମୃତ

**ବାଲେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ବାଲେଶ୍ୱର ଜିଲା ୧୬ ନଂ ଜାତୀୟ ରାଜପଥ ରୂପସା ଥାନା ଅନ୍ତର୍ଗତ ଯୁକନଣ୍ଡି ଛକ ନିକଟରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ମୃତ, ଜଣେ ଆହତ ହୋଇଥିବା ସୂଚନା ମିଳିଛି । ଭୋର ସମୟରେ ରାଜପଥର ଯୁକନଣ୍ଡି ଛକ ନିକଟରେ ବାଲେଶ୍ୱରରୁ ଜଳେଶ୍ୱର ଆଡକୁ ଯାଉଥିବା ଏକ ଟ୍ରକ ପଛ ପଟୁ ଏକ ହାଇୱା ଧକ୍କା ଦେଇଥିଲା। ଘଟଣାସ୍ଥଳରେ ହାଇୱାର ହେଲପର ଚାନ୍ଦ କିସ୍କୁ (୩୪) ମୃତ୍ୟୁବରଣ କରିଥିବା ବେଳେ ଗାଡିର ଡ୍ରାଇଭର ଆହତ ହୋଇଥିବା ଜଣାପଡିଛି । ରୂପସା ଥାନା ପୋଲିସ, ରାଜପଥ ପେଟ୍ରୋଲିଙ୍ଗ ଭ୍ୟାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି ।

## ସିସିଟିଭି ନଜରରେ ରହିବ ବଡ଼ଦାଣ୍ଡ

**ପୁରୀ, ୬।୫ (ସ୍ୱାଧିକାର ନ୍ୟୁଜ) :** ପାଖେଇ ଆସୁଛି ମହାପ୍ରଭୁଙ୍କ ପବିତ୍ର ରଥଯାତ୍ରା। ରଥଯାତ୍ରା ପ୍ରସ୍ତୁତି ନେଇ ପୁରୀ ଏସ୍ପି ପ୍ରତୀକ ସିଂହ ମଙ୍ଗଳବାର ଏକ ବଡ଼ ସୂଚନା ଦେଇଛନ୍ତି। ଶୃଙ୍ଖଳିତ ଏବଂ ସୁରକ୍ଷିତ ରଥଯାତ୍ରା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଥିବା ଏସ୍ପି କହିଛନ୍ତି। ରଥଯାତ୍ରା ପାଇଁ ପୋଲିସ ପକ୍ଷରୁ ଏକାଧିକ କଣ୍ଟ୍ରୋଲ ରୁମ୍ ଖୋଲାଯିବ। ଏପରିକି ବଡ଼ଦାଣ୍ଡ ସମ୍ପୂର୍ଣ୍ଣ ସିସିଟିଭି ବଳୟ ମଧ୍ୟରେ ରହିବ ବୋଲି ଏସ୍ପି କହିଛନ୍ତି। ରଥ ସମୟରେ ଶ୍ରଦ୍ଧାଳୁଙ୍କ ପାଇଁ ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ଏଲ୍ଇଡି ସ୍କ୍ରିନ ଲଗାଯିବ। ଏପରିକି ରଥଯାତ୍ରା ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଗୁଗଲର ସହାୟତା ନିଆଯିବ। ଅନ୍ୟପକ୍ଷେ ରଥ ସମୟରେ ଅମାନିଆ ଅଟୋ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି କହିଛନ୍ତି।

# ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍

### ଆଇଆଇଟି ମାଡ୍ରାସର ଟେକ୍ନୋଲୋଜି ସମିଟକୁ ଉଦଘାଟନ କଲେ ଧର୍ମେନ୍ଦ୍ର



**ଭୁବନେଶ୍ୱର, ୬।୫ (ପିଆଇବି) :** ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଣ୍ଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ (ଆର ଆଣ୍ଡ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି। ତେବେ ଆଗାମୀ ଦିନରେ ଶିଳ୍ପ ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଞ୍ଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ। ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି। "ଫର୍ମ ଆଇଆଇଟିଏମ ଫର୍ ଭାରତ. ବିଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ।

## ଭାଇବୋହୂକୁ ହତ୍ୟାକଲା ଦେଢ଼ଶୁର

**ବଲାଙ୍ଗୀର, ୬।୫ (ସ୍ୱାଧିକାର ନ୍ୟୁଜ) :** ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଚିତ୍ରାମୁଣ୍ଡା ଗାଁରେ ରଞ୍ଜୁ ସାହୁ ନାମ୍ନୀ ଜଣେ ମହିଳାଙ୍କୁ ହତ୍ୟା ଘଟଣାରେ ପୁଲିସ ତାଙ୍କ ଦେଢ଼ଶୁର ଭୋଜରାଜ ସାହୁଙ୍କୁ ଗିରଫ କରିଛି ।

ରଞ୍ଜୁଙ୍କ ସ୍ୱାମୀ କିଶୋର ସାହୁ ୫ ବର୍ଷ ହେବ ଘରକୁ ଆସୁ ନାହାନ୍ତି। ସେ ରାଜ୍ୟ ବାହାରକୁ କାମ କରିବାକୁ ଯାଇ ଆଉ ଫେରିନାହାନ୍ତି। ଘରେ ଦୁଇ ଝିଅ ଓ ଗୋଟିଏ ପୁଅ ସହିତ ରହୁଥିଲେ ମଞ୍ଜୁ। ପରିବାର ଚଳାଇବା ପାଇଁ ସେ ମୂଲ ଲାଗୁଥିଲେ। ସାନ ଭାଇ ଘରକୁ ଆସୁ ନଥିବା ବେଳେ ରଞ୍ଜୁଙ୍କ ଉପରେ ଭୋଜରାଜଙ୍କର ଥିଲା ଖରାପ ନଜର। ସେ ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରିଥିଲେ। କିନ୍ତୁ ରଞ୍ଜୁ ଏହାକୁ ପ୍ରତ୍ୟାଖ୍ୟାନ କରି ଦେଇଥିଲେ। ପୁଲିସ୍ ଭୋଜରାଜଙ୍କ ମୋବାଇଲ ଫୋନ୍‌ର ଦୁଇ ମାସର କଲ୍ ରେକର୍ଡ ଯାଞ୍ଚ କରି ଜାଣିବାକୁ ପାଇଛି ଯେ ସେ ତାଙ୍କ ଭାଇବୋହୂ ରଞ୍ଜୁଙ୍କୁ ୨୧୯ ଥର ଫୋନ୍ କରିଥିଲେ। ମେ' ୨ ତାରିଖ ଦିନ ସକାଳେ ଛୁଆମାନଙ୍କୁ ଜଳଖିଆ ଖାଇବାକୁ ଦେଇ ରଞ୍ଜୁ ସାହୁ ଗାଁ ନିକଟସ୍ଥ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ। ସେହି ସମୟରେ ଭୋଜରାଜ ତାଙ୍କୁ ପିଛା କରିଥିଲେ ଓ ପଥରରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ମୃତଦେହକୁ ସେ ଏକ କପା କ୍ଷେତରେ ଥିବା ବଡ଼ ଗାତରେ ଫୋପାଡ଼ି ଦେଇଥିଲେ। ରଞ୍ଜୁଙ୍କ ମୃତଦେହ ପରେ ସେ ମାଟି ଓ ଶୁଖିଲା ଡାଳ ପକାଇ ଦେଇଥିଲେ। ଘଟଣା ପରଠାରୁ ଭୋଜରାଜ ଫେରାର ହୋଇଯାଇଥିଲେ।



**ପ୍ରେମରେ ବିଫଳ ହେବାରୁ ପ୍ରତିଶୋଧ**

# ହକ୍ ମାଗିବାରୁ ମହିଳାଙ୍କୁ ହତ୍ୟା

**ହିଞ୍ଜିଳିକାଟୁ, ୬।୫ (ସ୍ୱାଧିକାର ନ୍ୟୁଜ) :** ନିଜ ଅଧିକାର ପାଇବା ପାଇଁ ସଂଘର୍ଷ କରୁଥିବା ଜଣେ ମହିଳା ଶେଷରେ ହାରି ଯାଇଛନ୍ତି। ମହିଳା ଜଣକ ନିଜ ଅଧିକାର ପାଇବା ପାଇଁ ପ୍ରେମିକର ଘରେ ଧାରଣା ଦେଇଥିଲେ। ସେ ନିଜ ପ୍ରେମିକଙ୍କୁ ପାଇବା ପାଇଁ ଜିଦ୍ ଧରି ବସିଥିବା ବେଳେ ତାଙ୍କୁ ହତ୍ୟା କରାଯାଇଛି। ପ୍ରେମିକର ଭାଇ ରାଗରେ ଜର୍ଜରିତ ହୋଇ ମହିଳାଙ୍କୁ ହତ୍ୟା କରିଛି। ମହିଳାଙ୍କ ରକ୍ତ ଜୁଡୁବୁଡୁ ଶରୀର ଘରର ଚଟାଣ ଉପରେ ପଡ଼ିଥିବା ବେଳେ ନିଷ୍ପାପ ଶିଶୁଟି ମା'...ମା'... ବୋଲି କାନ୍ଦୁଛି। ତା'ର ଆଖିରୁ ଲୁହ ବନ୍ଦ କରିବା ପାଇଁ ଆଉ କେହି ନାହାନ୍ତି। ମା' ଚାଲିଗଲା ପରେ ସେ ଏବେ କେମିତି ବଞ୍ଚିବ ଏବଂ ବଡ଼ ହେବ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗଞ୍ଜାମଜିଲ୍ଲା ହିଞ୍ଜିଳି ଥାନା ଅଧୀନ କେ.ଖରିଡା ଗାଁରେ ମଙ୍ଗଳବାର ଏହି ଅଭାବନୀୟ ଘଟଣା ଘଟିଛି। ଅଭିଯୁକ୍ତ ଲିଟୁ ଗୌଡ଼କୁ ପୁଲିସ ଅଟକ ରଖିଛି।



ଗଞ୍ଜାମ ଜିଲ୍ଲା ହିଞ୍ଜିଳି ଥାନା ଅଧୀନ କେ ଖରିଡା ଗାଁର ଚିଣ୍ଟୁ ଗୌଡ଼ଙ୍କ ସହିତ ରମ୍ଭା ଥାନା ଅନ୍ତର୍ଗତ ପୂଜା ସ୍ୱାଇଁଙ୍କର ପ୍ରାୟ ୪ ବର୍ଷ ପୂର୍ବରୁ ଇନ୍‌ଷ୍ଟାଗ୍ରାମରେ ପ୍ରେମ ସଂପର୍କ ଆରମ୍ଭ ହୋଇଥିଲା। ପରେ ଉଭୟ ଚିଣ୍ଟୁ ଏବଂ ପୂଜା ମୋବାଇଲ୍ ଫୋନ୍‌ରେ କଥାବାର୍ତ୍ତା କରିଥିଲେ। ସଂପର୍କ ଅତି ନିକଟତର ହେଲା ପରେ ସେମାନେ ଫେରାର ହୋଇଯାଇଥିଲେ। ଅନ୍ୟ ରାଜ୍ୟକୁ ଯାଇ ଶ୍ରମିକ ଭାବେ କାମ କରି ଜୀବନ ବିତାଉଥିଲେ। ସେମାନଙ୍କର ୩ବର୍ଷ ବୟସର ଏକ ଶିଶୁକନ୍ୟା ଅଛି। କୁହାଯାଉଛି ଯେ, ପୂଜା ୪ମାସର ଗର୍ଭବତୀ ଥିଲେ।

୧୫ ଦିନ ତଳେ ବାହାର ରାଜ୍ୟକୁ କାମ କରିଯିବାକୁ କହି ପୂଜା ଏବଂ ଶିଶୁକନ୍ୟାକୁ ନେଇ ଚିଣ୍ଟୁ ଘରୁ ବାହାରି ଥିଲେ। ଉଭୟ ମା' ଏବଂ ଝିଅଙ୍କୁ ନେଇ ସେ ବ୍ରହ୍ମପୁର ଷ୍ଟେସନରେ ପହଞ୍ଚି ଥିଲେ। କିନ୍ତୁ ସେଠାରେ ସେ ମା'-ଝିଅଙ୍କୁ ଗୋଟିଏ ସ୍ଥାନରେ ବସାଇ ଦେଇ ଶୌଚାଳୟ ଯିବା ବାହାନାରେ ଖସି ପଳାଇ ଯାଇଥିଲେ। ରେଳ ଷ୍ଟେସନରେ ପୂଜା ରାତିସାରା ଉଜାଗର ରହିଥିଲେ ମଧ୍ୟ ଚିଣ୍ଟୁ ଆଉ ଫେରି ନଥିଲେ। ପୂଜା ହିଞ୍ଜିଳି ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନାରେ ଏତଲା ଦେଇଥିଲେ। ପୁଲିସର ପରାମର୍ଶ ଅନୁସାରେ ପୂଜା ଆଜି ପ୍ରେମିକର ଘର ଆଗରେ ଧାରଣା ଦେଇଥିଲେ। ମାମଲାର ସମାଧାନ ପାଇଁ ପୁଲିସ ଏବଂ ମିଡ଼ିଆ ପ୍ରତିନିଧିମାନେ ଆଜି ଚିଣ୍ଟୁଙ୍କ ଘରେ ପହଞ୍ଚି ଥିଲେ। ପୂଜା ଗଣମାଧ୍ୟମକୁ ବୟାନ ମଧ୍ୟ ଦେଇଥିଲେ। ଏହି ସମୟରେ ଚିଣ୍ଟୁ ଗୌଡ଼ର ଭାଇ ଲିଟୁ ସବୁ ଦେଖୁଥିଲା। ପୁଲିସ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ସେଠାରୁ ଫେରିଯିବା ପରେ ଉତ୍ତେଜିତ ହୋଇ ପୂଜାଙ୍କୁ କୁରାଢ଼ିରେ ଆକ୍ରମଣ କରିଥିଲା। ଆକ୍ରମଣର ଶିକାର ହୋଇ ପୂଜା ଆଖି ବୁଜିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ବେଳେ ଅଭିଯୁକ୍ତକୁ ଅଟକ ରଖି ପଚରାଉଚୁରା କରିଛି। ନିଷ୍ପାପ ଶିଶୁକୁ ପୁଲିସ ରଖିଛି।

# ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିର୍ଦ୍ଦେଶ

**ଭୁବନେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ଉପ-ମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଜି ଶକ୍ତି ବିଭାଗର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି। ଏହି ବୈଠକରେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଲ କୁମାର ଦେବ, ଓପିଟିସିଏଲ୍ ର ସିଏମଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଓଡ଼ିଶାର ସମସ୍ତ ବିଦ୍ୟୁତ ବିତରଣ କମ୍ପାନୀର ସିଇଓମାନେ ଉପସ୍ଥିତ ଥିଲେ।



ଚଳିତ ଗ୍ରୀଷ୍ମ ପ୍ରବାହ ଓ କାଳବୈଶାଖୀ ଝଡ଼ ପାଇଁ ପ୍ରସ୍ତୁତିର ସମୀକ୍ଷା କରି ଶ୍ରୀ ସିଂହଦେଓ ସାରା ରାଜ୍ୟରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ଯୋଗାଣ ନିଶ୍ଚିତ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେ ଗୁରୁତ୍ୱାରୋପ କରିଛନ୍ତି ଯେ, ଗ୍ରାହକଙ୍କ ସମସ୍ତ ଅଭିଯୋଗକୁ ଜରୁରୀକାଳୀନ ଭିତ୍ତିରେ ଗ୍ରହଣ କରାଯାଇ ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରାଯିବା ଉଚିତ। ବାରମ୍ବାର ବିଦ୍ୟୁତ ବିଭ୍ରାଟକୁ ରୋକିବା ଏବଂ ବ୍ୟବସ୍ଥାର ବିଶ୍ୱସନୀୟତା ବୃଦ୍ଧି ପାଇଁ ରକ୍ଷଣାବେକ୍ଷଣ ଏବଂ ପୁନରୁଦ୍ଧାର କାର୍ଯ୍ୟରେ କେବଳ ଉଚ୍ଚମାନର ସରଞ୍ଜାମ ଓ ସାମଗ୍ରୀ ବ୍ୟବହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଗ୍ରାହକ-କୈନ୍ଦ୍ରିକ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦେଇ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ, ବିଭାଗୀୟ କର୍ମଚାରୀ ଗ୍ରାହକଙ୍କ ସହ ନମ୍ରତାର ସହ କଥା ହେବା ସହ ସକ୍ରିୟ ଭାବେ ସେବା ଯୋଗାଇବା ଆବଶ୍ୟକ। ଅଭିଯୋଗର ପ୍ରତିକାର ବ୍ୟବସ୍ଥାକୁ ଅଧିକ ମଜବୁତ କରିବା ପାଇଁ ସେ ଗ୍ରାହକଙ୍କ ଅଭିଯୋଗ ବୁଝିବା ପାଇଁ ସମର୍ପିତ ଦଳ ର ସଂଖ୍ୟା ବୃଦ୍ଧି କରିବାକୁ କହିଛନ୍ତି। ଏହାବ୍ୟତୀତ, ଉପ-ମୁଖ୍ୟମନ୍ତ୍ରୀ ବିଦ୍ୟୁତ ଭିତ୍ତିଭୂମି ସହିତ ଜଡ଼ିତ ଜନସାଧାରଣଙ୍କ ସୁରକ୍ଷା ଦିଗର ମଧ୍ୟ ସମୀକ୍ଷା କରିଛନ୍ତି। ବିଦ୍ୟୁତ ଲାଇନ କିମ୍ବା ବିଦ୍ୟୁତ ପ୍ରତିଷ୍ଠାନ ନିକଟରେ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡ ଲଗାଇବା ସମ୍ପର୍କରେ ସେ ସ୍ପଷ୍ଟ ନିର୍ଦ୍ଦେଶାବଳୀ ଜାରି କରିବାକୁ କହିଛନ୍ତି। ପ୍ରବଳ ବେଗରେ ପବନ ବହିବା ଏବଂ କାଳବୈଶାଖୀ ସମୟରେ ଦୁର୍ଘଟଣା ରୋକିବା ପାଇଁ ପୌରସଂସ୍ଥା ମାନଙ୍କ ସହ ସମନ୍ୱୟ ରକ୍ଷା କରି ସମସ୍ତ ହୋର୍ଡିଂ ଏବଂ ବିଜ୍ଞାପନ ବୋର୍ଡର ଗଠନମୂଳକ ସୁରକ୍ଷା ନିୟମାବଳୀର କଠୋର ଅନୁପାଳନ କରିବାକୁ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ କୁହାଯାଇଛି। ଜନସାଧାରଣଙ୍କୁ ୨୪ ଘଣ୍ଟିଆ ନିରବଚ୍ଛିନ୍ନ ବିଦୁତ ଯୋଗାଇବା ପାଇଁ ସରକାରଙ୍କ ସର୍ବଦା ଚେଷ୍ଟିତ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏଥିସହିତ ଗ୍ରୀଷ୍ମ ମାସଗୁଡ଼ିକରେ ସମସ୍ତ ଅଧିକାରୀଙ୍କୁ ହାଇ-ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶକ୍ତି ବିଭାଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ଆଲୋଚିତ ବିଷୟବସ୍ତୁ ଉପରେ ସାପ୍ତାହିକ ଅନୁପାଳନ ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଛି।

# ମୌସୁମୀ ପୂର୍ବରୁ ବନ୍ୟାମୁକାବିଲା ପ୍ରସ୍ତୁତି ଶେଷ କର

**ଭୁବନେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ଆଗାମୀ ମୌସୁମୀ-୨୦୨୬ ପାଇଁ ସହରାଞ୍ଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ଗୁଡ଼ିକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ କୁହାଯାଇଛି। କାର୍ଯ୍ୟକାରିତାରେ ଯଦି କୌଣସି ଅବହେଳା ପରିଲକ୍ଷିତ ହୁଏ, ତେବେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ ବୋଲି ସରକାର ସ୍ପଷ୍ଟ କରିଛନ୍ତି, ଯାହା ବିପର୍ଯ୍ୟୟ ପରିଚାଳନା ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି।




ପ୍ରସ୍ତୁତି ରଣନୀତିର ଅଂଶସ୍ୱରୂପ, ସମସ୍ତ ଡ୍ରେନେଜ୍ ସିଷ୍ଟମ୍ ଏବଂ ମ୍ୟାନହୋଲଗୁଡ଼ିକର ୧୦୦ ପ୍ରତିଶତ ଯାଞ୍ଚ କରିବାକୁ ୟୁଏଲବି ଗୁଡ଼ିକୁ ବାଧ୍ୟତାମୂଳକ କରାଯାଇଛି। କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବା କାର୍ଯ୍ୟକୁ ପ୍ରାଥମିକତା ଦିଆଯାଇଛି। ଯେଉଁଠାରେ ମରାମତି ବାକି ଅଛି, ସେଠାରେ ସତର୍କତା ସୂଚନା ବୋର୍ଡ ଏବଂ ପ୍ରତିରକ୍ଷା ଜାଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ, ନାଳଗୁଡ଼ିକର ନିୟମିତ ପଙ୍କୋଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦକୁ ବାଧ୍ୟତାମୂଳକ କରାଯାଇଛି। ସହରାଞ୍ଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ତଥା ତଳିଆ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏହି ଅଞ୍ଚଳଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ପରିମାଣର ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ। ସହରାଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ଷମ ଜୋନ୍‌ରେ ବିଭକ୍ତ କରାଯାଇ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ, ଯାହାଫଳରେ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସହିତ ସ୍କୁଲ ଓ କଲେଜଗୁଡ଼ିକୁ ଅସ୍ଥାୟୀ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ ରଖାଯିବ। ଏହି କେନ୍ଦ୍ରଗୁଡ଼ିକରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦିଆଯିବ। ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପାଇଁ ମହିଳା ହୋମଗାର୍ଡ ଏବଂ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଯିବ। ସେହିପରି ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗରୁ ରକ୍ଷା ପାଇବା ପାଇଁ ଫଗିଂ ଏବଂ ଲାର୍ଭିସାଇଡ୍ ସିଞ୍ଚନକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରେନେଜ୍‌ରେ ଆବର୍ଜନା ପକାଇବା ଏବଂ ପାଣି ଜମି ରହିବା ଉପରେ କଡ଼ା ନଜର ରଖାଯିବ। ସମସ୍ତ ପୌରାଞ୍ଚଳରେ ୨୪/୭ କାର୍ଯ୍ୟକ୍ଷମ ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ। ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ସମସ୍ୟା ଏବଂ ରାସ୍ତା ଅବରୋଧ ସମ୍ପର୍କିତ ଅଭିଯୋଗର ସମାଧାନ ଏଠାରେ କରାଯିବ। ମୌସୁମୀ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ସହରାଞ୍ଚଳର ରାସ୍ତାଗୁଡ଼ିକୁ ୭୨ ଘଣ୍ଟା ମଧ୍ୟରେ ଯାତାୟାତ ଉପଯୋଗୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି।

# କୋଟିଆବାସୀଙ୍କୁ ପଟ୍ଟା, ଭତ୍ତା ବଣ୍ଟନ

**ଭୁବନେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ଆଇନ ତଥ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ମଙ୍ଗଳବାର ଦିନ କୋରାପୁଟର ସୀମାନ୍ତ ଅଂଚଳ କୋଟିଆରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ପଟ୍ଟା ବଂଟନ କରିଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଲେଖିଛନ୍ତି - କୋଟିଆ ମାଟିରେ ଜନସେବାର ସଙ୍କଳ୍ପ। ଆଜି କୋରାପୁଟ ଗସ୍ତ ଅବସରରେ ସୀମାନ୍ତ କୋଟିଆ ଠାରେ ଆୟୋଜିତ ଏକ ଭବ୍ୟ ସମାବେଶରେ ଯୋଗଦେଲି। କୋଟିଆର ପ୍ରତ୍ୟେକ ନାଗରିକଙ୍କ ନିକଟରେ ସରକାରୀ ସୁବିଧା ପହଂଚାଇବା ଆମର ପ୍ରାଥମିକତା।



ଏହି ଅବସରରେ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତା ଏବଂ ଜଙ୍ଗଲ ଜମି ଅଧିକାର ଆଇନ ଅନୁଯାୟୀ 'ଏଫଆରଏ' ପଟ୍ଟା ବଂଟନ କଲି। ଲୋକଙ୍କ ମୁହଁରେ ହସ ଓ ସେମାନଙ୍କ ସ୍ୱାଭିମାନର ସୁରକ୍ଷା ହିଁ ଆମ ସରକାରର ପ୍ରାଥମିକତା । ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଜୟପୁରର ବିଧାୟକ ତାରା ପ୍ରସାଦ ବାହିନୀପତି , ପଟ୍ଟାଙ୍ଗିର ବିଧାୟକ ରାମ ଚନ୍ଦ୍ର କାଡ଼ାମ୍, କୋରାପୁଟର ବିଧାୟକ ରଘୁରାମ ମାଛ, ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରଶାସନର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ସ୍ଥାନୀୟ ପ୍ରାଶାସନିକ ଅଧିକାରୀ ଓ ସ୍ଥାନୀୟ ନେତୃବୃନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେଡ଼ି ନୂତନ କର୍ମକର୍ତ୍ତା ଓ ଜିଲ୍ଲା ସଭାପତି ନିଯୁକ୍ତ

**ଭୁବନେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ଆଜି ବିଜୁ ଜନତା ଦଳ (ବିଜେଡି) ପକ୍ଷରୁ ୮ଟି ଜିଲ୍ଲାର ସଭାପତି ଓ କାର୍ଯ୍ୟକାରୀ ସଭାପତିଙ୍କ ନାମ ଘୋଷଣା କରିଛନ୍ତି। ଆଜି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରିତ ବିଜ୍ଞପ୍ତିରେ ଏନେଇ ସୂଚିତ କରାଯାଇଛି। ଜାରି ବିଜ୍ଞପ୍ତି ଅନୁସାରେ, ଖୋର୍ଦ୍ଧା ଜିଲ୍ଲା ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ, ବାଲେଶ୍ୱର ଜିଲ୍ଲା ସଭାପତି ଭାବେ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି ମନ୍ମଥ ରାଉତରାୟ, ବାଲେଶ୍ୱର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଗୌତମ ବୁଦ୍ଧ ଦାସ, ଅନୁଗୁଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀ କାନ୍ତ ପ୍ରଧାନ, ବୌଦ୍ଧ କାର୍ଯ୍ୟକାରୀ ସଭାପତି ମହିଧର ରଣା, ଢେଙ୍କାନାଳ ଜିଲ୍ଲା କାର୍ଯ୍ୟକାରୀ ସଭାପତି ନରୋତ୍ତମ ସାହୁ, କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରୀ ସଭାପତି ପ୍ରମୋଦ ପଟ୍ଟନାୟକଙ୍କୁ ନିଯୁକ୍ତ କରାଯାଇଛି।

ସେହିଭଳି ଅନ୍ୟ ଏକ ବିଜ୍ଞପ୍ତିରେ ଦଳର କାର୍ଯ୍ୟକର୍ତ୍ତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଉପସଭାପତି ଭାବେ ବାଲେଶ୍ୱରର ରଘୁନାଥ ମହାନ୍ତିଙ୍କୁ ନିଯୁକ୍ତି ଦିଆଯାଇଛି। ନିକଟରେ ରଘୁନାଥ ମହାନ୍ତି ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ସେହିଭଳି ଜଗତସିଂହପୁରର ରଘୁନନ୍ଦନ ଦାସ, ବାଲେଶ୍ୱରର ଜୀବନପ୍ରଦୀପ ଦାସ, ବାରିପଦାର ସାନନ୍ଦ ମାରାଣ୍ଡି, କଟକ ସଦରର ଚନ୍ଦ୍ର ସାରଥୀ ବେହେରା, ସତ୍ୟବାଦୀର ରମା ରଞ୍ଜନ ବଳିଆରସିଂହଙ୍କୁ ବରିଷ୍ଠ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି। ସାଧାରଣ ସମ୍ପାଦକ ଭାବେ ସୁଦର୍ଶନ ହରିପାଲ, ପ୍ରଦୀପ କୁମାର ସାହୁ, ସୁଜାତା ସାହୁ, ମନୋରମା ମହାନ୍ତି, ମାଧବ ଧଡ଼ା, ରୁପେଶ କୁମାର ପାଣିଗ୍ରାହୀ, ସୁନୀଲ ମହାନ୍ତି, ବିଶ୍ୱ ରଞ୍ଜନ ମଲ୍ଲିକ, ଅଭିମନ୍ୟୁ ସେଠୀ, ରୋହିତ ଯୋସେଫ୍ ତିର୍କି, ରୁଦ୍ର ପ୍ରତାପ ମହାରଥୀ, ପ୍ରମୋଦ ସାମଲ, କାଶୀନାଥ ହେମ୍ବ୍ରମ୍, ବିଷ୍ଣୁବ୍ରତ ରାଉତରାୟ, ଅବିନାଶ ସାମଲ, ଈଶ୍ୱର ପାଣିଗ୍ରାହୀ, ଗୋବର୍ଦ୍ଧନ ଦାସ, ମହମ୍ମଦ ଡକ୍ଲୁ ସକିଲ, ସୁବାସ ଚନ୍ଦ୍ର ପାତ୍ର, ଜଗଦୀଶ ପାତ୍ର, ସୁରେନ୍ଦ୍ର ମହାପାତ୍ର, ଜଗବନ୍ଧୁ ଦାସ, ଶିଶିର ପରିଜା, ପ୍ରଶାନ୍ତ ନାୟକ, ଅମୀୟ ଦାସ, ବିପ୍ଳବ ପାତ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ଏହା ବ୍ୟତୀତ ୪୪ଜଣଙ୍କୁ ସମ୍ପାଦକ ଓ ୧୧ ଜଣଙ୍କୁ ଯୁଗ୍ମ ସମ୍ପାଦକ ଭାବେ ନିଯୁକ୍ତି ଦିଆଯାଇଛି।

# ଟ୍ୱିନ୍‌ସିଟି ଟ୍ରାଫିକ ସମସ୍ୟା ଦୂର ପାଇଁ ହେବ ଦୀର୍ଘସ୍ଥାୟୀ ବ୍ୟବସ୍ଥା

**ଭୁବନେଶ୍ୱର, ୬।୫ (ସ୍ୱାଧିକାର ନ୍ୟୁଜ) :** ଦ୍ୱୈତ-ନଗରୀ ଭୁବନେଶ୍ୱରଏବଂ କଟକ ଅଂଚଳରେ ବିଭିନ୍ନ ଛକସ୍ଥାନ ମାନଙ୍କରେ ଦେଖାଦେଉଥିବା ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଦେଓରଂଜନ କୁମାର ସିଂଙ୍କ ଅଧ୍ୟକ୍ଷତାରେଏକ ଉଚ୍ଚସ୍ତରୀୟ ବୈଠକ ଯୋଜନା ଓ ସଂଯୋଜନ ବିଭାଗସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର-କଟକ ସହରରେ ଟ୍ରାଫିକ ସମସ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବାରୁ ଜନସାଧାରଣ ବିଭିନ୍ନ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ନିକଟରେ ମୁଖ୍ୟମନ୍ତ୍ରୀ, ରାଜ୍ୟ ମୁଖ୍ୟଶାସନ ସଚିବଙ୍କୁ ଏହାର ସମାଧାନ ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ପଦ୍ଧତିଗତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶ ଅନୁସାରେ ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି। ଏହି କମିଟିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ, ଭୁବନେଶ୍ୱର-କଟକ ପୁଲିସ୍ କମିଶନର, ପରିଚାଳନା ନିର୍ଦ୍ଦେଶକ କ୍ୟାପିଟାଲ ରିଜିଅନ ଅର୍ବାନ୍ ଟ୍ରାନସପୋର୍ଟ (କ୍ରୁଟ୍), ଭୁବନେଶ୍ୱର ମହାନଗର ନିଗମ କମିଶନର, ଉପାଧ୍ୟକ୍ଷ-ବିଡିଏ, ପରିଚାଳନା ନିର୍ଦ୍ଦେଶକ, ଭୁବନେଶ୍ୱର ସ୍ମାର୍ଟସିଟି ଲିଃ. (ବିଏସସିଏଲ), ପୂର୍ତ୍ତବିଭାଗ ମୁଖ୍ୟଯନ୍ତ୍ରୀ (ସଡ଼କ-୧), ପ୍ରମୁଖ ସଦସ୍ୟ ରହିଥିବା ବେଳେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ଶାସନ ସଚିବ ସଦସ୍ୟ ଆବାହକ ଅଛନ୍ତି ।



ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆହୂତ ଅନୁଷ୍ଠିତ ଆଜିର ବୈଠକରେ ପ୍ରଥମେ ଭୁବନେଶ୍ୱର ସହରର ଟ୍ରାଫିକ୍ ସମସ୍ୟାର ସମାଧାନ ସଂପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ଭୁବନେଶ୍ୱରର ରବିଟକିଜ ଛକ, ମାଉସୀମା ମନ୍ଦିର ଛକ, ଶିଶୁଭବନ ଛକ, ମ୍ୟୁଜିୟମ ଛକ, କଳ୍ପନା ଛକ, ଜୟଦେବ ବିହାର ଛକ, ଏଜି ଛକ, କିଟ ଛକ, କଳିଙ୍ଗହସ୍ପିଟାଲ ଛକ, ରାଜମହଲଛକ ଆଦି ବିଭିନ୍ନ ଛକରେ ରହୁଥିବା ଟ୍ରାଫିକ୍ ସମସ୍ୟା ଓ ଏହାର ସମାଧାନ ସଂପର୍କରେ ଉପସ୍ଥିତ କମିଟିର ସଦସ୍ୟମାନେ ବିସ୍ତୃତ ଆଲୋଚନା କରିଥିଲେ। ବିଭିନ୍ନ ଛକ ଜାଗାମାନଙ୍କରେ ପ୍ରଥମେ ଟ୍ରାଫିକ ସମସ୍ୟାର ଅସ୍ଥାୟୀ ସମାଧାନ ଓ ପରବର୍ତ୍ତୀ ପର୍ଯ୍ୟାୟରେ ଦୀର୍ଘକାଳୀନ ଭିତ୍ତିରେ ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ସଂପର୍କରେ ଆଲୋଚନା କରାଯାଇଥିଲା। ଉନ୍ନୟନ କମିଶନର ଏହି ପରିପ୍ରେକ୍ଷୀରେ ବିଡିଏ, ପୂର୍ତ୍ତ ବିଭାଗ, ବିଏମସି, ପୁଲିସ, ଟ୍ରାଫିକ ପୋଲିସ ଆଦି ତରଫରୁ ଏକଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ଗୃହ ଓ ନଗର ଉନ୍ନୟନ ସଚିବ ଶ୍ରୀମତୀ ଉଷା ପାଢ଼ୀ, ବିଏମସି କମିଶନର ଏବଂ ଏମଡି, ବିଏମସିଏଲ ତଥା ଉପାଧ୍ୟକ୍ଷ ବିଡିଏ ଚଞ୍ଚଳ ରାଣା, ଭୁବନେଶ୍ୱର-କଟକ ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂଙ୍କ ସମେତ ପୁଲିସ୍ ପ୍ରଶାସନର ଅନ୍ୟ ବରିଷ୍ଠ ପଦାଧିକାରୀ ଏବଂ କମିଟିର ଅନ୍ୟ ସଦସ୍ୟମାନେ ଉପସ୍ଥିତଥିଲେ।

Printed, Published & Owned by Sandhyarani Pati, Printed at Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin : 751001, Published at : Ekanakhandi, Kendrapara, Dist- Kendrapara, Odisha, Pin : 754211, Ph. No : 09937054455, Corporate Office : VA-23/1, Unit-2, Bhubaneswar - 751009, Dist - Khordha (Odisha) Ph. No.: (0674) 2533445, Fax - 2533446

Editor : Akshaya Kumar Pati

ସଂପାଦକ : ଅକ୍ଷୟ କୁମାର ପତି